କୋରାପୁଟ ଜିଲ୍ଲାରେ ବୋରୀଗୁମ୍ମା ତହସିଲ ଅଧିନ କୁପିଆ ଗ୍ରାମରୁ "ଜୟପୁର – ନବରଙ୍ଗପୁର ନୂତନ ଓସାରିଆ ରେଳପଥ ପ୍ରକଳ୍ପ" ନିର୍ମାଣ ପାଇଁ ଅଧିଗ୍ରହଣ ହେବାକୁ ଥିବା ୧୭.୦୭୮୦ ଏକର ଘରୋଇ ଜମି ନିମନ୍ତେ

# ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ

**(ToR No.:TOR10-00005)**






୨୦୨୪

**ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର**
**ଭୁବନେଶ୍ୱର , ଓଡିଶା**
**ଙ୍କ ନିକଟରେ ଉପସ୍ଥାପନ ନିମନ୍ତେ**


## ଜିଓଏନଭିଟେକ ରିସର୍ଚ୍ଚ ଆଣ୍ଡ କନସଲଟାନସି ସର୍ଭିସେସ ପ୍ରା: ଲି:

୨ୟ ମହଲା, ଏନ ୫/୩୦୫, ଆଇ.ଆର.ସି. ଭିଲେଜ, ନୂଆପଲ୍ଲୀ,
ଭୁବନେଶ୍ୱର – ୭୫୧୦୧୫, ଓଡିଶା, ଭାରତ
ଫୋନ ନମ୍ବର -୦୬୭୪୨୩୬୨୫୫୪,
ମୋବାଇଲ ନମ୍ବର-୯୯୩୭୧୩୯୬୧୭, ୭୭୫୨୦୧୪୮୩୨,
geoenvitech@gmail.com, www.geoenvitech.org

କୋରାପୁଟ ଜିଲ୍ଲାରେ ବୋରୀଗୁମ୍ମା ତହସିଲ ଅଧିନ କୁପିଆ ଗ୍ରାମରୁ "ଜୟପୁର – ନବରଙ୍ଗପୁର ନୂତନ ଓସାରିଆ ରେଳପଥ ପ୍ରକଳ୍ପ " ନିର୍ମାଣ ପାଇଁ ଅଧିଗ୍ରହଣ ହେବାକୁ ଥିବା ୧୭.୦୭୮୦ ଏକର ଘରୋଇ ଜମି ନିମନ୍ତେ

# ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ

**(ToR No.:TOR10-00005)**

୨୦୨୪

**ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର**
**ଭୁବନେଶ୍ୱର , ଓଡିଶା**
**ଙ୍କ ନିକଟରେ ଉପସ୍ଥାପନ ନିମନ୍ତେ**


## ଜିଓଏନଭିଟେକ ରିସର୍ଚ୍ଚ ଆଣ୍ଡ କନସଲଟାନସି ସର୍ଭିସେସ ପ୍ରା: ଲି:

**୨ୟ ମହଲା, ଏନ ୫/୩୦୫, ଆଇ.ଆର.ସି. ଭିଲେଜ, ନୂଆପଲ୍ଲୀ,**
**ଭୁବନେଶ୍ୱର – ୭୫୧୦୧୫, ଓଡିଶା, ଭାରତ**
**ଫୋନ ନମ୍ବର -୦୬୭୪୨୩୬୨୫୫୪,**
**ମୋବାଇଲ ନମ୍ବର-୯୯୩୭୧୩୯୬୧୭, ୭୭୫୨୦୧୪୮୩୨,**
**geoenvitech@gmail.com, www.geoenvitech.org**

# ସୂଚୀପତ୍ର

**ବିଷୟ** **ପୃଷ୍ଠା**

**କାର୍ଯ୍ୟକାରୀ ସାରାଂଶ** **v-ix**

ପ୍ରକଳ୍ପର ନାମ
ସର୍ବସାଧାରଣ ଉଦ୍ଦେଶ୍ୟ
ସ୍ଥାନ
ପ୍ରକଳ୍ପର ପୃଷ୍ଠଭୂମି
ବିକଳ୍ପ ବିଚାର
ସାମାଜିକ ପ୍ରଭାବ
ଉପସମ ଉପାୟ
ସାମାଜିକ ବ୍ୟୟ ଏବଂ ସୁବିଧାର ନିର୍ଦ୍ଧାରଣ
ଅଧ୍ୟୟନ ଉଦ୍ଦେଶ୍ୟ
କାର୍ଯ୍ୟ ପରିସର
ଅଧ୍ୟୟନର ସୀମା

**୦୧: ପ୍ରକଳ୍ପ ବର୍ଣ୍ଣନା** **୦୧-୦୨**

୧.୧ ପ୍ରକଳ୍ପର ପୃଷ୍ଠଭୂମି
୧.୨ ପରିଚାଳନା ଢାଞ୍ଚା
୧.୩ ଅଧ୍ୟୟନର ମୂଳ ଆଧାର
୧.୪ ପ୍ରକଳ୍ପର ବିବରଣୀ
୧.୫ ବିକଳ୍ପ ଗୁଡିକର ପରୀକ୍ଷା
୧.୬ ପ୍ରକଳ୍ପ ନିର୍ମାଣର ପର୍ଯ୍ୟାୟଗୁଡିକ
୧.୭ ମୂଳ ପରିକଳ୍ପନା ରୂପ, ଆକାର ଏବଂ ସୁବିଧା ପ୍ରକାର
୧.୮ ଆନୁଷଙ୍ଗିକ ଭିତ୍ତିଭୂମି ସୁବିଧା ପାଇଁ ଆବଶ୍ୟକତା
୧.୯ କାର୍ଯ୍ୟଶୈଳୀ ଆବଶ୍ୟକତା
୧.୧୦ ପୂର୍ବରୁ ପରିଚାଳିତ SIA କିମ୍ବା EIA ର ବିବରଣୀ
୧.୧୧ ଉପଯୋଗୀ ନିୟମଗୁଡିକ

**୦୨: ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ଦଳ, ଦୃଷ୍ଟିକୋଣ ଏବଂ ପଦ୍ଧତି** **୦୩-୦୯**

୨.୧ ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ଦଳର ସଦସ୍ୟମାନଙ୍କର ଯୋଗ୍ୟତା ସହିତ ତାଲିକା
୨.୨ ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ପାଇଁ ସୂଚନା ସଂଗ୍ରହରେ ବ୍ୟବହୃତ ପଦ୍ଧତି ଏବଂ ଉପକରଣଗୁଡ଼ିକର ଯୁକ୍ତିଯୁକ୍ତ ବର୍ଣ୍ଣନା
୨.୨.୧ ପ୍ରକାଶିତ ବିଷୟ ଭିତ୍ତିକ ସମୀକ୍ଷା
୨.୨.୨ କ୍ଷେତ୍ରର ପରିଦର୍ଶନ, ପରାମର୍ଶ ଏବଂ ସୂଚନାର ପ୍ରସାର
୨.୨.୩ ଜନଗଣନା ଭିତ୍ତିକ ସର୍ବେକ୍ଷଣ ଏବଂ ବିସ୍ତାରିତ ପରିବାରଙ୍କର ଅନ୍ୱେଷଣ
୨.୨.୪ ପରିବାର ସାକ୍ଷାତକାର ମାଧ୍ୟମରେ ତଥ୍ୟ ସଂଗ୍ରହ
୨.୨.୫ ଦଳଗତ ଆଲୋଚନାର ଆୟୋଜନ
୨.୨.୬ ମାଧ୍ୟମିକ ସ୍ତରରେ ତଥ୍ୟ ସଂଗ୍ରହ
୨.୩ ବ୍ୟବହୃତ ନମୁନା ପଦ୍ଧତି
୨.୪ ତଥ୍ୟ ବିଶ୍ଳେଷଣ, ବିବରଣୀ ଓ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ପ୍ରସ୍ତୁତି
୨.୫ ଜନ ପ୍ରତିନିଧୀ ଏବଂ ପ୍ରମୁଖ ଅଂଶୀଦାରମାନଙ୍କ ସହିତ ପରାମର୍ଶର କାର୍ଯ୍ୟସୂଚୀ
୨.୫.୧ ଦଳଗତ ଆଲୋଚନାର ଫଳାଫଳର ସାରାଂଶ

୨.୬ ଜନଶୁଣାଣି ଗୁଡିକର ସଂକ୍ଷିପ୍ତ ବିବରଣୀ

**୦୩: ଜମି ମୁଲ୍ୟାଙ୍କନ** **୧୦-୧୨**

୩.୧ ପ୍ରକଳ୍ପ ପ୍ରଭାବିତ ଗ୍ରାମଗୁଡିକର ପାର୍ଶ୍ୱଚିତ୍ର

୩.୨ ପ୍ରସ୍ତାବିତ ପ୍ରକଳ୍ପ ପ୍ରଭାବିତ କ୍ଷେତ୍ର

୩.୩ ପ୍ରକଳ୍ପ ପ୍ରଭାବିତ ଜମିର ପରିମାଣ ଏବଂ ଅବସ୍ଥାନ

୩.୪ ଜମି ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ସର୍ବନିମ୍ନ ଆବଶ୍ୟକତା

୩.୫ ପ୍ରକଳ୍ପ ପାଇଁ ବିକଳ୍ପ ସ୍ଥାନ ଏବଂ ସେମାନଙ୍କର ସମ୍ଭାବ୍ୟତା

୩.୬ ଅନୁସୂଚିତ ଅଞ୍ଚଳରେ ପ୍ରସ୍ତାବିତ ଅଧିଗ୍ରହଣ ଜମି ଏକ ଶେଷ ପନ୍ଥା

୩.୭ ପୂର୍ବରୁ କ୍ରୟ ବିକ୍ରୟ, ବିଚ୍ଛିନ, ଲିଜ କିମ୍ବା ଅଧିଗ୍ରହଣ ଏବଂ ପ୍ରକଳ୍ପ ପାଇଁ ଉଦ୍ଦିଷ୍ଟ ଆବଶ୍ୟକ ପ୍ରତ୍ୟେକ ଜମିର ବ୍ୟବହାର

୩.୮ ପ୍ରକଳ୍ପ ପାଇଁ ସାର୍ବଜନୀନ, ଅବ୍ୟବହୃତ ଜମି ବ୍ୟବହାରର ସମ୍ଭାବନା ଏବଂ ସେହି ଜମି ଦଖଲରେ ଅଛି କି ନାହିଁ

୩.୯ ଜମିର ପ୍ରକୃତି

୩.୧୦ ପ୍ରସ୍ତାବିତ ଜମି ଅଧିଗ୍ରହଣରେ ଖାଦ୍ୟ ନିରାପତ୍ତା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥାର ପାଳନ

୩.୧୧ ଚୁକ୍ତିର ଆକାର, ଜମିର ମାଲିକାନା, ଆବାସିକ ଘର ସଂଖ୍ୟା ଓ ସରକାରୀ ଏବଂ ବେସରକାରୀ ସମ୍ପତ୍ତି ମୁଲ୍ୟାଙ୍କନ

୩.୧୨ ଜମି ମୂଲ୍ୟ, ଗତ ତିନିବର୍ଷ ମଧରେ ଜମିର ମାଲିକାନା ସ୍ଥାନାନ୍ତର ଏବଂ ବ୍ୟବହାରରେ ପରିବର୍ତ୍ତନ

**୦୪: ପ୍ରଭାବିତ ପରିବାର ଏବଂ ସମ୍ପତ୍ତିର ଆକଳନ ଏବଂ ଗଣନା** **୧୩-୧୫**

୪.୧ ପରିବାରର ଗଣନା

୪.୧.୧ ପୂର୍ବରୁ ସ୍ଥାନଚ୍ୟୁତ ପରିବାର

୪.୧.୨ ପ୍ରକଳ୍ପ ପ୍ରଭାବିତ ପରିବାର

୪.୧.୩ ପ୍ରଭାବିତ ପରିବାରର ଜମି କିମ୍ବା ଅନ୍ୟାନ୍ୟ ଅସ୍ଥାବର ସମ୍ପତି ଅର୍ଜନ କରାଯାଇଛି

୪.୧.୪ ଭଡାଟିଆଙ୍କ ଅଧୀନରେ ଥିବା ଜମି

୪.୧.୫ ଅନୁସୂଚିତ ଜନଜାତିର ପରିବାର ଏବଂ ଅନ୍ୟାନ୍ୟ ପାରମ୍ପାରିକ ଜଙ୍ଗଲ ବାସିନ୍ଦା ଯେଉଁମାନେ ସେମାନଙ୍କର କୌଣସି ଜଙ୍ଗଲ ଅଧିକାର ହରାଇଛନ୍ତି

୪.୧.୬ କୃଷି ଶ୍ରମିକଙ୍କ ପରିବାର, ଭଡାଟିଆ କିମ୍ବା ଉପଯୋଗୀ ଅଧିକାର, ଅଂଶଧନକାରୀ ଏବଂ କାରିଗରଙ୍କ ପରିବାର କିମ୍ବା ଯେଉଁମାନେ ଜମି ଅଧିଗ୍ରହଣ ପୂର୍ବରୁ ତିନି ବର୍ଷ ଧରି ପ୍ରଭାବିତ ଅଞ୍ଚଳରେ କାର୍ଯ୍ୟ କରୁଥିଲେ

୪.୧.୭ ଯେଉଁ ପରିବାରଗୁଡିକୁ ରାଜ୍ୟ ସରକାର କିମ୍ବା କେନ୍ଦ୍ର ସରକାର ଏହାର କୌଣସି ଯୋଜନା ଅଧୀନରେ ଜମି ନ୍ୟସ୍ତ କରିଛନ୍ତି

୪.୧.୮ ଯେଉଁ ପରିବାରମାନେ ଜମି ଅଧିଗ୍ରହଣ ପୂର୍ବରୁ ତିନି ବର୍ଷ କିମ୍ବା ତା'ଠାରୁ ଅଧିକ ସହରାଞ୍ଚଳର ଯେ କୌଣସି ଜମିରେ ରହିଆସୁଛନ୍ତି

୪.୧.୯ ପ୍ରକଳ୍ପ ଦ୍ୱାରା ପରୋକ୍ଷରେ ପ୍ରଭାବିତ ହୋଇଥିବା ପରିବାରମାନେ

୪.୧.୧୦ ପ୍ରକଳ୍ପ କ୍ଷେତ୍ରରେ ଉତ୍ପାଦନକାରୀ ସମ୍ପତ୍ତିର ତାଲିକା

**୦୫: ସାମାଜିକ-ଅର୍ଥନୈତିକ ଓ ସାଂସ୍କୃତିକ ପାର୍ଶ୍ୱଚିତ୍ର** **୧୬-୨୮**

୫.୧ ପ୍ରକଳ୍ପ ଅଞ୍ଚଳର ଜନସାଙ୍ଖ୍ୟିକ ବିବରଣୀ

୫.୧.୧ ପ୍ରଭାବିତ ପରିବାରଙ୍କ ବୟସ ଅନୁଯାୟୀ ବର୍ଗୀକରଣ

୫.୧.୨ ଲିଙ୍ଗଗତ ବର୍ଗୀକରଣ

୫.୧.୩ ଜାତି ଭିତ୍ତିକ ବର୍ଗୀକରଣ

୫.୧.୪ ବୈବାହିକ ଅବସ୍ଥା

୫.୧.୫ ପରିବାରର ପ୍ରକାର

୫.୧.୬ ପ୍ରକଳ୍ପ ପ୍ରଭାବିତ ଜନସଂଖ୍ୟାର ସାକ୍ଷରତା ସ୍ଥିତି

୫.୧.୭ ଶୈକ୍ଷିକ ଉପଲବ୍ଧି ଓ ବୃତ୍ତିଭିତ୍ତିକ କୌଶଳ
୫.୧.୮ ପରିବାରର ସ୍ୱାସ୍ଥ୍ୟ ସେବା ସୁବିଧା
୫.୧.୯ ପରିବାରର ଉପଭୋଗ ଢାଞ୍ଚା
୫.୨ ଆୟ ଏବଂ ଦାରିଦ୍ର୍ୟ ସ୍ତର
୫.୨.୧ ପ୍ରଭାବିତ ପରିବାରର ଦାରିଦ୍ର୍ୟ ଅବସ୍ଥା
୫.୨.୨ ଅର୍ଥନୈତିକ ପାର୍ଶ୍ୱଚିତ୍ର
୫.୩ ପ୍ରଭାବିତ ଦୁର୍ବଳ ପରିବାର
୫.୪ ନିର୍ଣ୍ଣୟ ନେବାରେ ଲିଙ୍ଗଭୀତିକ ସହଭାଗିତା
୫.୫ ସାମାଜିକ ଏବଂ ସାଂସ୍କୃତିକ ସଂଗଠନ
୫.୬ ଧାର୍ମିକ ଏବଂ ପବିତ୍ର ସ୍ଥାନ ଗୁଡିକ
୫.୭ ପ୍ରଶାସନିକ ସଂଗଠନଗୁଡିକ
୫.୭.୧ ଜିଲ୍ଲା ପାର୍ଶ୍ୱଚିତ୍ର
୫.୭.୨ ବୋରିଗୁମା ବ୍ଲକର ପାର୍ଶ୍ୱଚିତ୍ର
୫.୭.୩ ପ୍ରକଳ୍ପ ପ୍ରଭାବିତ ଗ୍ରାମଗୁଡିକର ପାର୍ଶ୍ୱଚିତ୍ର
୫.୮ ରାଜନୈତିକ ସଂଗଠନଗୁଡିକ
୫.୯ ସମ୍ପ୍ରଦାୟ-ଆଧାରିତ ଏବଂ ନାଗରିକ ସମାଜ ସଂଗଠନଗୁଡିକ
୫.୧୦ ଜମିର ବ୍ୟବହାର ଏବଂ ଜୀବିକା
୫.୧୧ ଆଞ୍ଚଳିକ ଅର୍ଥନୈତିକ କାର୍ଯ୍ୟକଳାପ
୫.୧୨ ଆଞ୍ଚଳିକ ଜୀବନଶୈଳୀକୁ ପ୍ରଭାବିତ କରୁଥିବା କାରକଗୁଡିକ
୫.୧୨.୧ ପ୍ରଭାବିତ ଅଞ୍ଚଳରେ ପ୍ରଭାବିତ ହେବାକୁ ଥିବା ଗଛ ଓ ବଗିଚାର ମୁଲ୍ୟାଙ୍କନ
୫.୧୨.୨ ପ୍ରଭାବିତ ଗ୍ରାମ ଗୁଡିକର ବିଭିନ୍ନ ସାଧାରଣ ସମ୍ପତ୍ତିର ମୁଲ୍ୟାଙ୍କନ
୫.୧୨.୩ ପ୍ରଭାବିତ ଅଞ୍ଚଳର ସାଧାରଣ ଏବଂ ସାମାଜିକ-ସାଂସ୍କୃତିକ ଭିତ୍ତିଭୂମି
୫.୧୩ ବାସକରୁଥିବା ପରିବେଶ
୫.୧୩.୧ ପ୍ରଭାବିତ ଘରମାନଙ୍କର ବାସଗୃହ ସଂରଚନା
୫.୧୩.୨ ପ୍ରଭାବିତ ଘରମାନଙ୍କ ଦ୍ୱାରା ପ୍ରାପ୍ତ ମୌଳିକ ସୁବିଧା
୫.୧୩.୩ ଋଣର ଉଦ୍ଦେଶ୍ୟ
**୦୬: ସାମାଜିକ ପ୍ରଭାବ ୨୯-୩୯**
୬.୧ ପ୍ରଭାବ ଗୁଡିକର ଚିହ୍ନଟ ପାଇଁ ଭିତ୍ତିଭୁମି ଏବଂ ପ୍ରବେଶ ପଥ
୬.୨ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP)
୬.୨.୧ ଜମି ଉପରେ ପ୍ରଭାବ
୬.୨.୨ ଆୟ ଏବଂ ଜୀବିକା ଉପରେ ପ୍ରକଳ୍ପର ପ୍ରଭାବ
୬.୨.୩ ଖାଦ୍ୟ ସୁରକ୍ଷା
୬.୨.୪ ନିଜ ସମ୍ପତ୍ତି ଉପରେ ପଡୁଥିବା ପ୍ରଭାବ
୬.୨.୫ ନିଷ୍କାସନ ଏବଂ ପରିମଳ ବ୍ୟବସ୍ଥାର ପରିମାଣ
୬.୨.୬ ପାନୀୟ ଜଳର ଉତ୍ସର ପରିମାଣ
୬.୨.୭ ଗାଈଗୋରୁ ମାନଙ୍କ ନିମନ୍ତେ ଜଳ
୬.୨.୮ ସର୍ବସାଧାରଣଙ୍କ ନିମନ୍ତେ ପୋଖରୀ
୬.୨.୯ ଗୋଚର ଜମିର ପରିମାଣ
୬.୨.୧୦ ବନୀକରଣ

୬.୨.୧୧ ସର୍ବସାଧାରଣଙ୍କ ଅନ୍ୟାନ୍ୟ ଉପଯୋଗୀ ବସ୍ତୁ

୬.୨.୧୨ ପ୍ରକଳ୍ପର ବିଭିନ୍ନ ପର୍ଯ୍ୟାୟ ସମୟରେ ତାହାର ପ୍ରଭାବ ଗୁଡିକ

୬.୩ ଅନୁଷ୍ଠାନିକ ଯୋଗାଡ

୬.୪ ପ୍ରକଳ୍ପ ପ୍ରଭାବିତ ପରିବାରଙ୍କ ହକଦାର ଜନିତ ଫାଇଦା (କ୍ଷତିପୂରଣ, ଥଇଥାନ ଏବଂ ପୁନର୍ବାସ )

୬.୫ ପରିବାରଙ୍କୁ ପୁନଃବସତି ଏବଂ ପୁନର୍ବାସର ସହାୟତା

୬.୫.୧ ସହାୟତା ପାଇଁ ବିକଳ୍ପ

୬.୫.୨ ରୋଜଗାର ପୁନରୁଦ୍ଧାର ନିମନ୍ତେ ସହାୟତା

୬.୬ ଆଦିବାସି ବିକାଶ ଯୋଜନା

୬.୬.୧ ଶିକ୍ଷା

୬.୬.୨ କ୍ଷତିପୂରଣ ଧନରାଶିର ଉପଯୁକ୍ତ ବ୍ୟବହାର

୬.୬.୩ ରୋଜଗାରର ପୁନଃରୁଦ୍ଧାର, ପ୍ରତିକୂଳ ପ୍ରଭାବର ଦୂରୀକରଣ ବ୍ୟବସ୍ଥା

୬.୬.୪ କୃଷି ସେବା କେନ୍ଦ୍ର ପ୍ରତିଷ୍ଠା

୬.୬.୫ ଉନ୍ନତ କୃଷି ଅଭ୍ୟାସ ଉପରେ ତାଲିମ

୬.୬.୬ ସ୍ୱୟଂ ସହାୟକ ଗୋଷ୍ଠିର ଗଠନ ଏବଂ ଆୟଭିତ୍ତିକ କାର୍ଯ୍ୟକ୍ରମର ପଦୋନ୍ନତି

୬.୬.୭ ଯୁବଶ୍ରେଣୀ ନିମନ୍ତେ ଦକ୍ଷତାପୂର୍ଣ୍ଣ ତାଲିମ

୬.୬.୮ ମଜୁରିକୁ ପ୍ରାଥମିକତା, ପ୍ରଭାବିତ ଗୋଷ୍ଠୀକୁ ଉପଚୁକ୍ତି ସୁଯୋଗ

୬.୬.୯ ପାଇଖାନା ବ୍ୟବହାର ନିମନ୍ତେ ଗୋଷ୍ଠୀ ସମ୍ବେଦୀକରଣ

୬.୬.୧୦ ମଦ ନିବାରଣ

୬.୬.୧୧ ଯୁବ ସଂଘ ସଶକ୍ତିକରଣ

୬.୬.୧୨ ଗୋଷ୍ଠି କେନ୍ଦ୍ର

୬.୬.୧୩ କ୍ୟାରିୟର ପରାର୍ମଶ କେନ୍ଦ୍ର

୬.୬.୧୪ ସାଂସ୍କୃତିକ ହସ୍ତକ୍ଷେପ

**୦୭: ମୂଲ୍ୟ ଏବଂ ଉପକାରର ବିଶ୍ଳେଷଣ ଏବଂ ଅଧିଗ୍ରହଣ ଉପରେ ସୁପାରିଶ** ୪୦-୪୧

୭.୧ ଚୂଡାନ୍ତ ସିଦ୍ଧାନ୍ତ

୭.୨ ସର୍ବସାଧାରଣ ଉଦ୍ଦେଶ୍ୟର ମୂଲ୍ୟାଙ୍କନ

୭.୩ କମ ବିସ୍ଥାପନ ବିକଳ୍ପ ଏବଂ ସର୍ବନିମ୍ନ ଜମିର ଆବଶ୍ୟକତା

୭.୪ ସାମାଜିକ ପ୍ରଭାବଗୁଡିକର ପ୍ରକୃତି ଏବଂ ଆନ୍ତରିକତା

୭.୫ ସାମାଜିକ ମୂଲ୍ୟ ଓ ଫାଇଦାର ବିଶ୍ଳେଷଣ

**ଫଟୋ ଗ୍ୟାଲେରି** ୪୨-୪୪

**ପ୍ରକଳ୍ପ କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କର ତାଲିକା** ୪୫-୫୦

**ପରିଶିଷ୍ଟ**

ପରିଶିଷ୍ଟ-୧: ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ଅଧିସୂଚନା

ପରିଶିଷ୍ଟ-୨: ଜନ ଶୁଣାଣି ନିମନ୍ତେ ଅଧିସୂଚନା

ପରିଶିଷ୍ଟ-୩: ଜନ ଶୁଣାଣିରେ ଭାଗ ନେଇଥିବା ବ୍ୟକ୍ତି ବିଶେଷଙ୍କ ତାଲିକା

# କାର୍ଯ୍ୟକାରୀ ସାରାଂଶ

**ପ୍ରକଳ୍ପର ନାମ**

ଏହି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ପ୍ରସ୍ତାବିତ "ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳ ପ୍ରକଳ୍ପ (ToR10-00005)" ପାଇଁ କୋରାପୁଟ ଜିଲ୍ଲାର ବୋରିଗୁମା ତହସିଲ ଅନ୍ତର୍ଗତ କୁପିଆ ଗ୍ରାମରୁ ଅଧିଗ୍ରହଣ ହେବାକୁ ଥିବା ୧୭.୦୭୮୦ ଏକର ଘରୋଇ ଜମି ପାଇଁ ସଞ୍ଚାଳିତ ହୋଇଅଛି ।

**ସର୍ବସାଧାରଣ ଉଦ୍ଦେଶ୍ୟ**

ପ୍ରସ୍ତାବିତ ପ୍ରକଳ୍ପ ହେଉଛି ଏକ ନୂତନ ଓସାରିଆ ରେଳପଥ ନିର୍ମାଣ ପ୍ରକଳ୍ପ, ଯାହା କାର୍ଯ୍ୟକ୍ଷମ ହେବା ପାଇଁ ଜମି ଅଧିଗ୍ରହଣର ଅବଶ୍ୟକତା ରହିଛି, ଯାହାକି ସାଧାରଣ ଜନତା ମାନଙ୍କୁ ପରିବହନ ଏବଂ ଯାତାୟାତ ସୁବିଧା ଯୋଗାଇଦେବା ପାଇଁ ଯୋଜନା କରାଯାଇଛି । ଜମି ଅଧିଗ୍ରହଣ, ପୁନଃଥଇଥାନ ଏବଂ ପୁନଃବିସ୍ଥାପନ ଆଇନ, ୨୦୧୩ ବିଭାଗ ୨- (୧) - (ଖ) - (vii) ରେ ନ୍ୟାୟଯୁକ୍ତ କ୍ଷତିପୂରଣ ଏବଂ ସ୍ୱଚ୍ଛତା ଅନୁଯାୟୀ ଏହି ପ୍ରକଳ୍ପକୁ ଏକ ସାଧାରଣ ଜନତାଙ୍କ ଉଦ୍ଦେଶ୍ୟରେ ବୋଲି ବିବେଚନା କରାଯାଇପାରେ ।

**ସ୍ଥାନ**

ପ୍ରସ୍ତାବିତ ପ୍ରକଳ୍ପ ସ୍ଥାନ ଢେଙ୍କାନାଳର ଜିଲ୍ଲା ମୁଖ୍ୟାଳୟଠାରୁ ୪୬ କିଲୋମିଟର ଦୂରରେ ରାଜପଥ NH-48 ସହିତ ଉତ୍ତର ଦିଗକୁ ଅବସ୍ଥିତ । ପ୍ରକଳ୍ପ ସ୍ଥାନଟି ଭୌଗୋଳିକ ବିବରଣୀ ଅନୁସାରେ ସର୍ଭେ ଅଫ୍ ଇଣ୍ଡିଆ ଟପୋ ସିଟ୍ ସଂଖ୍ୟା ୬୫ ଆଇ/୧୨ରେ ଅକ୍ଷାଂଶ ୧୯° ୦୫' ୫୪.୯୪" ଉତ୍ତର ଏବଂ ଦ୍ରାଘିମା ୮୨° ୩୩' ୪୧.୯୪" ପୂର୍ବ ଏବଂ ଅକ୍ଷାଂଶ ୧୯° ୦୬' ୩୨.୦୧" ଉତ୍ତର ଏବଂ ଦ୍ରାଘିମା ୮୨° ୩୩' ୫୬.୨୫" ପୂର୍ବ ମଧ୍ୟରେ ଅବସ୍ଥିତ ।

**ପ୍ରକଳ୍ପର ପୃଷ୍ଠଭୂମି**

ବର୍ତ୍ତମାନ ଅଧ୍ୟୟନ କ୍ଷେତ୍ରରେ କୋରାପୁଟ ଜିଲ୍ଲାର ୧ଟି ଗ୍ରାମ ଅର୍ଥାତ କୋରାପୁଟ ଜିଲ୍ଲାର ବୋରିଗୁମା ତହସିଲ ଅନ୍ତର୍ଗତ କୁପିଆ ଗ୍ରାମ ଅନ୍ତର୍ଭୁକ୍ତ ଅଟେ ।

**ବିକଳ୍ପ ବିଚାର**

ଏହାର ଅନ୍ୟ କୌଣସି ବିକଳ୍ପ ବିଚାର କରାଯାଇ ନାହିଁ ।

**ସାମାଜିକ ପ୍ରଭାବ**

"ନ୍ୟାୟୋଚିତ କ୍ଷତିପୂରଣ ଏବଂ ଜମି ଅଧିଗ୍ରହଣରେ ସ୍ବଚ୍ଛତା, ଥଇଥାନ ଏବଂ ପୁନର୍ବାସ ନିୟମ, ୨୦୧୩" *(Right to Fair compensation and Transparency in Land Acquisition, Rehabilitation and Resettlement Act, 20l3 of Government of India)* ଏବଂ ଏହାପରେ "ଓଡିଶା ନ୍ୟାୟୋଚିତ କ୍ଷତିପୂରଣ ଏବଂ ଜମି ଅଧିଗ୍ରହଣରେ ସ୍ବଚ୍ଛତା, ଥଇଥାନ ଏବଂ ପୁନର୍ବାସ ନିୟମ, ୨୦୧୬" *(Odisha Right to Fair compensation and Transparency in Land Acquisition, Rehabilitation and Resettlement Rule, 20l6)* ଅନୁସାରେ ପ୍ରତ୍ୟେକ ପ୍ରଭାବିତ ଏବଂ ଅଣପ୍ରଭାବିତ ପରିବାରଠାରୁ ପ୍ରକଳ୍ପର ପ୍ରଭାବ ଏବଂ ପ୍ରସ୍ତାବିତ "ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳ ପ୍ରକଳ୍ପ" ପାଇଁ ଜମି ଦେବାକୁ ସେମାନଙ୍କର ଇଚ୍ଛା / ଅନିଚ୍ଛା ବିଷୟରେ ପଚରା ଯାଇଥିଲା ଏବଂ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ପ୍ରକଳ୍ପ ପାଇଁ ଜମି ଦେବା ପ୍ରତି ସକାରାତ୍ମକ ଦୃଷ୍ଟିକୋଣ ବ୍ୟକ୍ତ କରିଥିଲେ । ଗ୍ରାମବାସୀମାନେ ଉନ୍ନତ୍ତ ପରିବହନ ସୁବିଧା, ଉନ୍ନତ୍ତ ବ୍ୟବସାୟ ସୁଯୋଗ, ଆର୍ଥିକ ସ୍ଥିତିରେ ସୁଧାର, ଉଚିତ ଏବଂ ପର୍ଯ୍ୟାପ୍ତ କ୍ଷତିପୂରଣ ବ୍ୟତୀତ ରୋଜଗାରର ଅବସର ମିଳିବାର ଆଶା ବ୍ୟକ୍ତ କରିଥିଲେ । ସର୍ବେକ୍ଷଣ ଅନୁଯାୟୀ ଏହା ସ୍ପଷ୍ଟ ଥିଲା ଯେ ପ୍ରଭାବିତ ଗ୍ରାମର ବାସିନ୍ଦାମାନେ ପ୍ରକଳ୍ପ ବିଷୟରେ ଜାଗରୁକ ଅଟନ୍ତି । ସେମାନେ ମତ ଦେଲେ ଯେ, ଏହି ପ୍ରକଳ୍ପର ଅନେକ ସକାରାତ୍ମକ ପ୍ରଭାବ ହେବ ଯେମିତି କି ଉଚିତ ନଗଦ କ୍ଷତିପୂରଣ, ଉନ୍ନତ୍ତ ପରିବହନ ସୁବିଧା, ମହତ୍ତ୍ୱପୂର୍ଣ୍ଣ ସ୍ଥାନଗୁଡିକ ସହ ସମ୍ପର୍କ ସ୍ଥାପନ, ନୂଆ ବ୍ୟବସାୟର ସୁଯୋଗର ଆଶା । ପ୍ରଭାବିତ ଲୋକଙ୍କ ମଧ୍ୟରୁ ୯୫%ରୁ ଅଧିକ କହିଥିଲେ ଯେ, ଉନ୍ନତ୍ତ ପରିବହନ ସୁବିଧା ସେମାନଙ୍କର ବିକାଶ ପାଇଁ ବହୁତ ମହତ୍ତ୍ୱପୂର୍ଣ୍ଣ ହେବ ।

ତେବେ ଏହି ଅଧିନିୟମର ଧାରା ୪(୧) ଅନୁସାରେ, ଯେବେବି ସରକାରଙ୍କୁ ସାମାଜିକ ପ୍ରଭାବର ଆକଳନ ଅଧ୍ୟୟନ କରିବା ପୂର୍ବରୁ, ସମ୍ବନ୍ଧିତ ଗ୍ରାମପଞ୍ଚାୟତ କିମ୍ବା ନଗରପାଳିକାଙ୍କ ସହିତ ପରାମର୍ଶ କରିବା ଆବଶ୍ୟକ, ଯେଉଁଥିରେ ସମ୍ପୃକ୍ତ ଥିବ,

କ) ଅଧିଗୃହିତ ଜମି ସର୍ବସାଧାରଣ ଉଦ୍ଦେଶ୍ୟରେ କାମରେ ଲାଗୁଛି କି ନାହିଁ, ତାର ମୂଲ୍ୟାଙ୍କନ କରିବା ।

ଖ) ପ୍ରଭାବିତ ପରିବାର ସଂଖ୍ୟା ଓ ତନ୍ମଧ୍ୟରୁ ବିସ୍ଥାପିତ ହେବାକୁଥିବା ପରିବାର ସଂଖ୍ୟାର ଆକଳନ ନିଶ୍ଚିତ କରିବା ।

ଗ) ସର୍ବସାଧାରଣ ଓ ବ୍ୟକ୍ତିଗତ ଜମିର ପରିମାଣ, ଗୃହ, ଉପନିବେଶ, ଏବଂ ଅନ୍ୟାନ୍ୟ ସର୍ବସାଧାରଣ ସମ୍ବଳ ଉପରେ ଅଧିଗ୍ରହଣର ସମ୍ଭାବ୍ୟ ପ୍ରଭାବ ଆକଳନ କରିବା ।

ଘ) ପ୍ରସ୍ତାବିତ ପ୍ରକଳ୍ପ ପାଇଁ ଅଧିକୃତ ଜମି ସର୍ବନିମ୍ନ ଚାହିଦା ମେଣ୍ଟାଇବା ପାଇଁ ଆବଶ୍ୟକ କି ନୁହେଁ ସୁନିଶ୍ଚିତ କରିବା ।

ପୁନଃ "ନ୍ୟାୟୋଚିତ କ୍ଷତିପୂରଣ ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଏବଂ ପୁନର୍ବାସ ନିୟମ, ୨୦୧୩" ର ଅନୁଭାଗ ୪(୬) ଅନୁସାରେ ଓଡିଶା ସରକାରଙ୍କ ସାମାଜିକ ପ୍ରଭାବ ସର୍ବେକ୍ଷଣ ପାଇଁ ଉପବିଭାଗ ହିସାବରେ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର (NCDS), ପ୍ରକଳ୍ପର ସାମାଜିକ ପ୍ରଭାବ ସର୍ବେକ୍ଷଣ (SIA) ଏବଂସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ର ପ୍ରସ୍ତୁତି ପାଇଁ ଜିଓଏନଭିଟେକ ରିସର୍ଚ୍ଚ ଆଣ୍ଡ କନ୍ସଲଟାନସୀ ସର୍ଭିସେସ ପ୍ରାଇଭେଟ ଲିମିଟେଡଙ୍କୁ ନିୟୋଜିତ କରାଯାଇଛି ।

**ଉପସମ ଉପାୟ**

ପ୍ରସ୍ତାବିତ ନୂତନ ଓସାରିଆ ରେଳ ପ୍ରକଳ୍ପ ନିମନ୍ତେ କୋରାପୁଟ ଜିଲ୍ଲାର ବୋରିଗୁମା ତହସିଲ ଅନ୍ତର୍ଗତ କୁପିଆ ଗ୍ରାମରୁ ସମୁଦାୟ ୧୭.୦୭୮ ଏକର ଘରୋଇ ଜମିର ଅଧିଗ୍ରହଣ ବିନା ସ୍ଥାନଚ୍ୟୁତରେ କରାଯାଉଅଛି । ପ୍ରଭାବିତ ଗ୍ରାମରେ ପ୍ରକଳ୍ପର ପ୍ରଭାବ କମାଇବା ପାଇଁ "ଓଡିଶା ନ୍ୟାୟୋଚିତ କ୍ଷତିପୂରଣ ଏବଂ ଜମିଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଏବଂ ପୁନର୍ବାସ ନିୟମ, ୨୦୧୬" ଏବଂ "ନ୍ୟାୟୋଚିତ କ୍ଷତିପୂରଣ ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଏବଂ ପୁନର୍ବାସ ନିୟମ, ୨୦୧୩" ପ୍ରକଳ୍ପ ପ୍ରଭାବିତ ଲୋକ, ଅଣପ୍ରଭାବିତ ଲୋକ, ସ୍ଥାନୀୟ ସ୍ୱଶାସନ ଏବଂ ଗ୍ରାମସଭା ଗୁଡିକର ପରାମର୍ଶ ଅନୁଯାୟୀ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରସ୍ତୁତ କରାଯାଇଅଛି ।

**ସାମାଜିକ ବ୍ୟୟ ଏବଂ ସୁବିଧାର ନିର୍ଦ୍ଧାରଣ**

ସାମାଜିକ ପ୍ରଭାବ ସର୍ବେକ୍ଷଣ ଦଳ ଉଭୟ ପ୍ରଭାବିତ ଏବଂ ଅଣ ପ୍ରଭାବିତ ପରିବାର ସହିତ ରେଳପଥ ନିର୍ମାଣ ପ୍ରକଳ୍ପର ସମାଜିକ ବ୍ୟୟ ଏବଂ ସୁବିଧା ବିଷୟରେ ଅଲୋଚନା କରିଥିଲେ । ପ୍ରାୟ ସମସ୍ତ ପରିବାର ପ୍ରସ୍ତାବିତ ପ୍ରକଳ୍ପ ଉପରେ ସକରାତ୍ମକ ସହମତି ଦେଇଥିଲେ । ପ୍ରଭାବିତ ପରିବାର ନିଜର ଜମି ହରାଇବେ, ଯାହାପାଇଁ ସେ କ୍ଷତିପୁରଣ ପାଇବେ, କିନ୍ତୁ ଯଦି ଏହା ସାମାଜିକ ସୁବିଧା, ଗମନାଗମନ ସୁଯୋଗ, ନୁତନ ବ୍ୟବସାୟ ସୁଯୋଗ, ଆୟବୃଦ୍ଧି, ରୋଜଗାର ସୁଯୋଗ ଇତ୍ୟାଦି ସହିତ ତୁଳନା କରଯିବ ତେବେ କ୍ଷତିର ପରିମାଣ ଅତ୍ୟନ୍ତ ନ୍ୟୁନ ହେବ ।

ସର୍ବେକ୍ଷଣ ପରେ ଏହା ଜଣାପଡିଲା ଯେ ପ୍ରଭାବିତ ପରିବାର ପ୍ରକଳ୍ପ ବିଷୟରେ ଆଗରୁ ଅବଗତ ଅଛନ୍ତି । ସମାଜିକ ସୁବିଧା କ୍ଷେତ୍ରରେ ୯୯% ଗ୍ରାମବାସୀ ଗମନାଗମନ କ୍ଷେତ୍ରରେ ଉନ୍ନତି ହେବ ମତ ଦେଇଥିଲେ । ଯାତ୍ରାର ସମୟ କିମ୍ବା ଗମନାଗମନ କରିବା, ସମୟର ମୁଲ୍ୟ ରକ୍ଷାକରିବାକୁ ସଧାରଣତଃ ପରିବହନ ମାର୍ଗ ଏବଂ ଯୋଗାଯୋଗ ଦକ୍ଷତାରେ ସୁଧାରଆଣିବା ପାଇଁ ପରିବହନ ପ୍ରକଳ୍ପର କରଯାଇଥିବା ପରିକଳ୍ପନାକୁ ସବୁଠାରୁ ଗୁରୁତ୍ତ୍ୱ ଦିଆଯାଇଥାଏ । ଏହି ପ୍ରକଳ୍ପ ଦ୍ୱାରା ଅର୍ଥନୈତିକ ସୁବିଧା ବିଷୟରେ ଗ୍ରାମବାସୀମାନେ କହିଥିଲେ ଯେ ପ୍ରକଳ୍ପ ଶେଷ ପରେ ରେଳ ଲାଇନ ପାର୍ଶ୍ୱରେ ଥିବା ଜମିର ମୂଲ୍ୟ ବଢିଯିବ ଆଉ କିଛି ଗ୍ରାମବାସୀ କହିଥିଲେ ଯେ ବ୍ୟବସାୟ କ୍ଷେତ୍ରରେ ସୁବିଧା ମିଳିପାରିବ ।

ନକାରାତ୍ମକ ପ୍ରଭାବ ଉପରେ ଗ୍ରାମବାସୀ ମାନେ କହିଥିଲେ ଯେ ନିର୍ମାଣ କାର୍ଯ୍ୟ ସମୟରେ ବାୟୁ ପ୍ରଦୁଷଣ ବଢିବ । ରେଳ ଲାଇନ ଫଳରେ ଦୁର୍ଘଟଣା ବଢିପାରେ ଏବଂ ଗୃହପାଳିତ ପଶୁ ମାନଙ୍କର ମଧ ରେଳ ଦୁର୍ଘଟଣାରେ ଆଘାତ ସଂଖ୍ୟା ବଢିବ । ଏହା ଆକଳନ କରାଯାଏ କି ପ୍ରକଳ୍ପ ଦ୍ୱାରା ସକାରାତ୍ମକ ପ୍ରଭାବ ତୁଳନାରେ ନକରାତ୍ମକ ପ୍ରଭାବ ବହୁତ କମ ଅଟେ ।

**ଅଧ୍ୟୟନ ଉଦ୍ଦେଶ୍ୟ**

ଏହି ଅଧ୍ୟୟନର ମୁଖ୍ୟ ଉଦ୍ଦେଶ୍ୟ ଗୁଡିକ ହେଲା:

କ) ପ୍ରସ୍ତାବିତ ଜମି ଅଧିଗ୍ରହଣ ସର୍ବସାଧାରଣ ଉଦ୍ଦେଶ୍ୟରେ ହେଉଛି ବୋଲି ନିଶ୍ଚିତ କରିବା ।

ଖ) ପ୍ରଭାବିତ ପରିବାର ସଂଖ୍ୟା, ଜମି ଜନିତ କ୍ଷତିର ପରିମାଣ, ଆଜୀବିକା କିମ୍ବା ଭୌତିକ ଅପସାରଣର ପରିମାଣ ଆକଳନ କରିବା । ଜମି ଅଧିଗ୍ରହଣ ହେତୁ ସେମାନଙ୍କ ମଧ୍ୟରେ ପରିବାର ସଂଖ୍ୟା ଶାରୀରିକ କିମ୍ବା ବୃତ୍ତିଗତ ଭାବରେ ପ୍ରଦର୍ଶିତ କରିବା ।

ଗ) ସର୍ବସାଧାରଣ କିମ୍ବା ବେସରକାରୀ ଜମି, ଗୃହ ଓ ସାଧାରଣ ଅନ୍ୟାନ୍ୟ ସାଧାରଣ ସମ୍ପତ୍ତି ପ୍ରସ୍ତାବିତ ଅଧିଗ୍ରହଣ ଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ପରିମାଣ ଆକଳନ କରିବା ।

ଘ) ଅଧିକୃତ ହେବାକୁଥିବା ପ୍ରସ୍ତାବିତ ଜମି ଏହି ପ୍ରକଳ୍ପ ପାଇଁ ସର୍ବନିମ୍ନ ଆବଶ୍ୟକ ଜମି ବୋଲି ନିଶ୍ଚିତ କରିବା ।

ଙ) ପ୍ରକଳ୍ପ ମୂଲ୍ୟ ଓ ପ୍ରକଳ୍ପ ଯୋଗୁ ହେବାକୁ ଥିବା ଲାଭ ଉପରେ ସମସ୍ତ ପ୍ରତ୍ୟକ୍ଷ ଓ ସାଧାରଣ ସମ୍ପତ୍ତି କ୍ଷତି ସକାଶେ ପରୋକ୍ଷ ଭାବେ, ପ୍ରଭାବିତ ଓ କ୍ଷତିଗ୍ରସ୍ତ ପରିବାର ଓ ସାମାଜିକ ଓ ଅର୍ଥନୈତିକ ଭିତ୍ତିଭୂମି ଉପରେ ସାମାଜିକ ପ୍ରଭାବର ମୂଲ୍ୟାଙ୍କନ କରିବା ।

ଚ) ଏକ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ଡିଜାଇନ୍ କରି ଉପଯୁକ୍ତ ନୀତି ଏବଂ କାର୍ଯ୍ୟକ୍ରମଗୁଡିକ ଡିଜାଇନ୍ କରି ପ୍ରତିକାରର ହସ୍ତକ୍ଷେପ ପଦକ୍ଷେପଗୁଡ଼ିକ ସୁପାରିଶ କରିବା ।

**କାର୍ଯ୍ୟ ପରିସର**

କୋରାପୁଟ ଜିଲ୍ଲାର ବୋରିଗୁମା ତହସିଲ ଅନ୍ତର୍ଗତ ୧ ଗୋଟି ଗ୍ରାମ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ହେବାକୁଥିବା ପ୍ରଭାବ ଆକଳନ ଅଧ୍ୟୟନର ପରିସରଭୁକ୍ତ ଅଟେ । ପ୍ରସ୍ତାବିତ ଅଞ୍ଚଳର ସର୍ବେକ୍ଷଣ ଆଧାରରେ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ପରିବାରମାନଙ୍କର ସାମାଜିକ ଓ ଅର୍ଥନୈତିକ ତଥ୍ୟ ଉତ୍ପନ୍ନ ହୋଇଛି ଏବଂ ପ୍ରଭାବିତ ହେବାକୁ ଥିବା ସମ୍ପତ୍ତିର ତାଲିକା ପ୍ରସ୍ତୁତ କରାଯାଇଛି । ସଂଗୃହିତ ତଥ୍ୟକୁ ଅଧାର କରି ଏହି ପ୍ରକଳ୍ପର ପ୍ରଭାବିତ ପରିବାର ମାନଙ୍କ କ୍ଷତି ଭରଣା ସମୂହ ଉନ୍ନତି ଦିଗରେ ଉଚିତ ପଦକ୍ଷେପ ନିଆଯିବ । ଏହି ଅଧ୍ୟୟନର ମୁଖ୍ୟାଂଶ ଗୁଡିକ ହେଲା:

କ) ଦଳ/ସଂଗଠନଟି ଉଭୟ ପରିମାଣାତ୍ମକ ଓ ଗୁଣାତ୍ମକ ତଥ୍ୟର ବିଶ୍ଳେଷଣ କରିବା ସହ, ବିସ୍ତୃତ କ୍ଷେତ୍ର ପରିଦର୍ଶନର ଦାୟିତ୍ୱ, ଭାଗିଦାରୀ ଉପାୟ ଗୁଡିକର ବ୍ୟବହାର ଯଥା, ଧ୍ୟାନ-କୈନ୍ଦ୍ରିକ ଦଳଗତ ଆଲୋଚନା ଏବଂ ସହଭାଗୀ ଗ୍ରାମୀଣ ମୂଲ୍ୟାଙ୍କନ, ସଂରଚିତ ସାକ୍ଷାତକାର ମାଧ୍ୟମରେ ପରିବାର ସ୍ତରରେ ଗଠନମୂଳକ ସାକ୍ଷାତକାର ଭିତ୍ତିକ ତଥ୍ୟ ସଂଗ୍ରହ କରି ଏକ ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ବିବରଣୀ ପ୍ରସ୍ତୁତ କରିବା ।

ଖ) ଏହି ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ପାଇଁ, ବିଭିନ୍ନ ସରକାରୀ ଅଧିକାରୀ, ଗ୍ରାମ ପଞ୍ଚାୟତ, ପୌରପରିଷଦ ମାନଙ୍କ ପରାମର୍ଶ ଗ୍ରହଣ କରିବା ଓ ସେମାନଙ୍କୁ ସାମିଲ କରିବା ।

ଗ) ବିସ୍ତୃତ ମୂଲ୍ୟାଙ୍କନ ଆଧାରିତ ଜମି ସମ୍ବନ୍ଧୀୟ ପ୍ରଯୁଜ୍ୟ ନଥିପତ୍ର ଯାଞ୍ଚ କରି କ୍ଷେତ୍ର ତଥ୍ୟ, କ୍ଷେତ୍ରସ୍ଥ ଯାଞ୍ଚ, ସମୀକ୍ଷା ଓ ସମରୂପ ପ୍ରକଳ୍ପ ସହ ତୁଳନା କରି ସମସ୍ତ ପ୍ରାପ୍ତ ତଥ୍ୟର ଅନୁଶୀଳନ କରିବା । ଏହି ମୂଲ୍ୟାଙ୍କନ ନିମ୍ନଲିଖିତ ତଥ୍ୟ ଗୁଡିକସହ ଜଡିତ:

- ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳର କ୍ଷେତ୍ର, ଅଧିକୃତ ହେବାକୁ ଥିବା ଜମି ଏବଂ ପ୍ରକଳ୍ପର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ, ପାରିବେଶିକ ଓ ଅନ୍ୟାନ୍ୟ ପ୍ରଭାବ,
- ଅଧିକୃତ ହେବାକୁ ଥିବା ଜମିର ପରିମାଣ ଓ ଅବସ୍ଥିତି ଓ ଏହା ପ୍ରକଳ୍ପ ନିର୍ମାଣ ସକାଶେ ସର୍ବନିମ୍ନ ଜରୁରୀ କି ନୁହଁ,
- ସମ୍ଭାବ୍ୟ ବିକଳ୍ପ କ୍ଷେତ୍ର ଓ ସେମାନଙ୍କ ସାଧ୍ୟତା,
- ଏହା ଅନୁସୂଚିତ ଅଞ୍ଚଳ କି ଏବଂ ଏହା ପ୍ରତ୍ୟକ୍ଷ ଭାବେ ଶେଷ ଉପାୟ କି,
- କୌଣସି ଜମି ପୂର୍ବରୁ କ୍ରୀତ, ଅନ୍ୟସଙ୍କ୍ରାନ୍ତ, ପଟ୍ଟା ଦିଆଯାଇଥିବା କିମ୍ବା ଅଧିଗୃହିତ ପ୍ରତ୍ୟେକ ଭୂମିଖଣ୍ଡର ବାଞ୍ଛିତ ବ୍ୟବହାର,
- କୌଣସି ସାର୍ବଜନୀକ ଅବ୍ୟବହୃତ ଜମିର ବ୍ୟବହାର ପାଇଁ ସମ୍ଭାବନା ଓ ସେପରି ଜମି କାହା ଦଖଲରେ ଅଛି କି,
- ଜମିର ପ୍ରକାର, ବର୍ତ୍ତମାନ ବ୍ୟବହାର, ଜମିର କିସମ ଓ ଯଦି ଏହା ଚାଷ ଜମି, ତେବେ ଜଳସେଚନ ବ୍ୟାପ୍ତି ଓ ଫସଲ ପଦ୍ଧତି,
- ପ୍ରଭାବିତ ପରିବାରଙ୍କ ଖାଦ୍ୟ ସୁରକ୍ଷା ଉପରେ ଜମିର ପ୍ରଭାବ,
- ଜମିର ଆକାର, ମାଲିକାନା, ଜମିର ବିତରଣ, ବାସଗୃହ ସଂଖ୍ୟା ଏବଂ ସାର୍ବଜନୀକ ଓ ବ୍ୟକ୍ତିଗତ ସମ୍ପତ୍ତି ଏବଂ,
- ଜମିର ମୂଲ୍ୟ ଓ ମାଲିକାନାରେ ପରିବର୍ତ୍ତନ ଓ ବିଗତ ତିନି ବର୍ଷ ମଧ୍ୟରେ ଜମିର ବ୍ୟବହାର ଇତ୍ୟାଦିକୁ ସ୍ଥାନିତ କରିବା ।

ଘ) ଜମି ମୂଲ୍ୟାଙ୍କନ, ଜମି ନଥିପତ୍ର ଯାଞ୍ଚ ଓ ସତ୍ୟାସତ୍ୟକୁ ଆଧାର କରି ପ୍ରଭାବିତ ଓ ବିସ୍ଥାପିତ ପରିବାରର, ସମସ୍ତ ପରିବାରର ଜନଗଣନା ପରିସଂଖ୍ୟାନର ସଠିକ ସଂଖ୍ୟା ଆକଳନ କରିବା ।

ଙ) ପ୍ରଭାବିତ ସ୍ଥାନର ସାମାଜିକ-ଅର୍ଥନୈତିକ ଓ ସାଂସ୍କୃତିକ ପାର୍ଶ୍ୱଚିତ୍ର (ଫର୍ମ-F ଅନୁସାରେ) ପ୍ରସ୍ତୁତ କରିବା ।

ଚ) କ୍ଷେତ୍ରର ତଥ୍ୟସଂଗ୍ରହ ଅନୁସାରେ, ଜନ ପ୍ରତିନିଧି, ପ୍ରଭାବିତ ସମୁଦାୟ, ପ୍ରମୁଖ ହିତାଧିକାରୀଙ୍କ ପରାମର୍ଶ ଅନୁସାରେ ଏସଆଇଏ ଦଳ/ସଂଗଠନ ପ୍ରକଳ୍ପର ସମସ୍ତ ସକାରାତ୍ମକ ଓ ନକାରାତ୍ମକ ପ୍ରଭାବ ଗୁଡିକୁ ଚିହ୍ନଟ କରି ସେମାନଙ୍କ ପ୍ରକାରଭେଦ, ସୀମା ଓ ତୀବ୍ରତାର ଲାଭ-ବ୍ୟୟ ଉପାୟରେ ମୂଲ୍ୟାଙ୍କନ ପ୍ରସ୍ତୁତ କରିବା (ଫର୍ମ-G ଅନୁସାରେ) ।

ଛ) ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ଅଧ୍ୟୟନ ସମୟରେ ଚିହ୍ନିତ ହୋଇଥିବା ନକାରାତ୍ମକ ପ୍ରଭାବଗୁଡିକର ପ୍ରଶମନ ନିମନ୍ତେ ସୁଧାରାତ୍ମକ ପଦକ୍ଷେପ ନିହିତ ଏକ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରସ୍ତୁତ କରିବା ଏବଂ ଏହାର ପ୍ରଶମନ ଏବଂ ପ୍ରଭାବିତ ଓ ସ୍ଥାନାନ୍ତରିତ ଲୋକଙ୍କ ପୁନର୍ବାସ ଓ ପୁନଃସ୍ଥାପନ ନିମନ୍ତେ ଏକ ବ୍ୟାପକ ଅନୁଶୀଳନ ପ୍ରସ୍ତୁତ କରିବା ।

ଜ) ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ଏହି ପ୍ରକଳ୍ପରୁ ଅର୍ଜିତ ସାମାଜିକ ମୂଲ୍ୟ ଓ ପ୍ରକଳ୍ପରୁ ଲାଭର ବ୍ୟାପକ ବିଶ୍ଳେଷଣ ଏବଂ ଜମି ହରାଇଥିବା ଓ ସ୍ଥାନାନ୍ତରିତ ହେବାକୁ ଥିବା ଲୋକମାନଙ୍କ ଦାରିଦ୍ର୍ୟ ଆଶଙ୍କା ଓ ଏହାର ପ୍ରଶମନ ଏବଂ ପ୍ରଭାବିତ ଲୋକଙ୍କ ପୁନର୍ବାସ ଓ ପୁନଃସ୍ଥାପନ ନିମନ୍ତେ ଏକ ଉପଶମ ଯୋଜନା ପ୍ରସ୍ତୁତ କରିବା ।

ଝ) ସାମାଜିକ ପ୍ରଭାବ ପରିଚାଳନା ଯୋଜନା ଭାଗ ୪(କ) ବ୍ୟବସ୍ଥା ଅନୁସାରେ ଅନୁସୂଚିତ ଅଞ୍ଚଳରେ ଅଧିଗ୍ରହଣ ପ୍ରକ୍ରିୟାର ବିକାଶ ଯୋଜନାକୁ ନିଶ୍ଚିତ ଭାବରେ ଅନ୍ତର୍ଭୁକ୍ତ କରିବା।

ଞ) ଜନଶୁଣାଣୀର ଅନ୍ତତଃ ୨ ସପ୍ତାହ ଆଗରୁ ସାମାଜିକ ପ୍ରଭାବ ମୂଲ୍ୟାଙ୍କନର ଏକ ପ୍ରାରୂପ ବିବରଣୀ ଏବଂ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (ଫର୍ମ-D ଅନୁସାରେ)କୁ ଆଞ୍ଚଳିକ ଭାଷା (ଓଡିଆ)ରେ ପ୍ରସ୍ତୁତ କରି ଏହାର ପ୍ରତିଲିପି ସମସ୍ତ ଗ୍ରାମ ପଞ୍ଚାୟତ ଓ ପୌରପରିଷଦ ତା' ସହିତ ଜିଲ୍ଲାପାଳ, ଉପ ଜିଲ୍ଲାପାଳ, ଏଲ.ଏ.ଓ., ତହସିଲଦାର, ଏନ.ସି.ଡି.ଏସ. ଏବଂ କାର୍ଯ୍ୟକାରୀ ସଂସ୍ଥା ମଧ୍ୟରେ ବଣ୍ଟନ କରିବା । ଅତିରିକ୍ତ, ସାମାଜିକ ପ୍ରଭାବ ମୂଲ୍ୟାଙ୍କନର ଏକ ପ୍ରାରୂପ ବିବରଣୀ ଇଂରାଜୀରେ ସମ୍ପୃକ୍ତ ଜିଲ୍ଲାପାଳ, ଏନ.ସି.ଡି.ଏସ. ଏବଂ କାର୍ଯ୍ୟକାରୀ ସଂସ୍ଥାକୁ ଉପସ୍ଥାପିତ କରିବା ।

ଟ) ସ୍ଥାନୀୟ ପ୍ରଶାସନ ଓ ଜମି ଅଧିଗ୍ରହଣକାରୀ ସଂସ୍ଥାଙ୍କ ସହାୟତାରେ ଜନଶୁଣାଣୀ କାର୍ଯ୍ୟକ୍ରମ କରି, ସେଠାରେ ସଂଗୃହିତ ତଥ୍ୟର ସାରାଂଶ ଆଞ୍ଚଳିକ ଭାଷାରେ ପ୍ରସାରିତ କରିବା ଓ ସେମାନଙ୍କ ପ୍ରତିକ୍ରିୟା ଆହ୍ୱାନ କରିବା ପରେ ଯଦି ଅତିରିକ୍ତ ସୂଚନା କିଛି ମିଳେ, ସେ ସବୁକୁ ଚୂଡାନ୍ତ ବିବରଣୀରେ ସ୍ଥାନିତ କରିବା ।

ଠ) ଜନଶୁଣାଣୀର ଭିଡିଓ ଉତ୍ତୋଳନ ଓ ଭାଷାନ୍ତର ଯାହାକି ସଂଶୋଧିତ ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ଓ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ଅନୁସାରେ ସେମାନଙ୍କର ବିଶ୍ଳେଷଣର ଉପସ୍ଥାପନା କରିବା ।

ଡ) ସର୍ତ୍ତ ଅନୁସାରେ ସମ୍ପୃକ୍ତ ଅଧିକାରୀଙ୍କ ବଣ୍ଟନ ପାଇଁ ଶେଷ ସାମାଜିକ ପ୍ରଭାବ ମୂଲ୍ୟାଙ୍କନର ତଥ୍ୟ ଉଭୟ ଇଂରାଜୀ ଓ ଓଡିଆ ଭାଷାରେ ପ୍ରସ୍ତୁତ ହେବ, ୪ ଗୋଟି କପି ଇଂରାଜୀ ଭାଷାରେ ସମ୍ପୃକ୍ତ ଜିଲ୍ଲାପାଳ, ସରକାର, ପ୍ରକଳ୍ପକାର୍ଯ୍ୟକାରୀ ଅଧିକାରୀ ଏବଂ ଏନ.ସି.ଡି.ଏସ. ଏବଂ ୧୦ ଗୋଟି କପି ଓଡିଆ ଭାଷାରେ ଏଲ.ଏ.ଓ., ତହସିଲଦାର ଏବଂ ବିଶେଷଜ୍ଞ ସମିତିର ସଦସ୍ୟ (ପ୍ରକଳ୍ପ ସହିତ ଜଡିତ ୨ ବେସରକାରୀ ସାମାଜିକ ବୈଜ୍ଞାନିକ, ୨ସ୍ଥାନୀୟ ଥଇଥାନ ପ୍ରତିନିଧି, ୨ ପୁନର୍ବାସ ବିଶେଷଜ୍ଞ ଏବଂ ଜଣେ ବୈଷୟିକ ବିଶେଷଜ୍ଞ) ମାନଙ୍କୁ ପ୍ରଦାନ କରିବା ।

**ଅଧ୍ୟୟନର ସୀମା**

ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ଅଧ୍ୟୟନ ସମୟରେ ଦଳ ପ୍ରାରମ୍ଭରୁ ବହୁତ ଗୁଡିଏ ଅସୁବିଧାର ସମ୍ମୁଖିନ ହୋଇଥିଲା । ପ୍ରାରମ୍ଭରେ ତଥ୍ୟ ସଂଗ୍ରହ ଗ୍ରାମରେ ଉପଲବ୍ଧ ଥିବା ଘର ଗୁଡିକରୁ ହିଁ ହୋଇଥିଲା, କିନ୍ତୁ କିଛି ପରିବାର ପ୍ରବାସରେ ରହୁଥିଲେ ବୋଲି ସେହି ସମୟରେ ଜଣାପଡିଥିଲା, କିଛି ପ୍ରଭାବିତ ପରିବାର ପ୍ରଭାବିତ ଗ୍ରାମଗୁଡିକରେ ଜମି ଥିବାସତ୍ତ୍ୱେ ଅନ୍ୟଗ୍ରାମରେ ବାସ କରୁଛନ୍ତି । କେତେକ କ୍ଷେତ୍ରରେ ପ୍ରଭାବିତ ପରିବାରଙ୍କ ନାମ ସେମାନଙ୍କ ଜମି ତାଲିକା ଅନୁସାରେ ବାରମ୍ବାର ଅଛି ବୋଲି ଜଣାପଡିଥିଲା । ଗ୍ରାମରୁ ସୂଚନା ଏକାଠି କରି ପାଖ ଗ୍ରାମରେ ବାସକରୁଥିବା ପ୍ରଭାବିତ ପରିବାରଙ୍କୁ ଖୋଜିବା ଦଳପାଇଁ ଏକ ଆହ୍ୱାନ ଭଳି ଥିଲା । TOR ଅନୁସାରେ ୧୭.୦୭୮ ଏକର ଘରୋଇ ଜମି ପ୍ରଭାବିତ ଗାଁର ୩୮ ଟି ପରିବାରରୁ ଅଧିଗ୍ରହଣ ହେବାକୁ ଯାଉଛି, ଯେଉଁଥିରୁ ସର୍ବେକ୍ଷଣ ଦଳ ୪୮ ପରିବାରର ଅଧିଗ୍ରହଣ ହେବାକୁ ଥିବା ୧୪.୬୨୩ ଏକର ଜମି ସର୍ବେକ୍ଷଣ କରି ପାରିଥିଲେ ଏବଂ ୧୦ଟି ପରିବାରକୁ ଛାଡିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନଥିଲା । ଘରଗୁଡିକର ସବିଶେଷ ବିବରଣୀ ନିମ୍ନ ସାରଣୀରେ ଦିଆଯାଇଛି ।

| ଖାତା ସଂ. | ପ୍ଲଟ ସଂ | କିସମ | ସମୁଦାୟ ପ୍ରଭାବିତ ଜମି | ସମୁଦାୟ ଅଧିଗୃହିତ ଜମି | ହିତାଧିକାରୀଙ୍କ ନାମ | ୪(୧) ବିଜ୍ଞପ୍ତି ଅନୁସାରେ ପ୍ରଭାବିତ ଘର ସଂଖ୍ୟା | ଟିପ୍ପଣୀ |
|---|---|---|---|---|---|---|---|
| ୧୫୨/୩୯୪ | ୪୫୭/୯୯୨ | ଘରବାରୀ | ୧.୩୩୧୭ | ୦.୭୨୪୦ | ଏସ୍. ଗୁପ୍ତେଶ୍ବର ରାଓ ପି:ଏସ୍. ଲୋକନାଥ ସରାଫ୍ ଜା: ବିଶ୍ୱବ୍ରାହ୍ମଣ ବା: ଜୟପୁର | ୧ | ଅନ୍ୟ ଗ୍ରାମରେ ରହୁଛନ୍ତି |
| | ୪୫୭/୯୮୯ | ଘରବାରୀ | ୦.୪୬୨୦ | ୦.୧୭୯୦ | | | |
| ୧୫୨/୪୦୬ | ୪୫୭/୬୮୧/୯୮୪ | ଡଙ୍ଗର-୨ | ୧.୯୦୦୦ | ୧.୩୧୩୦ | | | |

| | | | | | | | |
|---|---|---|---|---|---|---|---|
| ୧୫୨/୪୦୨ | ୪୫୭/୯୯୨/୯୯୮ | ଘରବାରୀ | ୦.୧୦୦୦ | ୦.୦୧୮୦ | ଦୀପକ ଦାସ ପି:ପ୍ରଶନ୍ନ କୁମାର ଦାଶ ଜା: ବ୍ରାହ୍ମଣ ବା: ଗଣ୍ଡମୁଣ୍ଡା, ଖଣ୍ଡଗିରି | ୧ | ଅନ୍ୟ ଗ୍ରାମରେ ରହୁଛନ୍ତି |
| ୧୫୨/୪୦୩ | ୪୫୭/୯୯୨/୯୯୯ | ଘରବାରୀ | ୦.୨୦୦୦ | ୦.୦୧୩୦ | ଗୋବିନ୍ଦମ ରାମଲେଲା ସ୍ୱା:ଜି. ରବି ବାବୁ ଜା: ଶାତାନି ବୈଷ୍ଣବ ବା: ଆଦିତ୍ୟ ହସପିଟାଲ, ହାଇଦ୍ରାବାଦ | ୧ | ହାଇଦ୍ରାବାଦରେ ରହୁଛନ୍ତି |
| ୧୫୨/୪୦୫ | ୪୫୭/୯୯୨/୧୦୦୧ | ଘରବାରୀ | ୦.୦୪୦୦ | ୦.୦୪୦୦ | ଶର୍ମିଷ୍ଠା ରଥ ସ୍ୱା:ଶ୍ରୀକାନ୍ତ କୁମାର ପଣ୍ଡା ଜା: ବ୍ରାହ୍ମଣ ବା: ଡଙ୍ଗରଭେଜା | ୧ | ଅନ୍ୟ ଗ୍ରାମରେ ରହୁଛନ୍ତି |
| ୧୫୨/୪୧୧ | ୪୫୭/୯୯୨/୯୮୯ | ଘରବାରୀ | ୦.୦୪୦୦ | ୦.୦୨୪୦ | ନିହାରକାନ୍ତ ପଟ୍ଟନାୟକ ପି:ପଦ୍ମଚରଣ ପଟ୍ଟନାୟକ ଜା: କରଣ ବା: ବୋରିଗୁମ୍ମା | ୧ | ଅନ୍ୟ ଗ୍ରାମରେ ରହୁଛନ୍ତି |
| ୧୫୨/୪୧୩ | ୪୫୭/୬୮୧/୯୯୧/୧୦୦୩ | ଘରବାରୀ | ୦.୦୩୫୦ | ୦.୦୩୫୦ | ସାରଦା ପଣ୍ଡା ପି:ରାଧାକୃଷ୍ଣ ପଣ୍ଡା ଜା: ବ୍ରାହ୍ମଣ ବା: ପାଇକ ସାହି, ଜୟନଗର, ଜୟପୁର | ୧ | ଅନ୍ୟ ଗ୍ରାମରେ ରହୁଛନ୍ତି |
| | ୪୫୭/୯୯୨/୧୦୦୪ | ଘରବାରୀ | ୦.୦୦୫୦ | ୦.୦୦୫୦ | | | |
| ୧୫୨/୪୧୮ | ୪୫୭/୯୯୨/୧୦୦୯ | ଘରବାରୀ | ୦.୦୪୧୩ | ୦.୦୩୫୦ | ଏ. ମନୋଜ କୁମାର, ଏ. ଚନ୍ଦନ କୁମାର ପି: ଏ. ମାଧବ ରାଓ ଜା: ତେଲେଗା ବା: ନବରଙ୍ଗପୁର | ୨ | ନବରଙ୍ଗପୁରରେ ରହୁଛନ୍ତି |
| ୧୫୨/୪୧୯ | ୪୫୭/୯୯୨/୧୦୧୦ | ଘରବାରୀ | ୦.୦୫୨୦ | ୦.୦୫୧୦ | ସନ୍ତୋଷ କୁମାର ସାହୁ ପି:ସଚିଦାନନ୍ଦ ସାହୁ ଜା: ବ୍ରାହ୍ମଣ ବା: ଜୟପୁର | ୧ | ଅନ୍ୟ ଗ୍ରାମରେ ରହୁଛନ୍ତି |
| ୧୫୨/୪୨୦ | ୪୫୭/୭୩୯/୯୮୯/୧୦୧୧ | ଘରବାରୀ | ୦.୦୧୮୦ | ୦.୦୧୮୦ | କେ. ସୁଜାତା ସ୍ୱା:କେ. ଶ୍ରୀନିବାସ ଜା: ତେଲେଗା ବା: ବଡମାଳ, ବଲାଙ୍ଗୀର | ୧ | ବଲାଙ୍ଗୀରରେ ରହୁଛନ୍ତି |
| **ସମୁଦାୟ** | | | | ୨.୪୫୫୦ | | **୧୦** | |

# ଅଧ୍ୟାୟ-୦୧: ପ୍ରକଳ୍ପ ବର୍ଣ୍ଣନା

## ୧.୧ ପ୍ରକଳ୍ପର ପୃଷ୍ଠଭୂମି

ଜୟପୁର-ନବରଙ୍ଗପୁର ରେଳ ଲାଇନର ପ୍ରସ୍ତାବିତ ସମ୍ପ୍ରସାରଣ ନବରଙ୍ଗପୁର ଏବଂ କାଲାହାଣ୍ଡି ଜିଲ୍ଲାର ଲୋକଙ୍କୁ ବହୁତ ଉତ୍ସାହିତ କରିଛି, କାରଣ ଏହା ସେମାନଙ୍କର ଦୀର୍ଘ ଦିନର ଦାବି ମଧ୍ୟରୁ ଗୋଟିଏ । ରାଜ୍ୟ ସରକାର ଏପର୍ଯ୍ୟନ୍ତ ଏହି ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କରୁ ନ ଥିବାରୁ ରେଳ ଯୋଗାଯୋଗକୁ କେ-ବି-କେ ଜିଲ୍ଲାର ସବୁଠୁ ଅପହଞ୍ଚ ଅଞ୍ଚଳରେ ବିସ୍ତାର କରିବାକୁ ଲକ୍ଷ୍ୟ ରଖିଥିବା ରେଳ ପ୍ରକଳ୍ପ ଜୟପୁର-ନବରଙ୍ଗପୁରର ରେଳ ପ୍ରକଳ୍ପ ସନ୍ତୁଳିତ ରହିଛି ।

କେନ୍ଦ୍ର ସରକାର ୨୦୧୬ ମସିହାରେ ଜୟପୁର-ନବରଙ୍ଗପୁର ରେଳ ଲାଇନକୁ ୪୧ କିଲୋମିଟର ବୃଦ୍ଧି କରି ୭୫୦କୋଟି ଟଙ୍କା ବ୍ୟୟ ଘୋଷଣା କରିଥିଲେ । ସେହିଭଳି ଜୟପୁର-ମାଲକାନଗିରି ରେଳ ପ୍ରକଳ୍ପକୁ ୨୭୦୦ କୋଟି ଟଙ୍କା ବଜେଟ୍ ବ୍ୟବସ୍ଥା ସହିତ ୧୩୦ କିଲୋମିଟର ବୃଦ୍ଧି କରାଯିବ । ପରେ, ଜୟପୁର-ମାଲକାନଗିରି ରେଳ ପ୍ରକଳ୍ପ ପାଇଁ ୬୬ଟି (କୋରାପୁଟରେ ୨୯ଟି ଏବଂ ମାଲକାନଗିରିରେ ୩୭ଟି) ଗ୍ରାମରେ ଥିବା ୩୫୬ ହେକ୍ଟର ବେସରକାରୀ ଜମି ଏବଂ ୭୪୩ ହେକ୍ଟର ସରକାରୀ ଜମି ଅଧିଗ୍ରହଣ ପାଇଁ ଉଭୟ ରାଜ୍ୟ ଏବଂ ରେଳ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଥିଲେ । ସେହିପରି ଜୟପୁର-ନବରଙ୍ଗପୁର ରେଳ ପ୍ରକଳ୍ପ ପାଇଁ ୨୬ଟି (କୋରାପୁଟରେ ୨୦ଟି ଏବଂ ନବରଙ୍ଗପୁରରେ ୬ଟି) ଗାଁରେ ଥିବା ପ୍ରାୟ ୩୩୭ ହେକ୍ଟର ଘରୋଇ ଜମି ଏବଂ ୧୧୪ ହେକ୍ଟର ସରକାରୀ ଜମି ଅଧିଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଛି ।

## ୧.୨ ପରିଚାଳନା ଢାଞ୍ଚା

ଏହି ପ୍ରକଳ୍ପର ମୁଖ୍ୟ କାର୍ଯ୍ୟଗୁଡିକର ପରିଚାଳନା ଦାୟିତ୍ୱ ଉପ ମୁଖ୍ୟ ଯନ୍ତ୍ରୀ, ନିର୍ମାଣ (୧), ପୂର୍ବତଟ ରେଳପଥ, କୋରାପୁଟ କାର୍ଯ୍ୟାଳୟ ଦ୍ୱାରା ନିଆଯାଇଅଛି ।

## ୧.୩ ଅଧ୍ୟୟନର ମୂଳ ଆଧାର

ପ୍ରସ୍ତାବିତ ପ୍ରକଳ୍ପଟି ଏକ ନୂତନ ଓସାରିଆ ରେଳପଥ ନିର୍ମାଣ ପ୍ରକଳ୍ପ ଯାହାକି ମୁଖ୍ୟତଃ କୋରାପୁଟ ଏବଂ ନବରଙ୍ଗପୁର ଜିଲ୍ଲାର ଜନସାଧାରଣଙ୍କୁ ପରିବହନ ଏବଂ ଯାତାୟାତ ସୁବିଧା ଯୋଗାଇଦେବାକୁ ପରିକଳ୍ପନା ହୋଇଛି । ଏହି ପ୍ରକଳ୍ପ ପାଇଁ ହେବାକୁ ଥିବା ଜମି ଅଧିଗ୍ରହଣ ପୂର୍ଣ୍ଣତଃ ସାଧାରଣ ଜନତାଙ୍କୁ ଫାଇଦା ଯୋଗାଇବା ଉଦ୍ଦେଶ୍ୟରେ କରାଯାଇଛି । ପ୍ରକଳ୍ପଟିକୁ କାର୍ଯ୍ୟକାରୀ କରିବା ପାଇଁ ଘରୋଇ ଜମି ଓ ତତସଂଲଗ୍ନ ସ୍ଥାବର ସମ୍ପତ୍ତି ଅଧିଗ୍ରହଣ, ଲୋକମାନଙ୍କର ଅନିଚ୍ଛା ସତ୍ତ୍ୱେ ସ୍ଥାନାନ୍ତରଣ, ସେମାନଙ୍କୁ ସେମାନଙ୍କ ଜମି, ଘର ଏବଂ ଜୀବିକାରେ ବାଧାଦେବା ଦ୍ୱାରା ମନସ୍ତାତ୍ତ୍ୱିକ, ଅର୍ଥନୈତିକ ଏବଂ ସାମାଜିକ-ସାଂସ୍କୃତିକ ଅଶାନ୍ତିର କାରଣ ହୋଇଥାଏ । ଏହି ପ୍ରସଙ୍ଗରେ ପ୍ରଭାବିତ ଲୋକଙ୍କୁ ସୁରକ୍ଷା ଦେବା ସହିତ ଦୁର୍ବଳ ଶ୍ରେଣୀଙ୍କୁ ଗୁରୁତ୍ୱ ଦେବାକୁ ବର୍ତ୍ତମାନର ଅଧ୍ୟୟନ ମନସ୍ଥ କରିଛି ଏବଂ ପ୍ରଚଳିତ କାର୍ଯ୍ୟ ଓ ନିୟମ ଅନୁସାରେ "ନ୍ୟାୟୋଚିତ କ୍ଷତିପୂରଣ ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଏବଂ ପୁନର୍ବାସ ନିୟମ, ୨୦୧୩" ଏବଂ "ଓଡିଶା ନ୍ୟାୟୋଚିତ କ୍ଷତିପୂରଣ ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଏବଂ ପୁନର୍ବାସ ନିୟମ,୨୦୧୬" ପରିଚାଳନା ଯୋଜନା ପ୍ରସ୍ତୁତ କରାଯାଇଅଛି ।

## ୧.୪ ପ୍ରକଳ୍ପର ବିବରଣୀ

ବର୍ତ୍ତମାନ ଅଧ୍ୟୟନ କ୍ଷେତ୍ରରେ କୋରାପୁଟ ଜିଲ୍ଲାର ବୋରିଗୁମା ତହସିଲ ଅନ୍ତର୍ଗତ କୋପିଆ ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇଅଛି ।

## ୧.୫ ବିକଳ୍ପ ଗୁଡିକର ପରୀକ୍ଷା

ପ୍ରକଳ୍ପ ପାଇଁ ଅନ୍ୟ କୌଣସି ବିକଳ୍ପ ବିବେଚନା କରାଯାଇ ନାହିଁ ।

## ୧.୬ ପ୍ରକଳ୍ପ ନିର୍ମାଣର ପର୍ଯ୍ୟାୟଗୁଡିକ

ବେସରକାରୀ ଜମି ଅଧିଗ୍ରହଣ ଏବଂ ପାଣ୍ଠି ଗ୍ରହଣ ପରେ କାର୍ଯ୍ୟର ଉଭୟ ପାର୍ଶ୍ୱରେ କାର୍ଯ୍ୟର ପର୍ଯ୍ୟାୟ ଅଗ୍ରଗତି ହେବ ।

## ୧.୭ ମୂଳ ପରିକଳ୍ପନା ରୂପ, ଆକାର ଏବଂ ସୁବିଧା ପ୍ରକାର

ମୂଳ ପରିକଳ୍ପନା ରୂପ ଆକାର ଏବଂ ସୁବିଧା ପ୍ରକାର ଉପଲବ୍ଧ କରାଯାଇ ନାହିଁ ।

### ୧.୮ ଆନୁଷଙ୍ଗିକ ଭିତ୍ତିଭୂମି ସୁବିଧା ପାଇଁ ଆବଶ୍ୟକତା

ଏହି ପ୍ରକଳ୍ପ ପାଇଁ ଆନୁଷଙ୍ଗିକ ଭିତ୍ତିଭୂମି ସୁବିଧାଗୁଡ଼ିକର ଆବଶ୍ୟକତା ନାହିଁ ।

### ୧.୯ କାର୍ଯ୍ୟଶୈଳୀ ଆବଶ୍ୟକତା

ପ୍ରକଳ୍ପ ପାଇଁ କାର୍ଯ୍ୟ ଶକ୍ତି ଆବଶ୍ୟକତା ସମ୍ବନ୍ଧରେ କୌଣସି ତଥ୍ୟ ଉପଲବ୍ଧ ନାହିଁ ।

### ୧.୧୦ ପୂର୍ବରୁ ପରିଚାଳିତ SIA କିମ୍ବା EIA ର ବିବରଣୀ

ପ୍ରକଳ୍ପ ପାଇଁ କୌଣସି SIA କିମ୍ବା EIA କିମ୍ବା ସମ୍ଭାବ୍ୟ ବୈଷୟିକ ବିବରଣୀ ଉପଲବ୍ଧ ନାହିଁ ।

### ୧.୧୧ ଉପଯୋଗୀ ନିୟମଗୁଡିକ

ଭାରତ ସରକାରଙ୍କ ପ୍ରଚଳିତ ନୂଆ ନିୟମ “ନ୍ୟାୟୋଚିତ କ୍ଷତିପୂରଣ ଏବଂ ଜମିଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଏବଂ ପୁନର୍ବାସ ନିୟମ, ୨୦୧୩” ପ୍ରଚଳନ ହେବା ପରେ ଓଡିଶା ସରକାର ନୂଆ ନିୟମ “ଓଡିଶା ନ୍ୟାୟୋଚିତ କ୍ଷତିପୂରଣ ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଏବଂ ପୁନର୍ବାସ ନିୟମ, ୨୦୧୬”ର ପରିଯୋଜନା ପ୍ରସ୍ତୁତ କରିଥିଲେ । ଯାହା ଫଳରେ ସମଗ୍ର ରାଜ୍ୟରେ ହେବାକୁ ଥିବା ଯେ କୌଣସି ପ୍ରକଳ୍ପ ଏହି ନିୟମକୁ ପାଳନ କରିବା ସହ ସ୍ଥାନୀୟ ପଞ୍ଚାୟତ ରାଜ୍ୟ ସେବକ, ଗ୍ରାମସଭା ସହିତ ଆଲୋଚନା କରିବାକୁ କୁହାଯାଇଅଛି । ଯାହା ଦ୍ୱାରା କ୍ଷତିଗ୍ରସ୍ତ ଲୋକ ଏହାର ସୁପରିଣାମ ପାଇପାରିବେ । ଏହି ପରିପ୍ରେକ୍ଷୀରେ, ବର୍ତ୍ତମାନର ଅଧ୍ୟୟନ ଉପରୋକ୍ତ ନୀତି ଉପରେ ଆଧାରିତ, ତଥାପି ପ୍ରଭାବିତ ଅଞ୍ଚଳରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନପାଇଁ ଅନ୍ୟ କେତେକ ନୀତି ଯେପରିକି, ଓଡିଶା ଆର ଆଣ୍ଡ ଆର ନୀତି, ୨୦୦୬, ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପାରିକ ଜଙ୍ଗଲ ନିବାସୀ (ଜଙ୍ଗଲ ଅଧିକାର) ଅଧିନିୟମ ୨୦୦୬ର ସମୀକ୍ଷା କରାଯାଇଛି ।

# ଅଧ୍ୟାୟ-୦୨: ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ଦଳ, ଦୃଷ୍ଟିକୋଣ ଏବଂ ପଦ୍ଧତି

## ୨.୧ ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ଦଳର ସଦସ୍ୟମାନଙ୍କର ଯୋଗ୍ୟତା ସହିତ ତାଲିକା

ଏକ ତିନି ଜଣିଆ ଅଭିଜ୍ଞ ଗବେଷକ ଦଳ ଏହି ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ଅଧ୍ୟୟନରେ ସାମିଲ ହୋଇଥିଲେ । ବିଭିନ୍ନ ସ୍ତରରେ ବିଭିନ୍ନ ପ୍ରକାର କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇ ଦଳକୁ ନ୍ୟସ୍ତ କରାଯାଇଥିଲା । ଏକ ସମୟରେ କ୍ଷେତ୍ର ସ୍ତରରେ ତଥ୍ୟ ସଂଗ୍ରହ, ଗୁଣବତ୍ତା ଯାଞ୍ଚ, ସମ୍ୟକ ପରିକ୍ଷା ସଂଗଠିତ ହୋଇଥିଲା । କାର୍ଯ୍ୟାଳୟ ସ୍ତରରେ ଜଣେ କମ୍ପ୍ୟୁଟର ଚାଳକ ଯାଞ୍ଚ କରାଯାଇଥିବା ତଥ୍ୟ କମ୍ପ୍ୟୁଟରୀକରଣ ପାଇଁ ନିୟୋଜିତ ହୋଇଥିଲେ ଏବଂ ବିବରଣୀ ଲିଖନ ପାଇଁ ତଥ୍ୟ ବିଶ୍ଳେଷଣ କରାଯାଇଥିଲା । କ୍ଷେତ୍ର ଅଧ୍ୟୟନ, ତଥ୍ୟ ସାରଣୀର ସମାପ୍ତି ପରେ ଅଧ୍ୟୟନ ଦଳ ଓ ମୁଖ୍ୟଙ୍କ ସହ ପରାମର୍ଶ କରି ବିବରଣୀ ପ୍ରସ୍ତୁତି କରାଯାଇଥିଲା ।

| କ୍ର. ସଂ. | ନାମ | ଶିକ୍ଷା | ଅଭିଜ୍ଞତା | ଦାୟିତ୍ୱ |
|---|---|---|---|---|
| ୧ | ଡାଃ ନିହାର ରଞ୍ଜନ ଦାସ | ପି.ଏଚ.ଡି (ଭୂଗୋଳ), ପି.ଜି.ଡି.ଆର.ଏସ. ଆଣ୍ଡ ଜି.ଆଇ.ଏସ୍ | ସାମାଜିକ ଓ ଅର୍ଥନୈତିକ ସର୍ବେକ୍ଷଣ ଏବଂ ଆର ଆଣ୍ଡ ଆର ଅଧ୍ୟୟନରେ ୨୦ ବର୍ଷ | ଟିମ୍ ଲିଡ଼ର, କ୍ଲାଏଣ୍ଟ ସମନ୍ୱୟ ଓ ଅନୁପାଳନ, ତଥ୍ୟାଧାର ପୁଷ୍ଟି ଏବଂ ବିବରଣୀ ପ୍ରସ୍ତୁତି । |
| ୨ | ଶ୍ରୀ ଶ୍ରୀବଲ୍ଲଭ ଧଳ | ସ୍ନାତକ, ପି.ଜି.ଡି.ସି.ଏ. | ୬ ବର୍ଷ | ଜିପିଏସ୍ ମାଧ୍ୟମରେ ପ୍ରଭାବିତ ଗ୍ରାମ ଗୁଡିକରେ ଉପଲବ୍ଧ ଉତ୍ସଗୁଡିକର ତଥ୍ୟ ସଂଗ୍ରହ;ସର୍ବେକ୍ଷଣର ପ୍ରାଥମିକ ଓ ମାଧ୍ୟମିକ ତଥ୍ୟ ସଂଗ୍ରହ ଏବଂ ଦଳଗତ ଆଲୋଚନା ପରିଚାଳନା, ସଂଗୃହିତ ତଥ୍ୟର ଯାଞ୍ଚ |
| ୩ | ଶ୍ରୀ ବିଭୁତି ବେହେରା | ପି.ଜି.ଡି.ଏମ., ସ୍ନାତକ ବିଜ୍ଞାନ (ଆଇ.ଟି.) | ୨ ବର୍ଷ | ତଥ୍ୟ ଯାଞ୍ଚ, କମ୍ପ୍ୟୁଟରୀକରଣ, ସାରଣୀ ଏବଂ ରିପୋର୍ଟ ପ୍ରସ୍ତୁତି |

## ୨.୨ ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ପାଇଁ ସୂଚନା ସଂଗ୍ରହରେ ବ୍ୟବହୃତ ପଦ୍ଧତି ଏବଂ ଉପକରଣଗୁଡ଼ିକର ଯୁକ୍ତିଯୁକ୍ତ ବର୍ଣ୍ଣନା

### ୨.୨.୧ ପ୍ରକାଶିତ ବିଷୟ ଭିତ୍ତିକ ସମୀକ୍ଷା

ସାମାଜିକ ପ୍ରଭାବ ମୂଲ୍ୟାଙ୍କନର ପୃଷ୍ଠଭୂମି ସୂଚନାକୁ ବୁଝିବା ପାଇଁ ଏକ ବିସ୍ତୃତ ଡେସ୍କ ଆଧାରିତ ଅନୁସନ୍ଧାନ କରାଯାଇଥିଲା । ସେହି ଅନୁଯାୟୀ, ସାମାଜିକ ପ୍ରଭାବ ଆକଳନ, ପରିଚାଳନା ପ୍ରକ୍ରିୟା ଏବଂ ଜନଶୁଣାଣୀ ଇତ୍ୟାଦି ପ୍ରକ୍ରିୟା ବୁଝିବା ପାଇଁ ଅନେକ ତଥ୍ୟ, ଗବେଷଣାଭିତ୍ତିକ ପ୍ରବନ୍ଧ, ଅଧ୍ୟୟନ ବିବରଣୀ, ପ୍ରାସଙ୍ଗିକ ସରକାରୀ ନିୟମାବଳୀ ଓ ଅଧିସୂଚନା ଇତ୍ୟାଦିର ସମୀକ୍ଷା କରାଯାଇଥିଲା । ଏଥିସହ, ଅନ୍ୟାନ୍ୟ ତଥ୍ୟ-ସାମଗ୍ରୀ ଓ ସୂଚନାଗୁଡିକର ସାମାଜିକ ପ୍ରଭାବ ଆକଳନ ପ୍ରକ୍ରିୟା ଏବଂ ଅନ୍ୟ ପ୍ରାସଙ୍ଗିକ ପ୍ରକ୍ରିୟାରେ ସହଯୋଗ ନିଆଯାଇଥିଲା । ବିଶେଷକରି,ଏହି ରେଳପଥ ନିର୍ମାଣ ପ୍ରକଳ୍ପ ପାଇଁ ଅଧ୍ୟୟନ ବିବରଣୀ ପ୍ରସ୍ତୁତ କରିବା ପୂର୍ବରୁ କେତେକ ଅନ୍ୟ ରୈଖିକ ପ୍ରକଳ୍ପର ବିବରଣୀ ପାଇ ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ଅଧ୍ୟୟନର ସମୀକ୍ଷା କରାଯାଇଥିଲା । ଏହିପରି ଭାବେ, ଅଧ୍ୟୟନର ଏକ ଅଧିକ ଗଠନମୂଳକ ଏବଂ ଗଭୀର ବିଶ୍ଳେଷଣରେ ଅଧିକ ଅନ୍ତର୍ଭୁକ୍ତ କରିବା ପାଇଁ ଭୂମି ସ୍ଥିର ହେଲା । ମାଧ୍ୟମିକ ତଥ୍ୟାଧାର ସଂଗ୍ରହ କରି ଏକ ବୃତ୍ତିକ-ମାନର ପରିଶୁଦ୍ଧ ବିବରଣୀ ପ୍ରସ୍ତୁତି ପାଇଁ ପଦକ୍ଷେପ ନିଆଯାଇଥିଲା ।

### ୨.୨.୨ କ୍ଷେତ୍ରର ପରିଦର୍ଶନ, ପରାମର୍ଶ ଏବଂ ସୂଚନାର ପ୍ରସାର

କ୍ଷେତ୍ର କାମର ଆରମ୍ଭ ପୂର୍ବରୁ ଜିଓଏନଭିଟେକ ରିସର୍ଚ୍ଚ ଆଣ୍ଡ କନ୍ସଲଟାନସୀ ସର୍ଭିସେସ ପ୍ରାଇଭେଟ ଲିମିଟେଡର ଗବେଷଣା ଦଳ ସ୍ଥାନୀୟ ଅଞ୍ଚଳର ବର୍ତ୍ତମାନ ସ୍ଥିତି ବୁଝିବାପାଇଁ ବହୁଥର ଅଧ୍ୟୟନ କ୍ଷେତ୍ରର ପରିଦର୍ଶନ କରିଥିଲେ । ପରିଦର୍ଶନ ସମୟରେ ଦଳ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ, ଜମିଅଧିଗ୍ରହଣ କ୍ଷେତ୍ର ଅଧିକାରୀ, ସମ୍ପୃକ୍ତ ତହସିଲଦାର, ବିଡିଓ, ଜନ ପ୍ରତିନିଧି, ଗ୍ରାମବାସୀ ଇତ୍ୟାଦିଙ୍କ ସହିତ ପ୍ରକଳ୍ପ ସମ୍ବନ୍ଧରେ ବିଭିନ୍ନ ଆଲୋଚନା କରିଥିଲେ ।

ସର୍ବେକ୍ଷଣ ଦଳ ପ୍ରଭାବିତ ଅଞ୍ଚଳରେ ପ୍ରାରମ୍ଭିକ ସଭାଦ୍ୱାରା ଅଧ୍ୟୟନ ଆରମ୍ଭ କରିଥିଲେ । ପ୍ରକଳ୍ପ ଏବଂ ସର୍ବେକ୍ଷଣ ପ୍ରକ୍ରିୟା ବିଷୟରେ ଗ୍ରାମବାସୀଙ୍କ ସହିତ ଆଲୋଚନା କରାଯାଇଥିଲା । ଯେଉଁ ଦସ୍ତାବିଜଗୁଡ଼ିକ ସର୍ବେକ୍ଷଣ ସମୟରେ ଆବଶ୍ୟକ ସେଗୁଡିକ

ବିଷୟରେ ସୂଚିତ କରାଯିବା ସହ ସେଗୁଡିକୁ ପ୍ରସ୍ତୁତ ରଖିବାକୁ କୁହାଯାଇଥିଲା । ଗ୍ରାମରେ ସର୍ବେକ୍ଷଣ ତାରିଖ ଏବଂ ସମୟ ବିଷୟରେ ଅଗ୍ରୀମ ସୂଚନା ଦିଆଯାଇଥିଲା।

### ୨.୨.୩ ଜନଗଣନା ଭିତ୍ତିକ ସର୍ବେକ୍ଷଣ ଏବଂ ବିସ୍ତାରିତ ପରିବାରଙ୍କର ଅନ୍ୱେଷଣ

ପ୍ରକୃତ ଘରଗୁଡିକର ସାମାଜିକ-ଅର୍ଥନୈତିକ ସର୍ବେକ୍ଷଣ ପୂର୍ବରୁ ଗ୍ରାମଅନୁସାରେ ସମସ୍ତ ସ୍ୱତ୍ୱାଧିକାରୀଙ୍କ ତାଲିକା (ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ) ରାଜ୍ୟ ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ଅନୁଷ୍ଠାନ ମାଧ୍ୟମରେ ସରକାରଙ୍କ ଠାରୁ ସଂଗ୍ରହ କରାଯାଇଥିଲା । ତାପରେ ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ଦଳ ଦିଆଯାଇଥିବା ସ୍ୱତ୍ୱାଧିକାରୀଙ୍କ ତାଲିକା ଅନୁସାରେ କେବଳ ଯେ ପ୍ରଭାବିତ ଘର ଗୁଡିକୁ ଚିହ୍ନଟ କରିବେ ତା ନୁହେଁ ବରଂ ସମାନ ନିୟମାବଳୀରେ ଉପାଧିକାରୀଙ୍କ ନାମ, ଯୋଗାଯୋଗ, କାନୁନୀ ଦଲିଲ ଦାଖଲ ଏବଂ କାର୍ଯ୍ୟାଳୟ ସ୍ଥିତିର ସମୀକ୍ଷା କରିବାପାଇଁ ଅଧ୍ୟୟନ କ୍ଷେତ୍ରର ପରିଦର୍ଶନ କରିଥିଲେ । ସର୍ବେକ୍ଷଣ ସମୟରେ ଏହା ଜାଣିବାକୁ ମିଳିଥିଲା ଯେ ଅଧିକାଂଶ ପ୍ରଭାବିତ ଜମିରେ କିଛି ଆଇନ ସମ୍ମତ ଅଂଶୀଦାର ଅଛନ୍ତି ଯାହାଙ୍କର ନାମ ସ୍ୱତ୍ୱାଧିକାର ତାଲିକାରେ ପ୍ରତିଫଳିତ ହୋଇନଥିଲା । ଅନ୍ୟ କିଛି ମାମଲାରେ ଜମି ରେକର୍ଡ ତାରିଖ ଅନୁସାରେ ନ ଥିବା ହେତୁ ପ୍ରକୃତ ଘରସଂଖ୍ୟା ବଢିଯାଇ ଅଛି ଏବଂ ପ୍ରକୃତ ସ୍ୱତ୍ୱାଧିକାରୀଙ୍କ ବିପକ୍ଷରେ ଏକରୁ ଅଧିକ ଜମି ଅଧିଗ୍ରହଣ ଅଧିନରେ ଦେଖାଯାଇଥିଲା । ତଥାପି ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ଦଳ ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ଦିଶାନିର୍ଦ୍ଦେଶାନୁସାରେ ପ୍ରଭାବିତ ଜମିର ସମସ୍ତ ସ୍ୱତ୍ୱାଧିକାରୀଙ୍କ ସର୍ବେକ୍ଷଣ କରିଥିଲେ । ତଦନୁସାରେ ଦଳ ସମସ୍ତ ଘରଗୁଡିକର (କିଛି ଅନ୍ୟସ୍ଥାନରେ ବାସ କରୁଛନ୍ତି) ପ୍ରଭାବିତ ଜମିର ଉଚିତ ଅଧିକାରୀ ମାନଙ୍କର ଅନ୍ୱେଷଣ କରିଥିଲେ ।

### ୨.୨.୪ ପରିବାର ସାକ୍ଷାତକାର ମାଧ୍ୟମରେ ତଥ୍ୟ ସଂଗ୍ରହ

ହିତାଧିକାରୀ ଓ ଗୋଷ୍ଠୀ ସଭ୍ୟ ମାନଙ୍କ ସହ ଏକ ବ୍ୟାପକ ଆଲୋଚନା ପରେ ପ୍ରଭାବିତ ପରିବାର ମାନଙ୍କ ସାମାଜିକ ଓ ଅର୍ଥନୈତିକ ଅବସ୍ଥା ଉପରେ ଓ ସେମାନଙ୍କ ଜୀବନ ଉପରେ ପ୍ରସ୍ତାବିତ ପ୍ରକଳ୍ପର ପ୍ରଭାବ ଆକଳନ କରିବା ପାଇଁ ଘରୋଇ ସ୍ତରରେ ଏକ ସର୍ବେକ୍ଷଣ ଆରମ୍ଭ କରାଯାଇଥିଲା । ପୂର୍ବ-ପରୀକ୍ଷିତ "ଘରୋଇ ସାକ୍ଷାତକାର ସାରଣୀ" ଅନୁଯାୟୀ ଏହି ସର୍ବେକ୍ଷଣ କରାଯାଇଥିଲା । ଏହି ସାରଣୀରେ ପରିବାର/ବ୍ୟକ୍ତି ଚିହ୍ନଟିକରଣ, ସାମାଜିକ ପାର୍ଶ୍ୱଚିତ୍ର, ପରିବାର ବିବରଣୀ, ପାରିବାରିକ ଖର୍ଚ୍ଚ, ପରିବାରର ସମ୍ପତ୍ତି, ପ୍ରଭାବିତ ନିର୍ମାଣ/ଗୃହ, ବ୍ୟବସାୟ କିମ୍ବା ଆତ୍ମନିଯୁକ୍ତି କାର୍ଯ୍ୟ, ନିଯୁକ୍ତି ସ୍ୱରୂପ, ମତାମତ, ପ୍ରକଳ୍ପ ବିଷୟରେ ଧାରଣା, ଥଇଥାନ ଏବଂ ପୁନର୍ବାସର ଆବଶ୍ୟକତା ଇତ୍ୟାଦି ସ୍ଥାନିତ କରାଯାଇଥିଲା । ସର୍ବେକ୍ଷଣ ପ୍ରଶ୍ନାବଳୀ ଭରିବା ପୂର୍ବରୁ ପ୍ରଭାବିତ ପରିବାର ମାନଙ୍କୁ ସେମାନଙ୍କ ସେହି ଜମି କିମ୍ବା ନିର୍ମାଣ ଉପରେ ଅଧିକାର ସାବ୍ୟସ୍ତ କରିବା ପାଇଁ ଜରୁରୀ ଦସ୍ତାବିଜ ଦେବାକୁ କୁହାଯାଇଥିଲା । ପଡିକାର୍ଡ, ଭୋଟର କାର୍ଡ,ବିଦ୍ୟୁତ ବିଲ, ଇତ୍ୟାଦି ଯାଞ୍ଚ କରାଯାଇଥିଲା ।

ଘରୋଇ ସାକ୍ଷାତକାରକୁ ପରିଚାଳନା କରିବା ପାଇଁ ଜଣେ ଗବେଷଣା ତଦାରଖକାରୀ ଏବଂ ଜଣେ ପ୍ରଶିକ୍ଷିତ ଗବେଷଣା ଅନୁସନ୍ଧାନକାରୀ ଜନଗଣନା ସର୍ବେକ୍ଷଣ ଦ୍ୱାରା ସୂଚନା ସଂଗ୍ରହ ପାଇଁ କ୍ଷେତ୍ରରେ ନିୟୋଜିତ ହୋଇଥିଲେ । ଦଳ ଜଣେ ଟିମ ଲିଡରଙ୍କ ମାର୍ଗଦର୍ଶନ ଏବଂ ତଦାରଖରେ କ୍ଷେତ୍ରରେ କାର୍ଯ୍ୟ କରିଥିଲେ । ଏତଦ ବ୍ୟତୀତ ପ୍ରତ୍ୟେକ ଗ୍ରାମରେ ଅନ୍ତତଃ ୧୦ କିମ୍ବା ୫ ଜମି ହରାଉନଥିବା ଘରଗୁଡିକ ଏବଂ ପ୍ରକଳ୍ପ ଦ୍ୱାରା ପରୋକ୍ଷରେ ପ୍ରଭାବିତ ପରିବାର ଗୁଡିକ ଯେଉଁମାନେ ବେସରକାରୀ ଜମି, ସର୍ବସାଧାରଣ ଜମି ଏବଂ ଅନ୍ୟ ସମ୍ପତ୍ତି ହରାଇବାକୁ ଯାଉଛନ୍ତି ସେ ବିଷୟରେ ସେମାନଙ୍କ ମତାମତ ଜାଣିବା ପାଇଁ ସାକ୍ଷାତକାର ନିଆଯାଇଥିଲା ।



**ଫଟୋ-୨.୧:ଘରୋଇ ସାକ୍ଷାତକାର**

### ୨.୨.୫ ଦଳଗତ ଆଲୋଚନାର ଆୟୋଜନ

ପ୍ରାଥମିକ ଉତ୍ସରୁ ଉଭୟ ପରିମାଣିକ ଏବଂ ଗୁଣାତ୍ମକ ତଥ୍ୟ ସଂଗ୍ରହ କରିବା ପାଇଁ ଅନେକ ଧ୍ୟାନକେନ୍ଦ୍ରିକ ଦଳଗତ ଆଲୋଚନା (FGDs) ଏବଂ ସମ୍ପ୍ରଦାୟର ସଦସ୍ୟମାନଙ୍କ ସହିତ ପାରସ୍ପରିକ କଥାବାର୍ତ୍ତା କରାଯାଇଥିଲା । ପ୍ରକଳ୍ପ ଉପରେ ସେମାନଙ୍କର ଦୃଷ୍ଟିକୋଣ ଏବଂ ସେମାନଙ୍କ ଜୀବନ ଉପରେ ଏହାର ପ୍ରଭାବ ବୁଝିବା ପାଇଁ ପ୍ରକଳ୍ପ ପ୍ରଭାବିତ ଲୋକ, PRI ସଦସ୍ୟ ଏବଂ ସମ୍ପ୍ରଦାୟର ସଦସ୍ୟଙ୍କ ନିର୍ଦ୍ଦିଷ୍ଟ ବିଭାଗ ସହିତ ପ୍ରତ୍ୟେକ ଗ୍ରାମରେ FGD କରାଯାଇଥିଲା । କ୍ଷେତ୍ର ପରିଦର୍ଶନ ସମୟରେ FGD ଗୁଡ଼ିକରେ ଲିଙ୍ଗ ଏବଂ ଅନ୍ତର୍ଭୂକ୍ତିର ଦୃଷ୍ଟିକୋଣ ଗୁରୁତର ଭାବରେ ପାଳନ କରାଯାଇଥିଲା । ମୋଟାମୋଟି ଗୋଟିଏ ପ୍ରଭାବିତ ଗ୍ରାମରେ ସମୁଦାୟ ଗୋଟିଏ ଦଳଗତ ଆଲୋଚନା କରଯାଇଥିଲା ।



ଫଟୋ-୨.୨: ଦଳଗତ ଆଲୋଚନା

### ୨.୨.୬ ମାଧ୍ୟମିକ ସ୍ତରରେ ତଥ୍ୟ ସଂଗ୍ରହ

ରାଜ୍ୟ ସାମାଜିକ ପ୍ରଭାବଆକଳନ ସମନ୍ୱୟ ସଂସ୍ଥା ଏହା ସୁନିଶ୍ଚିତ କଲା ଯେ ବିଭିନ୍ନ ସରକାରୀ ବିଭାଗ ଯଥା ଜିଲ୍ଲା କୃଷି ଅଧିକାରୀ, ଡିଏଫଓ, ଜିଲ୍ଲା ପରିସଂଖ୍ୟାନ ଅଧିକାରୀ, ଉପନିବନ୍ଧକ, ଆର.ଆଇ.ଙ୍କ ଠାରୁ ଆବଶ୍ୟକୀୟ ମାଧ୍ୟମିକ ସୂଚନା ସଂଗ୍ରହ କରିଥିଲା । ଏହା ବ୍ୟତୀତ କ୍ଷେତ୍ରଗସ୍ତ ସମୟରେ ପଞ୍ଚାୟତ ଏବଂ ଗ୍ରାମ ସ୍ତରୀୟ ସୂଚନା ମଧ୍ୟ ସଂଗ୍ରହ କରାଯାଇଥିଲା । ବିସ୍ତାର ଭାବରେ ଏହି ଧାରାରେ ଜମିର ମାନକ ମୂଲ୍ୟ, ଜମିର ପ୍ରକାର ଏବଂ ବ୍ୟବହାର, ନିୟନ୍ତ୍ରଣ, ଫସଲର ପ୍ରକାର, ସାଧାରଣ ସମ୍ପତ୍ତି ଏବଂ ଗୋଷ୍ଠୀର ସାମାଜିକ-ଅର୍ଥନୈତିକ, ସାଂସ୍କୃତିକ ମୂଳଭିତ୍ତି ବିଷୟରେ ସୂଚନା ସଂଗ୍ରହ କରାଯାଇଥିଲା । ପ୍ରାଥମିକ ସ୍ତରରୁ ବିସ୍ତାର ଭାବରେ କ୍ଷେତ୍ର ଅନୁସନ୍ଧାନ ପୂର୍ବରୁ ବସ୍ତୁଗତ, ସାମାଜିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ପ୍ରକଳ୍ପ କ୍ଷେତ୍ରର ସ୍ଥାପନା ବିଷୟରେ ସୂଚନା ନିଆଯାଇଥିଲା ।

## ୨.୩ ବ୍ୟବହୃତ ନମୁନା ପଦ୍ଧତି

ସାମାଜିକ ପ୍ରଭାବ ଆକଳନ ବିବରଣୀ ପ୍ରସ୍ତୁତ କରିବା ପାଇଁ ପ୍ରାଥମିକ ଏବଂ ମାଧ୍ୟମିକ ତଥ୍ୟାବଳୀର ଉତ୍ସଗୁଡିକର ଏକ ଶୃଙ୍ଖଳା ବ୍ୟବହାର କରଯାଇଥିଲା । ବିବରଣୀ ପ୍ରସ୍ତୁତି ନିମନ୍ତେ ବିଭିନ୍ନ ସୂତ୍ରରୁ ମାତ୍ରାତ୍ମକ ଓ ଗୁଣାତ୍ମକ ତଥ୍ୟ ସଂଗ୍ରହ କରାଯାଇଥିଲା । ଏହି ସମଗ୍ର ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟରେ ମାଧ୍ୟମିକ ସ୍ତରରୁ ସଂଗୃହିତ ତଥ୍ୟାବଳିକୁ ଆବଶ୍ୟକ ସନ୍ଦର୍ଭରେ ବ୍ୟବହାର କରାଯାଇଥିଲା । ପରବର୍ତ୍ତୀ ସମୀକ୍ଷା, ସାଙ୍କେତିକରଣ, ତଥ୍ୟ ପ୍ରବିଷ୍ଟି, ତଥ୍ୟ ଶୋଧନ ଏବଂ ମାତ୍ରାତ୍ମକ ତଥ୍ୟ ସଂସ୍କରଣ ଏକ ଅଭିଜ୍ଞ ତଥ୍ୟପରିଚାଳକ ଦଳ ଦ୍ୱାରା କରାଯାଇଥିଲା । ପ୍ରାଥମିକ ତଥ୍ୟ ବିଶ୍ଳେଷଣ ପାଇଁ ବିସ୍ତୃତ ପରିସଙ୍ଖ୍ୟାନ ପଦ୍ଧତି ବ୍ୟବହାର କରାଯାଇଥିଲା । ତାହାକୁ ଏହି ବିବରଣୀରେ ସାରଣୀ ଏବଂ ଗ୍ରାଫ୍ ଭାବରେ ବ୍ୟବହାର କରାଯାଇଛି । ବିଭିନ୍ନ ସୂତ୍ରରୁ ସଂଗୃହିତ ତଥ୍ୟାବଳିକୁ ତ୍ରିକୋଣାତ୍ମକ ଦୃଷ୍ଟିରେ ବୁଝି ଏହି ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ବିବରଣୀରେ ପ୍ରଦତ୍ତ କରାଯାଇଥିଲା ।

## ୨.୪ ତଥ୍ୟ ବିଶ୍ଳେଷଣ, ବିବରଣୀ ଓ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ପ୍ରସ୍ତୁତି

ଏହି ବିବରଣୀର ଚିଠା ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା ବିକାଶ କେନ୍ଦ୍ର (NCDS)ର ରାଜ୍ୟ ସଂଯୋଜକଙ୍କ ସହାୟତାରେ ଅଧ୍ୟୟନ ସମୟରେ ହିଁ ପ୍ରସ୍ତୁତ କରାଯାଇଥିଲା । ଶେଷରେ ଏହି ବିବରଣୀର ପ୍ରାରୂପ ପ୍ରସ୍ତୁତ କରାଯାଇ ଜନଶୁଣାଣୀ ଏବଂ ପ୍ରତିକ୍ରିୟା ଜାଣିବା ପାଇଁ ଏହି ବିବରଣୀର ଚିଠା ଗ୍ରାମ ପଞ୍ଚାୟତ ଓ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା ବିକାଶ କେନ୍ଦ୍ର (NCDS) ଙ୍କୁ ପ୍ରଦତ୍ତ କରାଯାଇଥିଲା ।

"ନ୍ୟାୟୋଚିତ କ୍ଷତିପୂରଣ ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଏବଂ ପୁନର୍ବାସ ନିୟମ, ୨୦୧୩" (RTFCTLARR) ଅଧିନିୟମ ୨୦୧୩ର ଧାରା ୪(୬) ଅନୁଯାୟୀ ସାମାଜିକ ପ୍ରଭାବ ପରିଚାଳନା ପରିଯୋଜନା (SIMP), ସାମାଜିକ ପ୍ରଭାବ ମୂଲ୍ୟାଙ୍କନର ଅଂଶବିଶେଷ ଅଟେ। ମୂଲ୍ୟାଙ୍କନ ସମୟରେ ଚିହ୍ନିତ ସାମାଜିକ ପ୍ରଭାବ ଗୁଡିକୁ ସୁଧାରିବା ପାଇଁ ଏଥିରେ ପରାମର୍ଶ ଦିଆଯାଇଥାଏ । ଏହି ସାମାଜିକ ପ୍ରଭାବ ଆକଳନରେ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ଅନ୍ତର୍ଭୁକ୍ତ ଓ ଏଥିରେ ସମ୍ଭାବ୍ୟ ପ୍ରଭାବ ନ୍ୟୁନିକରଣର ଉପାୟ, ଏହାର ମୂଲ୍ୟ, ସମୟ ଓ କ୍ଷମତା ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । ଏହି ସାମାଜିକ ପ୍ରଭାବ ପରିଚାଳନା ଯୋଜନା ଓଡିଆ ଭାଷାରେ ପ୍ରତ୍ୟେକ ଗ୍ରାମପଞ୍ଚାୟତ ଗୁଡିକରେ ଆବଣ୍ଟନ ପାଇଁ ପ୍ରସ୍ତୁତ କରାଯାଇଛି ।

## ୨.୫ ଜନ ପ୍ରତିନିଧୀ ଏବଂ ପ୍ରମୁଖ ଅଂଶୀଦାରମାନଙ୍କ ସହିତ ପରାମର୍ଶର କାର୍ଯ୍ୟସୂଚୀ

ଉଭୟ ଭାରତ ସରକାର ଏବଂ ଓଡିଶା ସରକାରଙ୍କ ନୂତନ ନିୟମ ଧାରା ୪ ଅନୁସାରେ ଜନଶୁଣାଣୀ ପୂର୍ବରୁ ପ୍ରଭାବିତ ପରିବାରଙ୍କର ମତାମତ ଜାଣିବା ପାଇଁ ପ୍ରଭାବିତ ଅଞ୍ଚଳରେ ଜନ ପରାମର୍ଶ ବାଧ୍ୟତାମୂଳକ ଅଟେ । ଏହି ପ୍ରସଙ୍ଗରେ ଅଧ୍ୟୟନ ଦଳ ଦର୍ଶାନ୍ତି ଯେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର ସମାନ ପୃଷ୍ଠଭୂମିର ଲୋକଙ୍କ କୌଣସି ବିଶେଷ ବିଷୟରେ ଅବଧାରଣା ଜାଣିବା ପାଇଁ ଦଳଗତ ଆଲୋଚନା ହେଉଛି ଏକ ବଳିଷ୍ଠ ମାଧ୍ୟମ । ଆଦର୍ଶ ଭାବରେ ଦଳଗତ ଆଲୋଚନାରେ ୧୦-୧୫ ଜଣ ସଦସ୍ୟ ଭାଗନିଅନ୍ତି । କେତେକ ପରିସ୍ଥିତିରେ ସଂଖ୍ୟା ବଢିବା ଦ୍ୱାରା ପ୍ରତ୍ୟେକ ସଦସ୍ୟ ସେମାନଙ୍କ ମତାମତ କିପରି ବିନା ଦ୍ୱିଧାରେ ଦେଇପାରିବେ ସେଥିପ୍ରତି ଧ୍ୟାନ ଦିଆଯାଇଥାଏ । ଏହି ଆଲୋଚନା ସଂଗ୍ରହକର ଭୁମିକା ବହୁତ ଗୁରୁତ୍ୱ ପୁର୍ଣ୍ଣ ହୋଇଥାଏ । ସେ ଆଲୋଚନା ହେବାକୁ ଥିବା ବିଷୟବସ୍ତୁ ସମ୍ବନ୍ଧରେ ସମ୍ୟକ ଅବଧାରଣା ଦେବା ସହ ଏକ ସ୍ୱଚ୍ଛ ଓ ମୁକ୍ତ ଆଲୋଚନାର ସୁଗମ କରାଇଥାନ୍ତି । ଏହି ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ଅଧ୍ୟୟନ ପ୍ରଭାବିତ ଗୋଷ୍ଠୀ ଏବଂ ତାଙ୍କ ପରିବାର ମାନଙ୍କ ଉପରେ ପ୍ରକଳ୍ପର ସାମାଜିକ ଓ ଅର୍ଥନୈତିକ ପ୍ରଭାବ ବିଶ୍ଳେଷଣ କରିବା ପାଇଁ ଉଦ୍ଦିଷ୍ଟ ଅଟେ । ସେମାନେ ଏହି ଗୋଷ୍ଠୀ ଆଲୋଚନାର ବିଷୟ ବସ୍ତୁକୁ କିପରି ଦୃଷ୍ଟିଭଙ୍ଗୀରେ ଦେଖୁଛନ୍ତି, ତାହା ସେମାନଙ୍କ ପରସ୍ପର ଆଲୋଚନା ମଧ୍ୟରୁ ଜଣାପଡିଥାଏ । ଗ୍ରାମରେ ଗୋଟିଏ ଦଳଗତ ଆଲୋଚନା କରାଯାଇଥିଲା । ବିଷୟ ବିଶେଷଜ୍ଞ ମାନଙ୍କ ଦ୍ୱାରା ଏହି ଆଲୋଚନା ମାଧ୍ୟମରେ ଏହି ନୂତନ ଓସାରିଆ ରେଳପଥ ନିର୍ମାଣ ପ୍ରକଳ୍ପ ପାଇଁ ଗୋଷ୍ଠୀ ତଥା ପରିବାର ମାନଙ୍କ ମତାମତ, ଅବଧାରଣା, ସେମାନଙ୍କ ଆଶା ଓ ଆକାଂକ୍ଷା ଇତ୍ୟାଦି ବିଷୟରେ ଲିପିବଦ୍ଧ କରାଯାଇଥିଲା । ଦଳଗତ ଆଲୋଚନାର ତାରିଖ, ସ୍ଥାନ, ସମୟ ଇତ୍ୟାଦି ଗୋଷ୍ଠୀ ସଭ୍ୟ ମାନଙ୍କ ଦ୍ୱାରା ପୂର୍ବରୁ ଗ୍ରାମବାସୀ ମାନଙ୍କୁ ଜଣାଇ ଦିଆଯାଇଥିଲା । ଏହି ଆଲୋଚନା ପ୍ରତ୍ୟେହ ଏକ ଘଣ୍ଟାରୁ ଦେଢଘଣ୍ଟା ପର୍ଯ୍ୟନ୍ତ ଚାଲିଥିଲା । ପ୍ରଭାବିତ ଗ୍ରାମରେ ଦଳଗତ ଆଲୋଚନା କରାଯାଇଥିଲା । ବିବୃତି ଉଦ୍ଦେଶ୍ୟରେ ମୁଖ୍ୟ ସୂଚନାଦାତାଙ୍କ ଠାରୁ କିଛି ମତାମତ ସଂଗ୍ରହ କରାଯାଇଥିଲା । ପ୍ରଭାବିତ ପରିବାର ଏବଂ ସମସ୍ତ ଗୋଷ୍ଠୀ ଉପରେ ପ୍ରସ୍ତାବିତ ପ୍ରକଳ୍ପର ସମସ୍ତ ପ୍ରଭାବ ଏବଂ ପରିଣାମକୁ ସ୍ପଷ୍ଟ ଭାବରେ ବୁଝାଯାଇଥିଲା ଏବଂ ଉକ୍ତ ପ୍ରକଳ୍ପ ପାଇଁ ସେମାନଙ୍କର କିଛି ନକାରାତ୍ମକ ଚିନ୍ତା ନଥିଲା । ଗୋଷ୍ଠୀ ଉପରେ ନକାରାତ୍ମକ ପ୍ରଭାବ କମାଇବାକୁ ଏକ ଉନ୍ନତି ମୂଳକ ଯୋଜନା ପ୍ରସ୍ତୁତ କରାଯାଇଥିଲା ।

### ୨.୫.୧ ଦଳଗତ ଆଲୋଚନାର ଫଳାଫଳର ସାରାଂଶ

| କ୍ର.ସଂ. | ଆଲୋଚ୍ୟ | ମନ୍ତବ୍ୟ |
|---|---|---|
| ୧ | ଜମି ପାଇଁ ଉଚିତ କ୍ଷତିପୂରଣ | • ଏହା ଯଥୋଚିତ ହେବା ସହ ପ୍ରଚଳିତ ବଜାର ଦର ଅନୁଯାୟୀ ହେବା ଆବଶ୍ୟକ<br>• ବଞ୍ଚି ଯାଉଥିବା ଛୋଟ ପରିମାଣର ଜମି ଗୁଡିକୁ ଅଧିଗ୍ରହଣ କରିବାକୁ ପ୍ରକଳ୍ପ ଅଧିକାରୀଙ୍କୁ ଅନୁରୋଧ କରିଥିଲେ । |
| ୨ | ସାଧାରଣ ସମ୍ପତ୍ତି (ଗଢଣ ସଂରଚନା, ଗଛ ଇତ୍ୟାଦି) | • ମୂଲ୍ୟାଙ୍କନ ବର୍ତ୍ତମାନ ବଜାର ଦର ଅନୁଯାୟୀ ସ୍ଥିର କରାଯିବ ।<br>• ଭବିଷ୍ୟତକୁ ଆଖି ଆଗରେ ରଖି ପରିବେଶର ରକ୍ଷଣାବେକ୍ଷଣ ପାଇଁ ଉପଯୁକ୍ତ ଗଛ ଲଗାଯିବା ସହ ତାର ଯତ୍ନ ନେବାକୁ ପ୍ରକଳ୍ପ ଅଧିକାରୀଙ୍କୁ ଅନୁରୋଧ କରିଥିଲେ ।<br>• ଅନ୍ୟାନ୍ୟ ସଂରଚନା ଯାହାକି ଏହି ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ତାର ମୁଲ୍ୟ ମଧ୍ୟ ପ୍ରଚଳିତ ବଜାର ଦରରେ ସ୍ଥିର କରଯିବା ଉଚିତ। |
| ୩ | ସାଧାରଣ ସମ୍ପତ୍ତି ସମ୍ବଳ ସୁରକ୍ଷା | • ଯେହେତୁ ଏଗୁଡିକ ଜୀବନଧାରଣ ସହ ଅଙ୍ଗାଅଙ୍ଗି ଭାବେ ଜଡିତ, ତେଣୁ ସାଧାରଣ ସମ୍ପତ୍ତି ନିମନ୍ତେ ଯଥୋଚିତ କ୍ଷତି ପୂରଣ ଦେବା ଆବଶ୍ୟକ । |
| ୪ | ଆୟ ଉତ୍ପାଦନ କାର୍ଯ୍ୟକଳାପ | • ଭୂମିହୀନ, ଭିନ୍ନକ୍ଷମ, ମହିଳା, ଏସ.ଏଚ.ଜି. ଏବଂ ଅନ୍ୟାନ୍ୟ ଅସୁରକ୍ଷିତ ଗୋଷ୍ଠୀଙ୍କୁ ଆୟ ଉତ୍ପାଦନ ସହାୟତା ପ୍ରଦାନ କରାଯିବ । |
| ୫ | ଜଳ ନିଷ୍କାସନ | • ଗ୍ରାମ ଗୁଡିକରୁ ବର୍ଷା ଜଳ ନିଷ୍କାସନ ପାଇଁ ଉପଯୁକ୍ତ ପଦକ୍ଷେପ ନେବା ସହିତ ଉପଯୁକ୍ତ ଜାଗାରେ ଡ୍ରେନର ନିର୍ମାଣ ଉପରେ ଗୁରୁତ୍ୱ ଦେବା ପାଇଁ କହିଥିଲେ । |
| ୬ | ସମ୍ପତ୍ତି କ୍ଷତି ଭରଣା ପାଇଁ ଉଚିତ କ୍ଷତିପୂରଣ | • ଏହା ପ୍ରଚଳିତ ବଜାର ଦର ହେବାସହ ତୁରନ୍ତ ଅର୍ଥ ପ୍ରଦାନ କରିବାକୁ ପ୍ରକଳ୍ପ ଅଧିକାରୀଙ୍କୁ ଅନୁରୋଧ କରିଥିଲେ ।<br>• ସମସ୍ତ ହିତାଧୀକାରୀ ଜମାଖାତାରେ ଅର୍ଥ ପ୍ରଦାନ କରିବାକୁ କହିଥିଲେ । |
| ୭ | ବର୍ଜ୍ୟବସ୍ତୁ ପରିଚାଳନା | • ପ୍ରକଳ୍ପ ଶେଷ ହେବା ପରେ ନିର୍ମାଣ ବର୍ଜ୍ୟ ବସ୍ତୁ ଗୁଡ଼ିକର ସଠିକ୍ ନିଷ୍କାସନ । |

| କ୍ର.ସଂ. | ଆଲୋଚ୍ୟ | ମନ୍ତବ୍ୟ |
|---|---|---|
| ୮ | ଜନଶକ୍ତି ଓ ଅନ୍ୟାନ୍ୟ ସୁବିଧା | • ପ୍ରଭାବିତ ପରିବାର ମାନଙ୍କୁ ନିର୍ମାଣ କାର୍ଯ୍ୟରେ ନିୟୋଜିତ କରିବାକୁ କହିଥିଲେ ।<br>• ନିର୍ମାଣ କାର୍ଯ୍ୟରେ ସ୍ଥାନୀୟ ଯାନବହନ ଓ ଟ୍ରାକ୍ଟର ବ୍ୟବହାର କରିବାକୁ କହିଥିଲେ । |
| ୯ | ରେଳ ଧାରଣ ଫାଟକ | • ପ୍ରଭାବିତ ଗ୍ରାମଗୁଡିକରେ ସ୍ୱୟଂଚାଳିତ ରେଳ ଧାରଣା ଫାଟକ ସୁବିଧା ପ୍ରଦାନ କରାଯିବା ଉଚିତ୍ । |
| ୧୦ | ତଳ ଅତିକ୍ରମ | • ପ୍ରଭାବିତ ଲୋକଙ୍କୁ ତଳେ ଅତିକ୍ରମ କରିବା ପାଇଁ ଉପଯୁକ୍ତ ପରାମର୍ଶ ସହିତ ଦିଆଯିବା ଉଚିତ୍ । |
| ୧୧ | ଅଭିଯୋଗ ପ୍ରକୋଷ୍ଠ | • ଦରକାର ସମୟରେ ଅବଶ୍ୟକୀୟ ଅଭିଯୋଗ ଶୁଣିବା ପାଇଁ ଏକ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ନିୟୋଜିତ କରିବାକୁ ଅନୁରୋଧ କରିଥିଲେ । |

*ଉତ୍ସ: ସର୍ବେକ୍ଷଣ ତଥ୍ୟ*

### ୨.୬ ଜନଶୁଣାଣି ଗୁଡିକର ସଂକ୍ଷିପ୍ତ ବିବରଣୀ

ପ୍ରସ୍ତାବିତ "ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳ ପ୍ରକଳ୍ପ (ToR10-00005)" ନିର୍ମାଣ ପାଇଁ କୋରାପୁଟ ଜିଲ୍ଲାର ବୋରିଗୁମା ତହସିଲ ଅନ୍ତର୍ଗତ କୁପିଆ ଗ୍ରାମରୁ ଘରୋଇ ଜମି ଅଧିଗ୍ରହଣ ପାଇଁ କରାଯାଇଥିବା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ଚିଠା ବିବରଣୀ ଉପରେ ଆଧାର କରି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡିଶା ତରଫରୁ କୋରାପୁଟ ଜିଲ୍ଲାର ଭୂ-ଅର୍ଜନ ଅଧିକାରୀ ଜନ ଶୁଣାଣି କାର୍ଯ୍ୟକ୍ରମ ନିମନ୍ତେ କୋରାପୁଟ ଜିଲ୍ଲାର ବୋରିଗୁମା ତହସିଲ ଅନ୍ତର୍ଗତ ଅଞ୍ଚଳା ଗ୍ରାମପଞ୍ଚାୟତ ଠାରେ ଅନୁଷ୍ଠିତ କରିବା ପାଇଁ ଚିଠି ସଂଖ୍ୟା ୦୮/୨୦୨୪ ତା:୦୧/୦୨/୨୦୨୪ ରିଖ ଜରିଆରେ ତା:୧୫/୦୨/୨୦୨୪ ରିଖ ଦିନ ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ କୁପିଆ ଗ୍ରାମବାସୀ ମାନଙ୍କୁ ନେଇ ଜନଶୁଣାଣି ସଭା ଅନୁଷ୍ଠିତ ପାଇଁ ବିଜ୍ଞପ୍ତି ଜାରି କରାଯାଇଥିଲା । ପ୍ରତ୍ୟେକ ପ୍ରଭାବିତ ଗ୍ରାମର ଲୋକଙ୍କୁ ଉପଲବ୍ଧ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ରିପୋର୍ଟର ସବିଶେଷ ବିବରଣୀ ପ୍ରଦାନ କରାଯାଇଥିଲା । ନିର୍ଦ୍ଦିଷ୍ଟ ତାରିଖ ଏବଂ ସମୟରେ ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେବାକୁ ଲୋକଙ୍କୁ ଅନୁରୋଧ କରାଯାଇଥିଲା । ଏହା ସହିତ ଜିଲ୍ଲାରେ ହେବାକୁ ଥିବା ପ୍ରସ୍ତାବିତ ପ୍ରସ୍ତାବିତ "ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳ ପ୍ରକଳ୍ପ" ପାଇଁ ଘରୋଇ ଜମି ଅଧିଗ୍ରହଣ ପାଇଁ ସାମାଜିକ ପ୍ରଭାବ ସର୍ବେକ୍ଷଣ ଉପରେ ସେମାନଙ୍କର ମତାମତ ରଖିବାକୁ ଲୋକଙ୍କୁ ଅନୁରୋଧ କରାଯାଇଥିଲା । ସରକାରୀ ପଦକ୍ଷେପ ବ୍ୟତୀତ ଜିଓଏନଭିଟେକ ରିସର୍ଚ୍ଚ ଆଣ୍ଡ କନ୍ସଲଟାନସୀ ସର୍ଭିସେସ ପ୍ରାଇଭେଟ ଲିମିଟେଡ ମଧ୍ୟ ପ୍ରତ୍ୟେକ ପ୍ରକଳ୍ପ ପ୍ରଭାବିତ ପରିବାରକୁ ବହୁ ସଂଖ୍ୟାରେ ନିର୍ଦ୍ଧାରିତ ଜନଶୁଣାଣି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଆୟଜନରେ ଜଡିତ ଥିଲା । ଅଧ୍ୟୟନ କରାଯାଇଥିବା କୁପିଆ ଗ୍ରାମର ହିତାଧିକାରୀମାନେ ଯେପରି ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତି, ସେମାନଙ୍କର ନିର୍ବାଚିତ ପ୍ରତିନିଧୀ, ଭୂ–ଅର୍ଜନ ଅଧିକାରୀ ସରକାରୀ କାର୍ଯ୍ୟକର୍ତ୍ତା ଜନଶୁଣାଣିରେ ଯୋଗଦେବାକୁ ଆମନ୍ତ୍ରିତ ହୋଇଥିଲେ । ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀ କୁପିଆ ଗାଁର ହିତାଧିକାରୀମାନଙ୍କ ଉପରେ କରାଯାଇଥିଲା ।

| କ୍ର.ସଂ . | ସ୍ଥାନ | ପ୍ରଭାବିତ ଗ୍ରାମ | ପୁରୁଷ | ମହିଳା | ସମୁଦାୟ ଅଂଶଗ୍ରହଣକାରୀ |
|---|---|---|---|---|---|
| ୧ | ଅଞ୍ଚଳା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ | କୁପିଆ | ୩୪ | ୪ | ୩୮ |

**ଅଞ୍ଚଳା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଜନଶୁଣାଣି କାର୍ଯ୍ୟକ୍ରମ :**




ଏହି ବୈଠକ ୧୫.୦୨.୨୦୨୪ ସମୟ ୧୦.୩୦ ପୂର୍ବାହ୍ନରେ ଆରମ୍ଭ ହୋଇଥିଲା, ଯେଉଁଥିରେ କୁପିଆ ଗ୍ରାମର ୩୮ରୁ ଅଧିକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ପ୍ରକଳ୍ପ ପ୍ରଭାବିତ ଲୋକମାନେ ଅଂଶଗ୍ରହଣ କରିଥିଲେ । ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତିଙ୍କ ପ୍ରଶ୍ନର ସମାଧାନ ପାଇଁ, ସଂପୃକ୍ତ ସରକାରୀ ଅଧିକାରୀଙ୍କ କାର୍ଯ୍ୟକର୍ତ୍ତା, ନିର୍ବାଚିତ ପ୍ରତିନିଧୀ, ଜିଓଏନଭିଟେକ ରିସର୍ଚ୍ଚ ଆଣ୍ଡ କନ୍ସଲଟାନସୀ ସର୍ଭିସେସ ପ୍ରାଇଭେଟ ଲିମିଟେଡର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନକାରୀ ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ "ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳ ପ୍ରକଳ୍ପ" ପ୍ରଭାବିତ ବ୍ୟକ୍ତିଙ୍କ ଦ୍ୱାରା କରାଯାଇଥିବା ଅନେକ ଦାବିର ସାକ୍ଷୀ ରହିଥିଲା, ଯେଉଁଥିରୁ କିଛି ପ୍ରମୁଖ ଦାବି ନିମ୍ନରେ ବର୍ଣ୍ଣନା କରାଯାଇଛି ।

ପ୍ରଥମେ ଜିଓଏନଭିଟେକ ରିସର୍ଚ୍ଚ ଆଣ୍ଡ କନ୍ସଲଟାନସୀ ସର୍ଭିସେସ ପ୍ରାଇଭେଟ ଲିମିଟେଡର ଶ୍ରୀଯୁକ୍ତ ଶ୍ରୀବଲ୍ଲଭ ଧଳ ମଞ୍ଚରୁ ଜନସାଧାରଣଙ୍କୁ ସମ୍ବୋଧିତ କରିଥିଲେ ଏବଂ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀର ଉଦ୍ଦେଶ୍ୟ, ପଦ୍ଧତି, ସାମାଜିକ ପ୍ରଭାବ ପରିଚାଳନା ଯୋଜନା(SIMP), ଭୂମି ସମୀକରଣ ଏବଂ ଅଧ୍ୟୟନର ଅନ୍ୟାନ୍ୟ ପ୍ରମୁଖ ଅନୁସନ୍ଧାନ ବିଷୟରେ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନଙ୍କୁ ଅବଗତ କରିଥିଲେ । ଯଦି ତ୍ରୁଟି ଅଛି ତେବେ ବିବରଣୀରେ ଥିବା ତଥ୍ୟ ଏବଂ ଆକଳନକୁ ସଂଶୋଧନ କରିବା ପାଇଁ ସେ ଅଂଶଗ୍ରହଣକାରୀମାନଙ୍କୁ ଆମନ୍ତ୍ରଣ କରି ଏହି ଜନଶୁଣାଣି କାର୍ଯ୍ୟକ୍ରମକୁ ସ୍ଥାନୀୟ ସରପଞ୍ଚ ସଭାପତିତ୍ୱ କରି ସୁରୁଖୁରୁରେ ପରିଚାଳନା କରିବା ନିମନ୍ତେ ଅନୁରୋଧ କରିଥିଲେ ।

ପରେ କୁପିଆ ଗ୍ରାମର ସରପଞ୍ଚ ଶ୍ରୀଯୁକ୍ତ ଦାଶରଥି ମାଝି ମହୋଦୟ ପ୍ରଭାବିତ ପରିବାରର ଅଂଶଗ୍ରହଣକାରୀ ମାନଙ୍କୁ ପ୍ରକଳ୍ପ ବିଷୟରେ ଅବଗତ କରାଇଥିଲେ । ପ୍ରକଳ୍ପ ଦ୍ୱାରା ଆମ ପଞ୍ଚାୟତର କିପରି ଉନ୍ନତି ଘଟିବ ସେ ବିଷୟରେ କହିଥିଲେ ଏବଂ ପ୍ରଭାବିତ ପରିବାର ମାନଙ୍କର ଜମି ଅଧିଗ୍ରହଣକୁ ନେଇ କିଛି ଅସୁବିଧା ଥିଲେ ମଞ୍ଚ ଉପରେ ନିର୍ଦ୍ୱନ୍ଦରେ ଜଣ ଜଣ କରି ଉପସ୍ଥିତ ଥିବା ସରକାରୀ ଅଧିକାରୀ ଓ କର୍ମକର୍ତା ମାନଙ୍କୁ ଜଣାଇବା ପାଇଁ ଅନୁରୋଧ କରିଥିଲେ ।

ପରେ କୋରାପୁଟ ଜିଲ୍ଲାର ଭୂ-ଅର୍ଜନ ଅଧିକାରୀ ଶ୍ରୀଯୁକ୍ତ ଡାନିଏଲ ଟକ୍କା ମହୋଦୟ ଅଂଶଗ୍ରହଣକାରୀ ମାନଙ୍କୁ ଉପଯୁକ୍ତ କ୍ଷତିପୂରଣ, ଜମି ଅଧିଗ୍ରହଣ, ପୁନଃସ୍ଥାପନା ଏବଂ ପୁନଃନିର୍ମାଣ ଅଧିକାର ନିୟମ ବିରୋଧରେ ଥିବା ଭୁଲ ଧାରଣା ଗୁଡିକ ବିଷୟରେ ବୁଝାଇଥିଲେ । ପ୍ରଭାବିତ ପରିବାରରେ ଥିବା ସମସ୍ୟା ଗୁଡିକୁ ମଞ୍ଚ ଉପରେ ଜଣାଇବା ସହିତ ଲିଖିତ ମାଧମରେ ଭୂ-ଅର୍ଜନ ଅଧିକାରୀ କାର୍ଯ୍ୟାଳୟରେ କିମ୍ବା ସରପଞ୍ଚଙ୍କ ନିକଟରେ ଜଣାଇବାକୁ ଅନୁରୋଧ କରିଥିଲେ । ଉପସ୍ଥିତ ଭୂ-ଅର୍ଜନ କାର୍ଯ୍ୟାଳୟର କର୍ମକର୍ତା ଶ୍ରୀଯୁକ୍ତ ୟୁ. ଏନ. ଶତପଥୀ ମହୋଦୟଙ୍କୁ ପ୍ରଭାବିତ ଜମିର ବିବରଣୀ ଗ୍ରାମବାସୀଙ୍କୁ ଜଣାଇବାକୁ ଅନୁରୋଧ କରିଥିଲେ । ଏହି ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତିମାନେ ସର୍ବସମ୍ମତି କ୍ରମେ ପ୍ରକଳ୍ପ ଉପରେ ସେମାନଙ୍କର ଚିନ୍ତା ବ୍ୟକ୍ତ କରିଛନ୍ତି, ଯାହାକି ନିମ୍ନୋକ୍ତ ସାରଣୀରେ ବର୍ଣ୍ଣନା କରାଯାଇଅଛି ।

| କ୍ର.ସଂ. | ହିତାଧିକାରୀଙ୍କ ନାମ | ଗ୍ରାମ | ଉଠାଯାଇଥିବା ପ୍ରଶ୍ନ/ପରାମର୍ଶ |
|---|---|---|---|
| ୧ | ସୁନ୍ଦର ହରିଜନ | କୁପିଆ | ଆମର ଖାତା ନମ୍ବର ୪୪ ରୁ ୦.୨୧୨ ଏକର ଜମି ଅଧିଗ୍ରହଣ ହେବାର ଅଛି । ୧ ଡିସିମିଲ ପିଛା ୫୦୦୦୦ ଟଙ୍କା ଦିଆଯାଉ ଏବଂ ପୁଅକୁ ଚାକିରି ଦିଅନ୍ତୁ ବୋଲି ଅନୁରୋଧ କରିଥିଲେ । |
| ୨ | ବଳିଭଦ୍ର ହରିଜନ | କୁପିଆ | ଆମର ଖାତା ନମ୍ବର ୧୫୨/୩୯୦ରୁ ୦.୫୦୦ ଏକର ଜମି ଅଧିଗ୍ରହଣ ହେବାର ଅଛି । ପ୍ରଭାବିତ ପ୍ଲଟଟି ଝିଅ ନାମରେ ଅଛି । ପାରିବାରିକ ଚଳଣି ସ୍ଥିତି ଜଟିଳ ଅବସ୍ଥାରେ ଅଛି ତେଣୁ କ୍ଷତିପୂରଣ ରାଶି ଅଧିକ ଦିଆଯାଉ । |
| ୩ | ବେଲାର ହରିଜନ | କୁପିଆ | ଆମର ଖାତା ନମ୍ବର ୧୫୨/୩୮୯ ରୁ ୦.୫୦୦ ଏକର ଜମି ଧାନ-୩ କିସମ ଅଧିଗ୍ରହଣ ହେବାର ଅଛି । ଆମର ପ୍ରଭାବିତ ଜମିର୦.୫୦୦ ଡିସିମିଲ ଜାଗା ଯାଉଅଛି ଏବଂ ଜମିର ମୂଲ୍ୟ ଅନୁସାରେ ଆମକୁ ଅଧିକ ଟଙ୍କା ଦିଆଯାଉ । |
| ୪ | ଧନୁର୍ଜୟ ହରିଜନ | କୁପିଆ | ଆମର ଖାତା ନମ୍ବର ୧୫୨/୨୦୫ ରୁ ୦.୩୦୩ ଏକର ଜମି ଅଧିଗ୍ରହଣ ହେବାର ଅଛି । ପ୍ରଭାବିତ ପ୍ଲଟ ଟି ଜମି ର ମୂଲ୍ୟ ଅନୁସାରେ ଆମକୁ ଅଧିକ ଟଙ୍କା ଦିଆଯାଉ ନଚେତ ଚାକିରି ଦିଆଯାଉ । |
| ୫ | ପଦ୍ମନାଥ ଗାଦବା | କୁପିଆ | ଆମର ଖାତା ନମ୍ବର୨/କ, ୨୨, ୧୦୧ ରୁ ୧.୧୩୨ ଏକର ଜମି ଅଧିଗ୍ରହଣ ହେବାର ଅଛି । ୧ ଡିସିମିଲି ପିଛା ୫୦୦୦୦ ଟଙ୍କା ଦିଆଯାଉ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ଚାକିରି ଦିଆଯାଉ । |
| ୬ | କୁମାରଦାନ ଗାଦବା | କୁପିଆ | ଆମର ଖାତା ନମ୍ବର ୨୨ ରୁ ୦.୪୯୭ଏକର ଜମି ଅଧିଗ୍ରହଣ ହେବାର ଅଛି । ଆମର ସମୁଦାୟ ଜମିରୁ ୨୨ ଡିସିମିଲ ଜାଗା ରହିଯାଉଛି ଯାହାକି ସେ ଜମି କୌଣସି କାର୍ଯ୍ୟରେ ଲାଗିବା ନାହିଁ, ତେଣୁ ବଳକା ଜମିକୁ ଅଧିଗ୍ରହଣ କରାଯାଉ । |
| ୭ | ସମସ୍ତ ଗ୍ରାମବାସୀ | କୁପିଆ | ପ୍ରଭାବିତ ପରିବାର ମାନଙ୍କୁ ଚାକିରି, ଏକ ଡିସିମିଲି ପିଛା ୫୦୦୦୦ ଟଙ୍କା, ବଳକା ରହୁଥିବା ସ୍ୱଳ୍ପ ଜମିକୁ ଅଧିଗ୍ରହଣ ଏବଂ ପ୍ରଭାବିତ ଗ୍ରାମର ଲୋକମାନଙ୍କ ସୁବିଧା ନିମନ୍ତେ ରେଳ ବିଭାଗକୁ ଧ୍ୟାନ ଦେବାକୁ ଅନୁରୋଧ କାରିଥିଲେ । |

ଶେଷରେ ଏହି ପ୍ରସ୍ତାବିତ "ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳ ପ୍ରକଳ୍ପ" ପାଇଁ ପ୍ରଭାବିତ ଗ୍ରାମବାସୀ ସକାରାତ୍ମକ ମନ ସହିତ ଗ୍ରହଣ କଲେ ଏବଂ ସ୍ଥାନୀୟ ସରପଞ୍ଚ ଶ୍ରୀଯୁକ୍ତ ଦାଶରଥି ମାଝି ମହୋଦୟ ସମସ୍ତ ସରକାରୀ ଅଧିକାରୀ ଓ ଜିଓଏନଭିଟେକ ରିସର୍ଚ୍ଚ ଆଣ୍ଡ କନ୍ସଲଟାନସୀ ସର୍ଭିସେସ ପ୍ରାଇଭେଟ ଲିମିଟେଡର କର୍ମକର୍ତ୍ତା ମାନଙ୍କୁ ଧନ୍ୟବାଦ ଜଣାଇ ଏହି ଜନ ଶୁଣାଣି ବୈଠକ ବନ୍ଦ କରିଥିଲେ ।

# ଅଧ୍ୟାୟ-୦୩: ଜମି ମୂଲ୍ୟାଙ୍କନ

## ୩.୧ ପ୍ରକଳ୍ପ ପ୍ରଭାବିତ ଗ୍ରାମଗୁଡିକର ପାର୍ଶ୍ୱଚିତ୍ର




ମାନଚିତ୍ର-୩.୧:ସାଟେଲାଇଟ୍ ମାନଚିତ୍ରରେ ପ୍ରଭାବିତ ଗ୍ରାମଗୁଡିକର ଅବସ୍ଥାନ

*ଉତ୍ସ: ଗୁଗୁଲ ଆର୍ଥ*

## ୩.୨ ପ୍ରସ୍ତାବିତ ପ୍ରକଳ୍ପ ପ୍ରଭାବିତ କ୍ଷେତ୍ର

ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ଅଧ୍ୟୟନ ସମୟରେ ଦଳ ପ୍ରାରମ୍ଭରୁ ବହୁତ ଗୁଡିଏ ଅସୁବିଧାର ସମ୍ମୁଖିନ ହୋଇଥିଲା । ପ୍ରାରମ୍ଭରେ ତଥ୍ୟ ସଂଗ୍ରହ ଗ୍ରାମରେ ଉପଲବ୍ଧ ଥିବା ଘର ଗୁଡିକରୁ ହିଁ ହୋଇଥିଲା, କିନ୍ତୁ କିଛି ପରିବାର ପ୍ରବାସରେ ରହୁଥିଲେ ବୋଲି ସେହି ସମୟରେ ଜଣାପଡିଥିଲା, କିଛି ପ୍ରଭାବିତ ପରିବାର ପ୍ରଭାବିତ ଗ୍ରାମଗୁଡିକରେ ଜମି ଥିବାସତ୍ତ୍ୱେ ଅନ୍ୟଗ୍ରାମରେ ବାସ କରୁଛନ୍ତି । କେତେକ କ୍ଷେତ୍ରରେ ପ୍ରଭାବିତ ପରିବାରଙ୍କ ନାମ ସେମାନଙ୍କ ଜମି ତାଲିକା ଅନୁସାରେ ବାରମ୍ବାର ଅଛି ବୋଲି ଜଣାପଡିଥିଲା । ଗ୍ରାମରୁ ସୂଚନା ଏକାଠି କରି ପାଖ ଗ୍ରାମରେ ବାସକରୁଥିବା ପ୍ରଭାବିତ ପରିବାରଙ୍କୁ ଖୋଜିବା ଦଳପାଇଁ ଏକ ଆହ୍ୱାନ ଭଳି ଥିଲା । TOR ଅନୁସାରେ ୧୭.୦୭୮ ଏକର ଘରୋଇ ଜମି ପ୍ରଭାବିତ ଗାଁର ୩୮ ଟି ପରିବାରରୁ ଅଧିଗ୍ରହଣ ହେବାକୁ ଯାଉଛି, ଯେଉଁଥିରୁ ସର୍ବେକ୍ଷଣ ଦଳ ୪୮ ପରିବାରର ଅଧିଗ୍ରହଣ ହେବାକୁ ଥିବା ୧୪.୬୨୩ ଏକର ଜମି ସର୍ବେକ୍ଷଣ କରି ପାରିଥିଲେ ।

## ୩.୩ ପ୍ରକଳ୍ପ ପ୍ରଭାବିତ ଜମିର ପରିମାଣ ଏବଂ ଅବସ୍ଥାନ

| ତହସିଲ | ଗ୍ରାମ | ପ୍ରଭାବିତ ଘରୋଇ ଜମି | ଘରୋଇ ଜମି ଅଧିଗ୍ରହଣ |
|---|---|---|---|
| ବୋରିଗୁମା | କୁପିଆ | ୪୮.୭୨୫ | ୧୭.୦୭୮ |
| **ସମୁଦାୟ** | | **୪୮.୭୨୫** | **୧୭.୦୭୮** |

*ଉତ୍ସ: ୪(୧) ବିଜ୍ଞପ୍ତି*

୪ (୧) ବିଜ୍ଞପ୍ତି ଅନୁଯାୟୀ, ୪୮.୭୨୫ ଏକର ବିଭିନ୍ନ ବର୍ଗର ପ୍ରଭାବିତ ଘରୋଇ ଜମିରୁ ୧୭.୦୭୮ ଏକର ଘରୋଇ ଜମି ପ୍ରକଳ୍ପ ପ୍ରଭାବିତ ଗ୍ରାମରୁ ଅଧିଗ୍ରହଣ କରିବାକୁ ଯାଉଛି ।

### ୩.୪ ଜମି ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ସର୍ବନିମ୍ନ ଆବଶ୍ୟକତା

ଯେହେତୁ ଏହା ରୈଖିୟ ପ୍ରକଳ୍ପ ତେଣୁ ଜମି ଅଧିଗ୍ରହଣ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସୀମିତ ଅଟେ ଯେଉଁଠାରେ ରେଳପଥ ନିର୍ମାଣ ଯୋଜନା କରାଯାଇଛି । ତେଣୁ ପ୍ରକଳ୍ପ ପାଇଁ ଆବଶ୍ୟକୀୟ ଜମି ଏକ ନ୍ୟୁନତମ ଆବଶ୍ୟକତା ଅଟେ ଯାହାକି ପ୍ରଭାବିତ ଗ୍ରାମରେ ମିଳୁଥିବା ସମସ୍ତ ଜମିର ଏକ କ୍ଷୁଦ୍ର ଅଂଶ ଅଟେ । ପ୍ରକଳ୍ପ ଅଞ୍ଚଳରେ ପ୍ରଭାବିତ ଗ୍ରାମର ସମୁଦାୟ ୯୫୯.୩୪୦ ଏକର ଜମିରୁ ମାତ୍ର ୧୭.୦୭୮ ଏକର ଘରୋଇ ଜମି ଅଧିଗ୍ରହଣ ହେବାର ଅଛି, ଯାହାକି ପ୍ରଭାବିତ ଗ୍ରାମର ସମୁଦାୟ ଜମିର ୧.୭୮% ଅଟେ । ଏହି ଅଧ୍ୟାୟ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (ଏସଆଇଏମପି)ର ପରିଚାଳନା, ପ୍ରକଳ୍ପ ପ୍ରଭାବିତ ପରିବାରଙ୍କର ଅଧିକାର ଜନିତ ଫାଇଦା, ୪୮ ପ୍ରଭାବିତ ଘରଗୁଡିକର କ୍ଷମତା ନିମନ୍ତେ ସାଂଗଠନିକ ଯୋଗାଡକୁ ସ୍ପଷ୍ଟ ଭାବରେ ବୁଝାଏ । ଏହି ଅଧ୍ୟାୟ ମଧ ପ୍ରଭାବିତ ଘରଗୁଡିକର ଥଇଥାନ ଏବଂ ପୁନଃବସତି ପାଇଁ ଅଗ୍ରାଧିକାର ଦେଇଥାଏ ।

### ୩.୫ ପ୍ରକଳ୍ପ ପାଇଁ ବିକଳ୍ପ ସ୍ଥାନ ଏବଂ ସେମାନଙ୍କର ସମ୍ଭାବ୍ୟତା

ଏହି ପ୍ରକଳ୍ପ ପାଇଁ ଅନ୍ୟ କୌଣସି ବିକଳ୍ପ ସ୍ଥାନ ଏବଂ ସେମାନଙ୍କର ସମ୍ଭାବ୍ୟତା ନାହିଁ ।

### ୩.୬ ଅନୁସୂଚିତ ଅଞ୍ଚଳରେ ପ୍ରସ୍ତାବିତ ଅଧିଗ୍ରହଣ ଜମି ଏକ ଶେଷ ପନ୍ଥା

ଯେହେତୁ ପ୍ରସ୍ତାବିତ ପ୍ରକଳ୍ପ ହେଉଛି ନୂତନ ବି.ଜି. ରେଳ ପ୍ରକଳ୍ପ ଯାହାକି କୋରାପୁଟ ଏବଂ ନବରଙ୍ଗପୁର ଜିଲ୍ଲାର ସାଧାରଣ ଜନତାଙ୍କ ସୁବିଧା ତଥା ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଅର୍ଜନ ହୋଇଥିବା ଜମିଗୁଡିକ କେବଳ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଏବଂ କେବିକେ ଜିଲ୍ଲାର ସବୁଠାରୁ ଅପହଞ୍ଚ ଅଞ୍ଚଳରେ ରେଳ ନେଟୱାର୍କ ବିସ୍ତାର କରିବାକୁ ଲକ୍ଷ୍ୟ ରଖାଯାଇଥିବା ଜୟପୁର-ନବରଙ୍ଗପୁରର ରେଳ ପ୍ରକଳ୍ପ ନିର୍ଦ୍ଧାରିତ ଅଞ୍ଚଳରେ ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ଜମି ହେଉଛି ଏକ ପ୍ରଦର୍ଶନଯୋଗ୍ୟ ଶେଷ ଉପାୟ ।

### ୩.୭ ପୂର୍ବରୁ କ୍ରୟ ବିକ୍ରୟ, ବିଚ୍ଛିନ, ଲିଜ କିମ୍ବା ଅଧିଗ୍ରହଣ ଏବଂ ପ୍ରକଳ୍ପ ପାଇଁ ଉଦ୍ଦିଷ୍ଟ ଆବଶ୍ୟକ ପ୍ରତ୍ୟେକ ଜମିର ବ୍ୟବହାର

ଏହି ପ୍ରକଳ୍ପ ପାଇଁ ପୂର୍ବରୁ କ୍ରୟ, ବିଚ୍ଛିନ୍ନ, ଲିଜ୍ କିମ୍ବା ଅଧିଗ୍ରହଣ ହୋଇଥିବା ଜମି ସମ୍ବନ୍ଧରେ କୌଣସି ତଥ୍ୟ ଉପଲବ୍ଧ ନାହିଁ ।

### ୩.୮ ପ୍ରକଳ୍ପ ପାଇଁ ସାର୍ବଜନୀନ, ଅବ୍ୟବହୃତ ଜମି ବ୍ୟବହାରର ସମ୍ଭାବନା ଏବଂ ସେହି ଜମି ଦଖଲରେ ଅଛି କି ନାହିଁ

**ଏହି ପ୍ରକଳ୍ପ ପାଇଁ କୌଣସି ସାର୍ବଜନୀନ, ଅବ୍ୟବହୃତ ଜମି ଏବଂ ଜମି ଦଖଲରେ ଥିବାର କୌଣସି ସମ୍ଭାବନା ନାହିଁ ।**

### ୩.୯ ଜମିର ପ୍ରକୃତି

| ତହସିଲ | ଗ୍ରାମ | ଘରୋଇ ଜମି ଅଧିଗ୍ରହଣ | ସର୍ଭେ କରା ଯିବାକୁ ଥିବା ମୋଟ ଜମି | ଅଣ ଜଳ ସେଚିତ ଜମି | | ଜଳ ସେଚିତ ଜମି | | ଘରବାରି ଏବଂ ଅନ୍ୟାନ୍ୟ ଜମି | |
|---|---|---|---|---|---|---|---|---|---|
| | | | | କ୍ଷେତ୍ର | % | କ୍ଷେତ୍ର | % | କ୍ଷେତ୍ର | % |
| ବୋରିଗୁମା | କୁପିଆ | ୧୭.୦୭୮ | ୧୪.୬୨୩ | ୧୪.୫୬୮ | ୯୯.୬୨ | ୦.୦୦୦ | ୦.୦୦ | ୦.୦୫୫ | ୦.୩୮ |
| **ସମୁଦାୟ** | | **୧୭.୦୭୮** | **୧୪.୬୨୩** | **୧୪.୫୬୮** | **୯୯.୬୨** | **୦.୦୦୦** | **୦.୦୦** | **୦.୦୫୫** | **୦.୩୮** |

*ଉତ୍ସ: ସର୍ବେକ୍ଷଣ ତଥ୍ୟ*

ଏହି ରେଳପଥ ପ୍ରକଳ୍ପ ପାଇଁ ୧ ଗୋଟି ପ୍ରଭାବିତ ଗ୍ରାମର ୧୭.୦୭୮ ଏକର ଘରୋଇ ଜମି ଅଧିଗ୍ରହଣ ହେବାକୁ ଯାଉଛି । ଜିଓଏନଭିଟେକ ରିସର୍ଚ୍ଚ ଆଣ୍ଡ କନ୍ସଲଟାନସୀ ସର୍ଭିସେସ ପ୍ରାଇଭେଟ ଲିମିଟେଡର ସର୍ବେକ୍ଷଣ ଦଳ ୧୪.୬୨୩ ଏକର ଜମିର ସର୍ବେକ୍ଷଣ କରିବାକୁ ସକ୍ଷମ ହୋଇଥିଲେ ଯେଉଁଥିରୁ ୧୪.୫୬୮ ଏକର ଅଣଜଳସେଚିତ ଜମି ଏବଂ ୦.୦୫୫ ଏକର ଘରବାରି ଜମି ବୋଲି ସର୍ବେକ୍ଷଣରୁ ଜାଣିବାକୁ ମିଳିଛି ।

### ୩.୧୦ ପ୍ରସ୍ତାବିତ ଜମି ଅଧିଗ୍ରହଣରେ ଖାଦ୍ୟ ନିରାପତ୍ତା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥାର ପାଳନ

ପ୍ରସ୍ତାବିତ ଜମି ଅଧିଗ୍ରହଣରେ ଖାଦ୍ୟ ନିରାପତ୍ତା ସମ୍ବନ୍ଧରେ ବିଶେଷ ବ୍ୟବସ୍ଥା ସମ୍ବନ୍ଧରେ କୌଣସି ତଥ୍ୟ ଉପଲବ୍ଧ ନାହିଁ ।

### ୩.୧୧ ଚୁକ୍ତିର ଆକାର, ଜମିର ମାଲିକାନା, ଆବାସିକ ଘର ସଂଖ୍ୟା ଓ ସରକାରୀ ଏବଂ ବେସରକାରୀ ସମ୍ପତ୍ତି ମୂଲ୍ୟାଙ୍କନ

| ତହସିଲ | ଗ୍ରାମ | ସତ୍ତ୍ୱାଧିକାରୀ | | ପାରମ୍ପାରିକ ଅଧିକାର | | ସମୁଦାୟ | |
|---|---|---|---|---|---|---|---|
| | | ନଂ | % | ନଂ | % | ନଂ | % |
| ବୋରିଗୁମା | କୁପିଆ | ୧୩ | ୨୭.୦୮ | ୩୫ | ୭୨.୯୮ | ୪୮ | ୧୦୦.୦୦ |
| ସମୁଦାୟ | | **୧୩** | **୨୭.୦୮** | **୩୫** | **୭୨.୯୮** | **୪୮** | **୧୦୦.୦୦** |

*ଉତ୍ସ: ସର୍ବେକ୍ଷଣ ତଥ୍ୟ*

ଜମି ଉପରେ ପରିବାର ଗୁଡିକର ମାଲିକାନା ଏଥି ମଧ୍ୟରୁ ସେମାନଙ୍କ ଅଧିକାର ଏବଂ ଲାଭର ଅନୁମାନ ପ୍ରତିଫଳିତ କରେ । ଅଧିଗ୍ରହଣ ହେବାକୁ ଥିବା ଜମି ମାଲିକାନାର ସୂଚନା ଉତ୍ତରଦାତାଙ୍କ ଦ୍ୱାରା ଦିଆଯାଇଥିବା ପ୍ରତିକ୍ରିୟାରୁ ସଂଗ୍ରହ କରାଯାଇଥିଲା । ଏହା ଜଣାପଡିଥିଲାକି ୨୭.୦୮% ଘର ସତ୍ତ୍ୱାଧିକାରୀ ଏବଂ ୭୨.୯୮% ଘର କହୁଥିଲେ ଯେ ଯେଉଁଜମି ସେମାନେ ହରାଇବାକୁ ଯାଉଛନ୍ତି ସେହି ଜମି ଖଣ୍ଡ ଉପରେ ସେମାନଙ୍କର ପାରମ୍ପାରିକ ମାଲିକାନା ଅଧିକାର ଅଛି । ଧ୍ୟାନକେନ୍ଦ୍ରିକ ଆଲୋଚନା ବେଳେ ପରିବାରମାନଙ୍କ ଦ୍ୱାରା ଉଚିତ କାରଣ ସ୍ପଷ୍ଟ ହୋଇଥିଲା କି ଜମି ଉପରେ ସେମାନଙ୍କ ଲୋକଚାରିକ ଅଧିକାର ବଞ୍ଚିରହୁ କାରଣ ପିଢିପରେ ପିଢି ଏହି ଜମିକୁ ସେମାନେ ଚାଷକାର୍ଯ୍ୟରେ ବ୍ୟବହାର କରି ଆସୁଛନ୍ତି ବୋଲି ଗ୍ରାମର ମୁଖିଆ ଓ ଗ୍ରାମର ଲୋକମାନେ ଏହି ପକ୍ଷନେଇ ପ୍ରମାଣ ଦେଇପାରିବେ । ତେଣୁ ଏଠାରେ ଯେଉଁ ଜମି ସେମାନେ ଚାଷ କରୁଛନ୍ତି ତାହାର କୌଣସି ନଥିପତ୍ର ଦେବାର ଆବଶ୍ୟକତା ନାହିଁ ।

### ୩.୧୨ ଜମି ମୂଲ୍ୟ, ଗତ ତିନିବର୍ଷ ମଧ୍ୟରେ ଜମିର ମାଲିକାନା ସ୍ଥାନାନ୍ତର ଏବଂ ବ୍ୟବହାରରେ ପରିବର୍ତ୍ତନ

ରେଳବାଇର ଉନ୍ନତି ପାଇଁ ଜମି ଅଧିଗ୍ରହଣ ଅତ୍ୟନ୍ତ ଜରୁରୀ ଏବଂ ଜମିର ମୂଲ୍ୟ ପ୍ରକଳ୍ପ କାର୍ଯ୍ୟକାରୀର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅଟେ । ଯେହେତୁ ବିବେଚନା କରାଯାଉଥିବା ଜମି ହେଉଛି ଗ୍ରାମାଞ୍ଚଳର ପଛ ହାଡ ଯାହା ସେମାନଙ୍କର ଜୀବିକାର ମୂଳ ଉତ୍ସ ଅଟେ । ତେଣୁ ଜମି ମୂଲ୍ୟର ନିର୍ଣ୍ଣୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯେଉଁଥିପାଇଁ କ୍ଷତି ହେତୁ ଆଘାତ କମ୍ ହେବା ଆବଶ୍ୟକ । କିନ୍ତୁ, ପ୍ରଭାବିତ ଜମିଗୁଡିକର ବେଞ୍ଚ ମାର୍କ ମୂଲ୍ୟର ଉପଲବ୍ଧତା ଅଭାବରୁ, ଗାଇଡଲାଇନ ଅନୁଯାୟୀ ଜମି ମୂଲ୍ୟ ବର୍ତ୍ତମାନର ବଜାର ମୂଲ୍ୟ ଏବଂ ପ୍ରଚଳିତ ନିୟମ ଅନୁଯାୟୀ ଏକାଧିକ କାରକ ଦ୍ୱାରା ସ୍ଥିର ହେବ ।

# ଅଧ୍ୟାୟ-୦୪ : ପ୍ରଭାବିତ ପରିବାର ଏବଂ ସମ୍ପତ୍ତିର ଆକଳନ ଏବଂ ଗଣନା

ଏକ ଗୋଷ୍ଠୀର ଜନସାଙ୍ଖ୍ୟିକ ଚିତ୍ର ତାହାର ସାମାଜିକ ଓ ଅର୍ଥନୈତିକ ଅବସ୍ଥା ବିଷୟରେ ତଥା ସେମାନଙ୍କ ଜୀବନକୁ ପ୍ରଭାବିତ କରୁଥିବା ଅନେକ ଉନ୍ନତି ସମ୍ବନ୍ଧୀୟ ସୂଚନା ଦେଇଥାଏ । ସାମାଜିକ ଓ ଅର୍ଥନୈତିକ ଅବସ୍ଥାର ଏକ ଆଲୋଚନାତ୍ମକ ଅନୁଶୀଳନ ସେମାନଙ୍କ ସମ୍ପନ୍ନତା, ଦାରିଦ୍ର୍ୟ ଓ ଦୁର୍ବଳତା ବୁଝିବା ପାଇଁ ସହାୟକ ହୋଇଥାଏ । ସାମାଜିକ ପ୍ରଭାବ ଆକଳନ ପ୍ରଭାବିତ ଗୋଷ୍ଠୀର ସାମାଜିକ ଓ ଅର୍ଥନୈତିକ ଅବସ୍ଥା ଉପରେ ଗୁରୁତ୍ୱ ଦେଇଥାଏ ଏବଂ ନକାରାତ୍ମକ ପ୍ରଭାବ ଗୁଡିକର ପ୍ରଶମନ ପାଇଁ ପ୍ରସ୍ତାବ ଦେଇଥାଏ । ତେବେ, ଆମ ପ୍ରସଙ୍ଗରେ କୋରାପୁଟ ଜିଲ୍ଲାର ବୋରିଗୁମା ତହସିଲରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯାଇଛି । ଏହି ସାମାଜିକ ପ୍ରଭାବ ଆକଳନ ନୂତନ ଓସାରିଆ ରେଳପଥ ନିର୍ମାଣ ପାଇଁ କରାଯାଇଅଛି । ଆମର ସାମର୍ଥ୍ୟ ମଧ୍ୟରେ, ଆମେ ଖାତାଧାରକ ଏବଂ ସେମାନଙ୍କର ବିସ୍ତାରିତ ପରିବାରର ସାମାଜିକ ଏବଂ ଅର୍ଥନୈତିକ ସ୍ଥିତିର ଏକ ସରଳ ବିଶ୍ଳେଷଣ କରିଛୁ । ତଥାପି, ଏହି ଅଧ୍ୟାୟର ଉଦ୍ଦେଶ୍ୟ ହେଉଛି ପ୍ରଭାବିତ ଗ୍ରାମଗୁଡିକରେ ପ୍ରଭାବିତ ପରିବାରର ସାମାଜିକ-ଅର୍ଥନୈତିକ ସ୍ଥିତିକୁ ବୁଝିବା । ଏହି ବିଭାଗରେ, ପ୍ରକଳ୍ପ ପ୍ରଭାବିତ ପରିବାରଗୁଡିକର ସମସ୍ତ ସାମାଜିକ-ଅର୍ଥନୈତିକ ଚିତ୍ର ସଂଗ୍ରହ କରିବାକୁ ସମସ୍ତ ପ୍ରଭାବିତ ଗ୍ରାମଗୁଡିକର ଏକ ତୁଳନାତ୍ମକ ବିଶ୍ଳେଷଣ କରାଯାଇଛି ।

## ୪.୧ ପରିବାରର ଗଣନା

### ୪.୧.୧ ପୁର୍ବରୁ ସ୍ଥାନଚ୍ୟୁତ ପରିବାର

ଏହି ସର୍ବେକ୍ଷଣରୁ ଜଣାପଡିଲାଯେ ପ୍ରଭାବିତ ଗ୍ରାମଗୁଡିକରୁ କୌଣସି ପରିବାର ପୁର୍ବରୁ ବିସ୍ଥାପିତ ହୋଇନାହାନ୍ତି ।

### ୪.୧.୨ ପ୍ରକଳ୍ପ ପ୍ରଭାବିତ ପରିବାର

| ତହସିଲ | ଗ୍ରାମ | ପ୍ରଭାବିତ ଘର | ଅଣ ପ୍ରଭାବିତ ଘର | ସମୁଦାୟ |
|---|---|---|---|---|
| ବୋରିଗୁମା | କୁପିଆ | ୪୮ | ୭ | ୫୫ |
| **ସମୁଦାୟ** | | **୪୮** | **୭** | **୫୫** |

*ଉତ୍ସ: ସର୍ବେକ୍ଷଣ ତଥ୍ୟ*

ଏହି ଅଧ୍ୟୟନରେ ସମୁଦାୟ ୫୫ ଘର ସର୍ବେକ୍ଷଣ ଅନ୍ତର୍ଭୁକ୍ତ ତା ମଧ୍ୟରୁ ୪୮ ଘର ପ୍ରତ୍ୟକ୍ଷ ଭାବରେ ଏବଂ ୭ ଘର ପରୋକ୍ଷ ଭାବରେ ଏହି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଅଟନ୍ତି ।

### ୪.୧.୩ ପ୍ରଭାବିତ ପରିବାରର ଜମି କିମ୍ବା ଅନ୍ୟାନ୍ୟ ଅସ୍ଥାବର ସମ୍ପତି ଅର୍ଜନ କରାଯାଇଛି

| ତହସିଲ | ଗ୍ରାମ | ମୂଳ | ପୁଅ | ଝିଅ | ନାତି | ନାତୁଣୀ | ଭିନ୍ନକ୍ଷମ | ବିଧବା | ସମୁଦାୟ |
|---|---|---|---|---|---|---|---|---|---|
| ବୋରିଗୁମା | କୁପିଆ | ୪୮ | ୫୩ | ୮ | ୧୧ | ୨ | ୧ | ୨ | ୧୨୫ |
| ସମୁଦାୟ | | **୪୮** | **୫୩** | **୮** | **୧୧** | **୨** | **୧** | **୨** | **୧୨୫** |

*ଉତ୍ସ: ସର୍ବେକ୍ଷଣ ତଥ୍ୟ*

ଉପରୋକ୍ତ ସାରଣୀରୁ ଜଣାପଡେକି ସମୁଦାୟ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ପରିବାର ସଂଖ୍ୟା ୧୨୫ ଅଟେ । ଏଥିମଧ୍ୟରୁ ୪୮ ମୂଳ ଘର ଏବଂ ୭୭ ସଂପ୍ରସାରିତ ପରିବାର ଏହି ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଯାଉଛନ୍ତି । ସଂପ୍ରସାରିତ ପରିବାର ବର୍ଗୀକରଣ ଅନୁସାରେ ୫୩ ପୁଅ, ୮ ଝିଅ, ୧୧ ନାତି, ୨ ନାତୁଣି, ୧ ଭିନ୍ନକ୍ଷମ ଏବଂ ୨ ବିଧବା ଅଟନ୍ତି । ତେଣୁ ଯେତେବେଳେ ପୁନର୍ବସତି କାର୍ଯ୍ୟ ଯୋଜନା ପ୍ରସ୍ତୁତି କରାଯାଏ ସେତେବେଳେ ନିୟମ ଅନୁଯାୟୀ ଦୁର୍ବଳ ପରିବାରକୁ ସର୍ବାଧିକ ଯତ୍ନ ଦେବା ଦରକାର ।

### ୪.୧.୪ ଭଡାଟିଆଙ୍କ ଅଧୀନରେ ଥିବା ଜମି

ଭଡାଟିଆ ମାନଙ୍କ ଅଧୀନରେ କୌଣସି ଜମି ନାହିଁ ।

### ୪.୧.୫ ଅନୁସୂଚିତ ଜନଜାତିର ପରିବାର ଏବଂ ଅନ୍ୟାନ୍ୟ ପାରମ୍ପାରିକ ଜଙ୍ଗଲ ବାସିନ୍ଦା ଯେଉଁମାନେ ସେମାନଙ୍କର କୌଣସି ଜଙ୍ଗଲ ଅଧିକାର ହରାଇଛନ୍ତି

ଅନୁସୂଚିତ ଜନଜାତିର କୌଣସି ପରିବାର ଏବଂ ଅନ୍ୟାନ୍ୟ ପାରମ୍ପାରିକ ଜଙ୍ଗଲବାସୀ ସେମାନଙ୍କର ଜଙ୍ଗଲ ଅଧିକାର ହରାଉ ନାହାଁନ୍ତି, କାରଣ ପ୍ରସ୍ତାବିତ ପ୍ରକଳ୍ପ ପାଇଁ କେବଳ କୃଷି ଜମି ଅଧିଗ୍ରହଣ ହେବାକୁ ଯାଉଛି ।

### ୪.୧.୬ କୃଷି ଶ୍ରମିକଙ୍କ ପରିବାର, ଭଡାଟିଆ କିମ୍ବା ଉପଯୋଗୀ ଅଧିକାର, ଅଂଶଧନକାରୀ ଏବଂ କାରିଗରଙ୍କ ପରିବାର କିମ୍ବା ଯେଉଁମାନେ ଜମି ଅଧିଗ୍ରହଣ ପୂର୍ବରୁ ତିନି ବର୍ଷ ଧରି ପ୍ରଭାବିତ ଅଞ୍ଚଳରେ କାର୍ଯ୍ୟ କରୁଥିଲେ

#### ୪.୧.୬.୧ ଅଧିଗ୍ରହଣ ହେବାକୁ ଥିବା ଜମି ଉପରେ କୃଷି ଶ୍ରମର ନିର୍ଭରଶୀଳତା

ପ୍ରଭାବିତ ଗ୍ରାମରେ SIA ଅଧ୍ୟୟନ କରୁଥିବା ଅନୁସନ୍ଧାନକାରୀ ଦଳ ପ୍ରଭାବିତ ଗ୍ରାମରେ କୃଷି ଶ୍ରମିକମାନେ ପ୍ରଭାବିତ ଜମି ଉପରେ ନିର୍ଭରଶୀଳ କି ନାହିଁ ଆକଳନ କରିବାକୁ ଚେଷ୍ଟା କରିଥିଲେ। ଏହା ଦେଖିବା ଅତ୍ୟନ୍ତ ପ୍ରଯୁଜ୍ୟ କାରଣ ଏହି ଜମି ଉପରେ ଭାରି ନିର୍ଭରଶୀଳତା ଗାଁର ଏହି ବର୍ଗର ବର୍ଗର ଜୀବିକାକୁ ବିକୃତ କରିପାରେ | ଅଧ୍ୟୟନରୁ ଜଣାପଡିଛି ଯେ ପ୍ରଭାବିତ ଜମି ପାଇଁ ସେମାନେ କୃଷି ଶ୍ରମିକ ନିଯୁକ୍ତି କରନ୍ତି ନାହିଁ ।

#### ୪.୧.୬.୨ ଅଧିଗ୍ରହଣ ହେବାକୁ ଥିବା ଜମି ଉପରେ ଅଂଶଧନକାରୀଙ୍କର ନିର୍ଭରଶୀଳତା

ପ୍ରଭାବିତ ଗ୍ରାମରେ ଅଧ୍ୟୟନ କରୁଥିବା ଅନୁସନ୍ଧାନକାରୀ ଦଳ ପ୍ରଭାବିତ ଗ୍ରାମରେ ଥିବା ଅଂଶଧନକାରୀମାନେ ପ୍ରଭାବିତ ଜମି ଉପରେ ନିର୍ଭର କରନ୍ତି କି ନାହିଁ ଆକଳନ କରିବାକୁ ଚେଷ୍ଟା କରିଥିଲେ। ଏହା ଦେଖିବା ଅତ୍ୟନ୍ତ ପ୍ରଯୁଜ୍ୟ କାରଣ ଏହି ଜମି ଉପରେ ଭାରି ନିର୍ଭରଶୀଳତା ଗାଁର ଏହି ବର୍ଗର ଜୀବିକାକୁ ବିକୃତ କରିପାରେ | ଅଧ୍ୟୟନରୁ ଜଣାପଡିଛି ଯେ ପ୍ରଭାବିତ ଜମି ପାଇଁ ସେମାନେ କୌଣସି ଅଂଶୀଦାର ନିଯୁକ୍ତ କରନ୍ତି ନାହିଁ।

### ୪.୧.୭ ଯେଉଁ ପରିବାରଗୁଡିକୁ ରାଜ୍ୟ ସରକାର କିମ୍ବା କେନ୍ଦ୍ର ସରକାର ଏହାର କୌଣସି ଯୋଜନା ଅଧୀନରେ ଜମି ନ୍ୟସ୍ତ କରିଛନ୍ତି

ସର୍ବେକ୍ଷଣ ସମୟରେ ଏହା ଜଣାପଡିଛି ଯେ, କୌଣସି ପ୍ରକଳ୍ପ ପ୍ରଭାବିତ ପରିବାରମାନଙ୍କୁ ରାଜ୍ୟ କିମ୍ବା କେନ୍ଦ୍ରସରକାର କୌଣସି ଯୋଜନା ଅଧୀନରେ ଜମି ନ୍ୟସ୍ତ କରିନାହାଁନ୍ତି ।

### ୪.୧.୮ ଯେଉଁ ପରିବାରମାନେ ଜମି ଅଧିଗ୍ରହଣ ପୂର୍ବରୁ ତିନି ବର୍ଷ କିମ୍ବା ତା'ଠାରୁ ଅଧିକ ସହରାଞ୍ଚଳର ଯେ କୌଣସି ଜମିରେ ରହିଆସୁଛନ୍ତି

ସର୍ବେକ୍ଷଣ ସମୟରେ ଏହା ଜଣାପଡିଛି ଯେ କୌଣସି ପ୍ରକଳ୍ପ ପ୍ରଭାବିତ ପରିବାର ସହରାଞ୍ଚଳର ଜମିରେ, ଜମି ଅଧିଗ୍ରହଣ ପୂର୍ବରୁ ତିନି ବର୍ଷ କିମ୍ବା ତା'ଠାରୁ ଅଧିକ ସମୟ ଧରି ରହି ନାହାଁନ୍ତି ।

### ୪.୧.୯ ପ୍ରକଳ୍ପ ଦ୍ୱାରା ପରୋକ୍ଷରେ ପ୍ରଭାବିତ ହୋଇଥିବା ପରିବାରମାନେ

#### ୪.୧.୯.୧ ପ୍ରକଳ୍ପ ଉପରେ ସଚେତନତା

"ନ୍ୟାୟୋଚିତ କ୍ଷତିପୂରଣ ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଏବଂ ପୁନର୍ବାସ ନିୟମ ୨୦୧୩" ଅନୁସାରେ ଜମି ଅଧିଗ୍ରହଣ ପ୍ରକ୍ରିୟାରେ ଜନ ଅଂଶଗ୍ରହଣ ବହୁତ ଦରକାରୀ ଅଟେ । ଏହି ପ୍ରସଙ୍ଗରେ କର୍ତ୍ତୃପକ୍ଷ ପ୍ରକଳ୍ପ ପ୍ରଭାବିତ ଗ୍ରାମରେ ସଚେତନତା ସୃଷ୍ଟିକରିବା ପାଇଁ ବହୁତ ପଦକ୍ଷେପ ନେଇଛନ୍ତି । ଚିତ୍ରରୁ ଜଣାପଡେ କି ଉଭୟ ପ୍ରବାଭିତ (୧୦୦%) ଏବଂ ଅଣ ପ୍ରବାଭିତ ଘର (୧୦୦%) ପ୍ରକଳ୍ପ ବିଷୟରେ ଭଲ ଭାବରେ ସଚେତନ ଅଟନ୍ତି ।



*ଉତ୍ସ: ସର୍ବେକ୍ଷଣ ତଥ୍ୟ*

### ୪.୧.୯.୨ ପ୍ରଭାବିତ ପରିବାର ମାନଙ୍କୁ ପ୍ରକଳ୍ପ ଦ୍ୱାରା ଫାଇଦା

ଚିତ୍ରରୁ ଜଣାପଡେ କି ୯୩.୭୫% ପ୍ରକଳ୍ପ ପ୍ରଭାବିତ ଘର ସ୍ୱୀକାର କରିଛନ୍ତି ଯେ ଏହି ପ୍ରକଳ୍ପଟି ହେଲେ ସେମାନଙ୍କ ପରିବାରକୁ ନିଶ୍ଚୟ ଫାଇଦା ମିଳିବ । ହେଲେ, ୨.୦୮% ଘରଏହି ପ୍ରକଳ୍ପ ଦ୍ୱାରା ସେମାନଙ୍କ ପରିବାରର କୌଣସି ଫାଇଦା ହେବ ନାହିଁ ବୋଲି କହିଥିଲେ ଏବଂ ୪.୧୭% ଘର କହିଥିଲେ ଯେ, ଏହି ପ୍ରକଳ୍ପ ଦ୍ୱାରା ସେମାନଙ୍କର ଫାଇଦା ହେବା ସହ କିଛି ହାନି ମଧ୍ୟ ହେବ । କିନ୍ତୁ ଶତ ପ୍ରତିଶତ ଅଣ ପ୍ରଭାବିତ ଘର ଏହା କହିଥିଲେ ପ୍ରକଳ୍ପଟି ସେମାନଙ୍କ ପରିବାରକୁ ନିଶ୍ଚୟ ଫାଇଦା ଦେବ ।




### ୪.୧.୯.୩ ପ୍ରଭାବିତ ଗ୍ରାମଗୁଡିକୁ ଫାଇଦା

ଚିତ୍ରରୁ ଏହା ପ୍ରତିତ ହୁଏକି ୧୦୦ ପ୍ରକଳ୍ପ ପ୍ରଭାବିତ ଘର ସ୍ୱୀକାର କରିଛନ୍ତି ଯେ ଏହି ପ୍ରକଳ୍ପଟି ହେଲେ ସେମାନଙ୍କ ଗ୍ରାମକୁ ନିଶ୍ଚୟ ଫାଇଦା ମିଳିବ ଏବଂ ଶତ ଅଣ ପ୍ରଭାବିତ ପରିବାର ଏହା କହିଥିଲେ ରେଳ ପ୍ରକଳ୍ପଟି ସେମାନଙ୍କ ଗ୍ରାମକୁ ନିଶ୍ଚୟ ଫାଇଦା ଦେବ ।




### ୪.୧.୯.୪ ପ୍ରଭାବିତ ପରିବାର ଏବଂ ଗାଆଁ ଗୁଡିକୁ ପ୍ରକଳ୍ପର ପ୍ରାଧାନ୍ୟ ଉପରେ ପ୍ରତ୍ୟକ୍ଷ ଉପଲବ୍ଧି

ଯେତେବେଳେ ପ୍ରକଳ୍ପର ବିଶ୍ଳେଷଣ ସାମାଜିକ ପ୍ରଭାବ ମୂଲ୍ୟାଙ୍କନର ଅଧିନରେ କରାଯାଏ ସେତେବେଳେ ପ୍ରଚଳିତ ଘରର ପୁନଃବସତି ସମୟରେ ସାହାଯ୍ୟ କରିବାକୁ ଥିବା ସମସ୍ୟାର ଚିହ୍ନଟ କରିବା ଅପରିହାର୍ଯ୍ୟ ଅଟେ । ତେଣୁ ପ୍ରଭାବିତ ଘର ସେମାନଙ୍କ ଘରର ସମସ୍ୟା ଏବଂ ଦାୟିତ୍ୱ ବିଷୟରେ ପଚାରିଥିଲେ । ୪୮ ସର୍ବେକ୍ଷଣ ଘର ମଧ୍ୟରୁ ୭୯.୧୭% ଘର ଅନୁଭବ କରନ୍ତି ଯେ ଏହି ରେଳପଥ ପ୍ରକଳ୍ପ ଯୋଗୁ ଗଛ କଟାଯିବା ଦ୍ୱାରା ପରିବେଶର କ୍ଷତି ହେବ, ୩୧.୨୫% ଘର ଅନୁଭବ କରନ୍ତି ଯେ ନିର୍ମାଣ ସମୟରେ ଧୂଳି ଯୋଗୁଁ ବାୟୁ ପ୍ରଦୂଷଣ ବୃଦ୍ଧି ହେବ ଏବଂ ୨୨.୯୨% ଘର ଅନୁଭବ କରନ୍ତି ଯେ ଏହି ପ୍ରକଳ୍ପ ପାଇଁ ସେମାନେ ସେମାନଙ୍କର ଜମି ହରାଇବେ ।




### ୪.୧.୧୦ ପ୍ରକଳ୍ପ କ୍ଷେତ୍ରରେ ଉତ୍ପାଦନକାରୀ ସମ୍ପତ୍ତିର ତାଲିକା

| କୃଷି ଉପକରଣ | ପରିବାର ସଂଖ୍ୟା | % |
|---|---|---|
| ହଳ | ୧୭ | ୩୫.୪୨ |
| ଶାବଳ | ୨୯ | ୬୦.୪୨ |
| କୋଡି | ୩୮ | ୭୯.୧୭ |
| ଦା' | ୪୩ | ୮୯.୫୮ |

*ଉତ୍ସ: ସର୍ବେକ୍ଷଣ ତଥ୍ୟ*

ସାରଣୀରୁ ଜଣାପଡେଯେ ସର୍ବେକ୍ଷଣ ହୋଇଥିବା ୪୮ ଘର ମଧ୍ୟରୁ ୧୭ (୩୫.୪୨%) ଘରଲୋକଙ୍କର ନିଜର ହଳ ରହିଛି, ୨୯ (୬୦.୪୨%) ଘରଲୋକଙ୍କର ଶାବଳ, ୩୮ (୭୯.୧୭) ଘରଲୋକଙ୍କର କୋଡି ଏବଂ ୪୩ (୮୯.୫୮%) ଘରଲୋକଙ୍କର ଦା' ଭଳି କୃଷି ଉପକରଣ ରହିଛି ।

# ଅଧ୍ୟାୟ-୦୫: ସାମାଜିକ-ଅର୍ଥନୈତିକ ଓ ସାଂସ୍କୃତିକ ପାର୍ଶ୍ୱଚିତ୍ର

## ୫.୧ ପ୍ରକଳ୍ପ ଅଞ୍ଚଳର ଜନସାଙ୍ଖ୍ୟିକ ବିବରଣୀ

ଏହି ବିଭାଗ ପ୍ରଭାବିତ ପରିବାରର ମୌଳିକ ଜନସଂଖ୍ୟାଗତ ବୈଶିଷ୍ଟ୍ୟଗୁଡିକ ଉପସ୍ଥାପନ କରେ, ଯେଉଁଥିରେ ଲିଙ୍ଗ, ବୟସ, ପରିବାର ପ୍ରକାର ଏବଂ ଦୁର୍ବଳ ଗୋଷ୍ଠୀ ଅନ୍ତର୍ଭୁକ୍ତ ।

### ୫.୧.୧ ପ୍ରଭାବିତ ପରିବାରଙ୍କ ବୟସ ଅନୁଯାୟୀ ବର୍ଗୀକରଣ

ବୟସ ସଂରଚନା ଲୋକମାନଙ୍କର ବିଭିନ୍ନ ଆର୍ଥିକ ଏବଂ ସାମାଜିକ ଗତିବିଧିରେ ସେମାନଙ୍କ ଅବଦାନ ଓ ନିର୍ଭରଶୀଳତା ଉଭୟକୁ ସୂଚାଇଥାଏ । ଦିଆଯାଇଥିବା ସାରଣୀରେ ବୟସ ଅନୁଯାୟୀ ବର୍ଗୀକରଣ ଦିଆଯାଇଛି । ୧୮<୬୦ ବର୍ଷ ବୟସ ମଧ୍ୟରେ ଥିବା ଲୋକମାନେ ଅର୍ଥନୈତିକ ଦୃଷ୍ଟିରୁ ଅଧିକ ଉତ୍ପାଦନଶୀଳ ଏବଂ ସେମାନେ ସମାଜ, ପରିବାର ଓ ପରିପାର୍ଶ୍ୱର ଅବଦାନ ନିମନ୍ତେ ରୋଜଗାର କରିଥାନ୍ତି । ସାରଣୀରେ ଦର୍ଶାଏ ଯେ ଉପାର୍ଜନକ୍ଷମ ବୟସ ସୀମା ୧୮<୬୦ ମଧ୍ୟରେ ୬୨.୬୩% ଲୋକ ଅଛନ୍ତି । ଏହାର ଅର୍ଥ ହେଉଛି ପ୍ରଭାବିତ ଗ୍ରାମଗୁଡିକର ୬୦% ଲୋକ ଉପାର୍ଜନକ୍ଷମ ବର୍ଗର ଅଟନ୍ତି । ଏହି ଜନସଂଖ୍ୟା ମଧ୍ୟରେ ୩.୭୦% ୬୦ ବର୍ଷରୁ ଉର୍ଦ୍ଧ୍ୱ, ୬ ରୁ ୧୮ ବର୍ଷ ମଧ୍ୟରେ ୨୫.୫୯% ଏବଂ ୦-୬ ବର୍ଷ ବୟସ ମଧ୍ୟରେ ୮.୦୮% ଶିଶୁ ଅଛନ୍ତି ।

| ତହସିଲ | ଗ୍ରାମ | ୦-୫ | | ୬-୧୭ | | ୧୮-୬୦ | | ୬୦ ରୁ ଉର୍ଦ୍ଧ୍ୱ | | ସମୁଦାୟ | |
|---|---|---|---|---|---|---|---|---|---|---|---|
| | | ନଂ | % | ନଂ | % | ନଂ | % | ନଂ | % | ନଂ | % |
| ବୋରିଗୁମା | କୁପିଆ | ୨୪ | ୮.୦୮ | ୭୬ | ୨୫.୫୯ | ୧୮୬ | ୬୨.୬୩ | ୧୧ | ୩.୭୦ | ୨୯୭ | ୧୦୦.୦୦ |
| **ସମୁଦାୟ** | | **୨୪** | **୮.୦୮** | **୭୬** | **୨୫.୫୯** | **୧୮୬** | **୬୨.୬୩** | **୧୧** | **୩.୭୦** | **୨୯୭** | **୧୦୦.୦୦** |

*ଉତ୍ସ: ସର୍ବେକ୍ଷଣ ତଥ୍ୟ*

### ୫.୧.୨ ଲିଙ୍ଗଗତ ବର୍ଗୀକରଣ

| ତହସିଲ | ଗ୍ରାମ | ପୁରୁଷ | | ମହିଳା | | ସମୁଦାୟ | |
|---|---|---|---|---|---|---|---|
| | | ନଂ | % | ନଂ | % | ନଂ | % |
| ବୋରିଗୁମା | କୁପିଆ | ୩୮ | ୭୯.୧୭ | ୧୦ | ୨୦.୮୩ | ୪୮ | ୧୦୦.୦୦ |
| ସମୁଦାୟ | | **୩୮** | **୭୯.୧୭** | **୧୦** | **୨୦.୮୩** | **୪୮** | **୧୦୦.୦୦** |

*ଉତ୍ସ: ସର୍ବେକ୍ଷଣ ତଥ୍ୟ*

ଲିଙ୍ଗାନୁପାତ କୌଣସି ଅଞ୍ଚଳର ସାମାଜିକ ଉନ୍ନତି, ମହିଳାଙ୍କ ସାମାଜିକ ସ୍ଥିତି ଓ ଲିଙ୍ଗଗତ ସାମ୍ୟତାର ପରିଚାୟକ । ଏହା ସେଠିକାର ଭେଦଭାବ ବିନା ବିକାଶ ସନ୍ଦର୍ଭରେ ସାଂସ୍କୃତିକ ମୂଲ୍ୟବୋଧକୁ ସୂଚାଇଥାଏ । ଏହି ସର୍ବେକ୍ଷଣରେ ୪୮ ପ୍ରଭାବିତ ଘର ମଧ୍ୟରୁ ପ୍ରଭାବିତ ଘରର ମୁଖ୍ୟଙ୍କ କ୍ଷେତ୍ରରେ ପୁରୁଷ ସଂଖ୍ୟା ୩୮(୭୯.୧୭%) ଓ ମହିଳା ସଂଖ୍ୟା ୧୦(୨୦.୮୩%) । ଅଧ୍ୟୟନ ଏହା ସୁଚାଏ ଯେ ଅଧିକାଂଶ ଘରର ମୁଖ୍ୟ ହେଉଛନ୍ତି ପୁରୁଷ ।

### ୫.୧.୩ ଜାତି ଭିତ୍ତିକ ବର୍ଗୀକରଣ

ଜାତି ଭିତ୍ତିକ ବର୍ଗୀକରଣରୁ ଜଣାପଡେ ଯେ ପ୍ରଭାବିତ ଘରଗୁଡିକ ମଧ୍ୟରୁ ୪୬ (୯୫.୮୪%) ଏସ.ଟି.,୧(୨.୦୮%) ଅନ୍ୟାନ୍ୟ ପଛୁଆ ଶ୍ରେଣୀର ଅଟନ୍ତି, ୧ (୨.୦୮% ) ସାଧାରଣ ବର୍ଗ ଅଛନ୍ତି ।

| ତହସିଲ | ଗ୍ରାମ | ଏସ.ଟି. | | ଓ ବି ସି | | ସାଧାରଣ | | ସମୁଦାୟ | |
|---|---|---|---|---|---|---|---|---|---|
| | | ନଂ | % | ନଂ | % | ନଂ | % | ନଂ | % |
| ବୋରିଗୁମା | କୁପିଆ | ୪୬ | ୯୫.୮୪ | ୧ | ୨.୦୮ | ୧ | ୨.୦୮ | ୪୮ | ୧୦୦.୦୦ |
| **ସମୁଦାୟ** | | ୪୬ | ୯୫.୮୪ | ୧ | ୨.୦୮ | ୧ | ୨.୦୮ | ୪୮ | ୧୦୦.୦୦ |

*ଉତ୍ସ: ସର୍ବେକ୍ଷଣ ତଥ୍ୟ*

### ୫.୧.୪ ବୈବାହିକ ଅବସ୍ଥା

| ତହସିଲ | ଗ୍ରାମ | ବିବାହିତ | | ଅବିବାହିତ | | ବିଧବା | | ସମୁଦାୟ | |
|---|---|---|---|---|---|---|---|---|---|
| | | ନଂ | % | ନଂ | % | ନଂ | % | ନଂ | % |
| ବୋରିଗୁମା | କୁପିଆ | ୧୪୬ | ୪୯.୧୬ | ୧୪୨ | ୪୭.୮୧ | ୯ | ୩.୦୩ | ୨୯୭ | ୧୦୦.୦୦ |
| **ସମୁଦାୟ** | | **୧୪୬** | **୪୯.୧୬** | **୧୪୨** | **୪୭.୮୧** | **୯** | **୩.୦୩** | **୨୯୭** | **୧୦୦.୦୦** |

*ଉତ୍ସ: ସର୍ବେକ୍ଷଣ ତଥ୍ୟ*

ବାସ କରୁଥିବା ସମୁଦାୟ ୨୯୭ ଲୋକଙ୍କ ମଧ୍ୟରୁ ୧୪୨ (୪୯.୧୬%) ଜଣ ବିବାହିତ ଓ ୧୪୨ (୪୭.୮୧%) ଜଣ ଅବିବାହିତ ଓ ୯ (୩.୦୩%) ଜଣ ବିଧବା ଅଛନ୍ତି ।

### ୫.୧.୫ ପରିବାରର ପ୍ରକାର

| ତହସିଲ | ଗ୍ରାମ | ଯୌଥ | | ଏକକ | | ସମୁଦାୟ | |
|---|---|---|---|---|---|---|---|
| | | ନଂ | % | ନଂ | % | ନଂ | % |
| ବୋରିଗୁମା | କୁପିଆ | ୨୧ | ୪୩.୭୫ | ୨୭ | **୫୬.୨୫** | ୪୮ | ୧୦୦.୦୦ |
| **ସମୁଦାୟ** | | **୨୧** | **୪୩.୭୫** | **୨୭** | **୫୬.୨୫** | ୪୮ | **୧୦୦.୦୦** |

*ଉତ୍ସ: ସର୍ବେକ୍ଷଣ ତଥ୍ୟ*

ପ୍ରଭାବିତ ଗ୍ରାମଗୁଡିକର ପ୍ରାୟ ୪୩.୭୫% ପରିବାର ମିଳିତ ପରିବାର ଏବଂ ବାକି ୫୬.୨୫% ଏକକ ପରିବାର । ଯୌଥ ପ୍ରକାରର ଘରଗୁଡିକର, ସଦସ୍ୟମାନଙ୍କ ମଧ୍ୟରେ ସାମାଜିକ ମୂଲ୍ୟ, ଆର୍ଥିକ ସଂରଚନା ଏବଂ ଆର୍ଥିକ ବୋଝକୁ ମିଳିମିଶି ବହନ କରିବାର ଭାବନାତ୍ମକ ବନ୍ଧନର ସୂତ୍ରକୁ ଦର୍ଶାଇଥାଏ ।

### ୫.୧.୬ ପ୍ରକଳ୍ପ ପ୍ରଭାବିତ ଜନସଂଖ୍ୟାର ସାକ୍ଷରତା ସ୍ଥିତି

| ଲିଙ୍ଗ | ସ୍ୱାକ୍ଷର | ନିରକ୍ଷର | ଶିଶୁ | ସମୁଦାୟ |
|---|---|---|---|---|
| **ପୁରୁଷ** | ୧୦୧ | ୫୩ | ୧୧ | ୧୬୫ |
| **%** | ୬୧.୨୧ | ୩୨.୧୨ | ୬.୬୭ | ୧୦୦.୦୦ |
| **ମହିଳା** | ୭୧ | ୪୮ | ୧୩ | ୧୩୨ |
| **%** | ୫୩.୭୯ | ୩୬.୩୬ | ୯.୮୫ | ୧୦୦.୦୦ |
| **ସମୁଦାୟ** | **୧୭୨** | **୧୦୧** | **୨୪** | **୨୯୭** |
| **%** | **୫୭.୯୧** | **୩୪.୦୧** | **୮.୦୮** | **୧୦୦.୦୦** |

*ଉତ୍ସ: ସର୍ବେକ୍ଷଣ ତଥ୍ୟ*

ସ୍ୱାକ୍ଷରତା ସାମାଜିକ ଓ ଅର୍ଥନୈତିକ ପାର୍ଶ୍ୱଚିତ୍ରର ଏକ ମହତ୍ୱପୂର୍ଣ୍ଣ ସୂଚକ । ଅଧିକ ସଂଖ୍ୟକ ନିରକ୍ଷର ଅଧିକ ଶୋଷଣ ଓ ପୃଥକ୍କରଣ ଦୁର୍ବଳତା ବଢାଇଥାଏ । ଉପରୋକ୍ତ ସାରଣୀରେ ପ୍ରଭାବିତ ଜନସଂଖ୍ୟା ମଧ୍ୟରେ ଲିଙ୍ଗ ଜ୍ଞାନ ସାକ୍ଷରତା ଦର୍ଶାଯାଇଛି । ଏହା ସୂଚିତ କରେ ଯେ ପ୍ରଭାବିତ ଜନସଂଖ୍ୟାର ସାକ୍ଷରତା ହାର (୫୭.୯୧%) ଜିଲ୍ଲା ହାର (୪୯.୨୧%) ଠାରୁ ଅଧିକ ଏବଂ ରାଜ୍ୟ ହାର (୭୨.୮୭%) ଠାରୁ କମ (ଜନଗଣନା-୨୦୧୧) । ସର୍ବେକ୍ଷଣରୁ ଜଣାପଡିଲା ଯେ ସାଧାରଣତଃ ପୁରୁଷ ମାନଙ୍କୁ ସାକ୍ଷରତା ପାଇଁ ଅଧିକ ପ୍ରାଧାନ୍ୟ ଦିଆଯାଇଥାଏ । ସମୁଦାୟ ଜନସଂଖ୍ୟାର ପ୍ରାୟ ୩୪.୦୧% ଅଶିକ୍ଷିତ ଏବଂ ୮.୦୮% ୬ ବର୍ଷରୁ କମ୍ ଶିଶୁ ଅଟନ୍ତି ଯେଉଁମାନେ ଏପର୍ଯ୍ୟନ୍ତ ବିଦ୍ୟାଳୟରେ ଯୋଗ ଦେଇ ନାହାଁନ୍ତି ।

### ୫.୧.୭ ଶୈକ୍ଷିକ ଉପଲବ୍ଧି ଓ ବୃତ୍ତିଭିତ୍ତିକ କୌଶଳ

ଶିକ୍ଷା ପ୍ରଭାବିତ ଘର ଗୁଡିକର ଜାତି ଏବଂ ବୈବାହିକ ସ୍ଥିତି ବ୍ୟତୀତ ପ୍ରମୁଖ ସାମାଜିକ ବିକାଶ ସଂକେତ ଗୁଡିକ ମଧ୍ୟରୁ ଗୋଟିଏ । ସମୁଦାୟ ୧୭୨ ସ୍ୱାକ୍ଷର ମାନଙ୍କ ମଧ୍ୟରୁ, ୩୨ (୧୮.୬୧%) ନାମମାତ୍ର ସ୍ୱାକ୍ଷର, ୬୦ (୩୪.୮୮%) ପ୍ରାଥମିକ ଶିକ୍ଷା, ଅର୍ଥାତ ୫ମ ଶ୍ରେଣୀ ପର୍ଯ୍ୟନ୍ତ, ୪୨ (୨୪.୪୨%) ମାଧମିକ ଅର୍ଥାତ ଦଶମ ଶ୍ରେଣୀରୁ କମ, ୨୮ (୧୬.୨୮%) ଦଶମ ଶ୍ରେଣୀ, ୯ (୫.୨୩%) ଦ୍ୱାଦଶ ଶ୍ରେଣୀ ଏବଂ ୧ (୦.୫୮%) ସ୍ନାତକୋତ୍ତର ଶିକ୍ଷା ପ୍ରାପ୍ତ କରିଛନ୍ତି । ଏହାକୁ ଦୃଷ୍ଟିରେ ରଖି ପ୍ରଭାବିତ ପରିବାର ମାନଙ୍କରେ ତାଙ୍କ ଜମି ହରାଇବା ପରେ ଆୟର ସୁରକ୍ଷା ପାଇଁ ଉପଯୁକ୍ତ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରସ୍ତୁତ କରାଯାଇଅଛି ।

| ଲିଙ୍ଗ | ନାମମାତ୍ର ସାକ୍ଷର | ପ୍ରାଥମିକ | ମାଧ୍ୟମିକ | ଦଶମ | ଦ୍ୱାଦଶ | ସ୍ନାତକୋତ୍ତର | ସମୁଦାୟ |
|---|---|---|---|---|---|---|---|
| ପୁରୁଷ | ୧୨ | ୪୨ | ୨୬ | ୧୬ | ୪ | ୧ | ୫୫୨ |
| % | ୧୧.୮୮ | ୪୧.୫୯ | ୨୫.୭୪ | ୧୫.୮୪ | ୩.୯୬ | ୦.୯୯ | ୧୦୦.୦୦ |
| ମହିଳା | ୨୦ | ୧୮ | ୧୬ | ୧୨ | ୫ | ୦ | ୪୩୩ |
| % | ୨୮.୧୭ | ୨୫.୩୫ | ୨୨.୫୪ | ୧୬.୯୦ | ୭.୦୪ | ୦.୦୦ | ୧୦୦.୦୦ |
| **ସମୁଦାୟ** | **୩୨** | **୬୦** | **୪୨** | **୨୮** | **୯** | **୧** | **୯୮୫** |
| **%** | **୧୮.୬୧** | **୩୪.୮୮** | **୨୪.୪୨** | **୧୬.୨୮** | **୫.୨୩** | **୦.୫୮** | **୧୦୦.୦୦** |

*ଉତ୍ସ: ସର୍ବେକ୍ଷଣ ତଥ୍ୟ*

## ୫.୧.୮ ପରିବାରର ସ୍ୱାସ୍ଥ୍ୟ ସେବା ସୁବିଧା

ଅଧ୍ୟୟନ କ୍ଷେତ୍ରରେ ପ୍ରଭାବିତ ପରିବାରମାନଙ୍କୁ ସାଧାରଣ ରୋଗର ଚିକିତ୍ସା ପାଇଁ ନିକଟସ୍ଥ ଚିକିତ୍ସା ସୁବିଧା ଉପଲବ୍ଧତା ବିଷୟରେ ପଚରା ଯାଇଥିଲା । ତଥାପି, ସେମାନଙ୍କ ପ୍ରତିକ୍ରିୟାରୁ ଅନୁମାନ କରାଯାଇପାରେ ଯେ ଅଧ୍ୟୟନ କରୁଥିବା ପ୍ରାୟ ସମସ୍ତ ଗ୍ରାମରେ ପରିବାରମାନଙ୍କ ଦ୍ୱାରା ସୁବିଧାଗୁଡ଼ିକର ଏକାଧିକ ବ୍ୟବହାର ଅଛି । କିନ୍ତୁ ଆମର ଅଧ୍ୟୟନର ଉଦ୍ଦେଶ୍ୟ ପାଇଁ ଆମେ ସର୍ବାଧିକ ସୁବିଧାଜନକ ପରିବାର ଗ୍ରହଣ କରିଛୁ । ଜଣାଯାଏ ଯେ ୪୮ ସର୍ବେକ୍ଷଣ କରାଯାଇଥିବା ପରିବାର ମଧ୍ୟରୁ ୬.୨୫% ଏଲୋପାଥିକ୍ ସରକାରୀ ଓ ବେସରକାରୀ ଉଭୟ ସାଧାରଣ ରୋଗର ଚିକିତ୍ସା ପାଇଁ ଏବଂ ୯୩.୭୫% ପରିବାର କେବଳ ଏଲୋପାଥିକ୍ ସରକାରୀ ଡାକ୍ତରଖାନା ବ୍ୟବହାର କରୁଛନ୍ତି ।



*ଉତ୍ସ: ସର୍ବେକ୍ଷଣ ତଥ୍ୟ*

ସମୁଦାୟ ୪୮ ଘର ମଧ୍ୟରୁ ୬୮.୭୫% ଘରର ମାସିକ ସ୍ୱାସ୍ଥ୍ୟ ଜନିତ ଖର୍ଚ୍ଚ ୧୦୦୦ ଟଙ୍କା ପର୍ଯ୍ୟନ୍ତ, ୧୮.୭୫% ଘର ମାନଙ୍କର ସ୍ୱାସ୍ଥ୍ୟଜନିତ ମାସିକ ଖର୍ଚ୍ଚ ୧୦୦୧ ଟଙ୍କାରୁ ୨୦୦୦ ଟଙ୍କା ମଧ୍ୟରେ, ୬.୨୫% ଘର ମାନଙ୍କର ମାସିକ ସ୍ୱାସ୍ଥ୍ୟ ଜନିତ ଖର୍ଚ୍ଚ ୨୦୦୧ ରୁ ୫୦୦୦ ଟଙ୍କା ମଧ୍ୟରେ, ୪.୧୭% ଘରର ମାସିକ ସ୍ୱାସ୍ଥ୍ୟ ଜନିତ ଖର୍ଚ୍ଚ ୫୦୦୧ ରୁ ୧୦୦୦୦ ଟଙ୍କା ଏବଂ ୨.୦୮% ଘରର ମାସିକ ସ୍ୱାସ୍ଥ୍ୟ ଜନିତ ଖର୍ଚ୍ଚ ୧୦,୦୦୦/- ଟଙ୍କାରୁ ଉର୍ଦ୍ଧ୍ୱ ହୋଇଥାଏ ।



*ଉତ୍ସ: ସର୍ବେକ୍ଷଣ ତଥ୍ୟ*

## ୫.୧.୯ ପରିବାରର ଉପଭୋଗ ଢାଞ୍ଚା

**ଖାଦ୍ୟ ବସ୍ତୁ (%)**

ଗତ ଏକ ବର୍ଷ ମଧ୍ୟରେ ଖାଦ୍ୟ ଏବଂ ଅଣ-ଖାଦ୍ୟ ସାମଗ୍ରୀ ଉପରେ ମାସିକ ବ୍ୟବହାର ବିଷୟରେ ପ୍ରଭାବିତ ପରିବାରରୁ ସୂଚନା ସଂଗ୍ରହ କରାଯାଇଛି । ଖାଦ୍ୟ ସାମଗ୍ରୀର ବ୍ୟବହାର ବିଷୟରେ ବିଶ୍ଳେଷଣ କରିବାବେଳେ ଏହା ଦେଖାଯାଏ ଯେ ସମୁଦାୟ ୪୮ ପରିବାର ପ୍ରଭାବିତ ହୋଇଥିଲେ, ସମୁଦାୟ ୪୫.୮୪% ଘର ହାରାହାରି ୨,୦୦୦.୦୦/- ପର୍ଯ୍ୟନ୍ତ ଟଙ୍କା, ୨୭.୦୮% ଘର ଖାଦ୍ୟ ବସ୍ତୁ ଉପରେ ମାସକୁ ୨,୦୦୧/- ରୁ ୫୦୦୦/- ଟଙ୍କା, ୧୨.୫୦% ଘର ଖାଦ୍ୟ ବସ୍ତୁ ଉପରେ ମାସକୁ ୫,୦୦୧/- ରୁ ୧୦,୦୦୦/- ଟଙ୍କା, ୮.୩୩% ଘର ମାସକୁ ୧୦,୦୦୧/- ରୁ ୨୦,୦୦୦/- ଟଙ୍କା ମଧ୍ୟରେ, ୪.୧୭% ଘର ମାସକୁ ୨୦,୦୦୧/- ରୁ ୪୦,୦୦୦/- ଟଙ୍କା ଏବଂ ୨.୦୮% ଘର ୪୦,୦୦୦/- ଟଙ୍କାରୁ ଉର୍ଦ୍ଧ୍ୱ ଖର୍ଚ୍ଚ କରିଥାନ୍ତି ।



*ଉତ୍ସ: ସର୍ବେକ୍ଷଣ ତଥ୍ୟ*

**ଅଣ-ଖାଦ୍ୟ ବସ୍ତୁ (%)**



*ଉତ୍ସ: ସର୍ବେକ୍ଷଣ ତଥ୍ୟ*

ପ୍ରଭାବିତ ପରିବାରର ଅଣ-ଖାଦ୍ୟ ସାମଗ୍ରୀର ବ୍ୟବହାର ବିଷୟରେ ବିଶ୍ଳେଷଣ କରିବାବେଳେ ଜଣାଯାଏ ଯେ ୪୮ ଟି ପରିବାର ମଧ୍ୟରୁ ଗତ ଏକ ବର୍ଷ ମଧ୍ୟରେ ମାସିକ ୧୮.୭୫% ପରିବାର ୨,୦୦୦.୦୦/- ଟଙ୍କା ପର୍ଯ୍ୟନ୍ତ, ୪୩.୭୫% ପରିବାର ୨,୦୦୧.୦୦/- ରୁ ୫,୦୦୦.୦୦/- ଟଙ୍କା, ୨୫.୦୦% ପରିବାର ୫,୦୦୧.୦୦/- ରୁ ୧୦,୦୦୦.୦୦/- ଟଙ୍କା, ୬.୨୫% ପରିବାର ୧୦,୦୦୧.୦୦/- ରୁ ୨୦,୦୦୦.୦୦/- ଟଙ୍କା, ୪.୧୭% ପରିବାର ୨୦,୦୦୧.୦୦/- ରୁ ୪୦,୦୦୦.୦୦/- ଟଙ୍କା ଏବଂ ୨.୦୮% ପରିବାର ୪୦,୦୦୦.୦୦/- ଟଙ୍କାରୁ ଉର୍ଦ୍ଧ୍ୱ ଖର୍ଚ୍ଚ କରିଥାନ୍ତି । ଏହା ଦର୍ଶାଏ ଯେ ଅଧିକାଂଶ ପ୍ରଭାବିତ ପରିବାରର ବର୍ତ୍ତମାନର ଜୀବନ ଅବସ୍ଥା ମାନକ ନୁହେଁ ।

## ୫.୨ ଆୟ ଏବଂ ଦାରିଦ୍ର୍ୟ ସ୍ତର

### ୫.୨.୧ ପ୍ରଭାବିତ ପରିବାରର ଦାରିଦ୍ର୍ୟ ଅବସ୍ଥା

ପରିବାରଭିତ୍ତିକ ସର୍ବେକ୍ଷଣରୁ ଏହା ଜଣାପଡିଛି ଯେ ସର୍ବେକ୍ଷଣ କରାଯାଇଥିବା ୪୮ ପରିବାର ମଧ୍ୟରୁ ୪୫ (୯୩.୭୫%) ପରିବାରରେ NFS (ଜାତୀୟ ଖାଦ୍ୟ ସୁରକ୍ଷା) ରେସନ କାର୍ଡ ରହିଛି ଏବଂ ସେମାନେ ସର୍ବସାଧାରଣ ବିତରଣ ବ୍ୟବସ୍ଥା (PDS) ଅଧୀନରେ ଲାଭ ପାଇବାକୁ ହକଦାର । ତେଣୁ ସେମାନଙ୍କୁ ବିପିଏଲ୍ (ଦାରିଦ୍ର୍ୟ ସ୍ତର ତଳେ) କିମ୍ବା ଗରିବ ଶ୍ରେଣୀ ଭାବରେ ଚିହ୍ନଟ କରାଯାଇପାରେ ।

| ତହସିଲ | ଗ୍ରାମ | ଅଛି | % | ନାହିଁ | % | ସମୁଦାୟ | % |
|---|---|---|---|---|---|---|---|
| ବୋରିଗୁମା | କୁପିଆ | ୪୫ | ୯୩.୭୫ | ୩ | ୬.୨୫ | ୪୮ | ୧୦୦.୦୦ |
| **ସମୁଦାୟ** | | **୪୫** | **୯୩.୭୫** | **୩** | **୬.୨୫** | **୪୮** | **୧୦୦.୦୦** |

*ଉତ୍ସ: ସର୍ବେକ୍ଷଣ ତଥ୍ୟ*

### ୫.୨.୨ ଅର୍ଥନୈତିକ ପାର୍ଶ୍ୱଚିତ୍ର

ଏଥିରୁ ଜଣାପଡେ ଯେ ପ୍ରଭାବିତ ଜନସଂଖ୍ୟାର ୪୯.୮୩% ଲୋକ ବିଭିନ୍ନ ପ୍ରକାରର କାର୍ଯ୍ୟରେ ସମ୍ପୃକ୍ତ ଅଛନ୍ତି ଏବଂ ବଳକା ୫୦.୧୭% ହେଉଛନ୍ତି ଗୃହିଣୀ, ଛାତ୍ର ବା ବିଦ୍ୟାର୍ଥୀ, ଶିଶୁ ଏବଂ ବୟୋଜ୍ୟେଷ୍ଠ ବ୍ୟକ୍ତି ଓ ବେକାର ବା ଚାକିରି ଆଶାୟୀ ବ୍ୟକ୍ତି । ଦିଆଯାଇଥିବା ସାରଣୀରେ ଦର୍ଶାଏ ଯେ ରୋଜଗାର କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ୫୮.୩୮% କୃଷି, ୩୧.୬୮% କୃଷି ଓ ଅଣ-କୃଷି କ୍ଷେତ୍ରରେ ଦିନ ମଜୁରିଆ ଭାବେ କାର୍ଯ୍ୟ କରିଥାନ୍ତି, ୧.୮୬% ସରକାରୀ ଓ ବେସରକାରୀ କ୍ଷେତ୍ରରେ ଦରମାପ୍ରାପ୍ତ କର୍ମଚାରୀ ଏବଂ ୮.୦୮% ଭତ୍ତା ଉପରେ ନିର୍ଭରଶୀଳ ଅଛନ୍ତି ।

| ତହସିଲ | ଗ୍ରାମ | କୃଷି | କୃଷି ଓ ଅଣ-କୃଷି ମଜୁରିଆ | ସରକାରୀ / ବେସରକାରୀ କ୍ଷେତ୍ରରେ | ଭତ୍ତା | ସମୁଦାୟ |
|---|---|---|---|---|---|---|
| ବୋରିଗୁମା | କୁପିଆ | ୯୪ | ୫୧ | ୩ | ୧୩ | ୧୬୧ |
| **ସମୁଦାୟ** | | **୯୪** | **୫୧** | **୩** | **୧୩** | **୧୬୧** |
| **%** | | **୫୮.୩୮** | **୩୧.୬୮** | **୧.୮୬** | **୮.୦୮** | **୧୦୦.୦୦** |

*ଉତ୍ସ: ସର୍ବେକ୍ଷଣ ତଥ୍ୟ*

## ୫.୩ ପ୍ରଭାବିତ ଦୁର୍ବଳ ପରିବାର

| ତହସିଲ | ଗ୍ରାମ | ଏସ.ସି. | ଏସ.ଟି. | ମହିଳା ମୁଖ୍ୟ | ଭିନ୍ନକ୍ଷମ | ସମୁଦାୟ |
|---|---|---|---|---|---|---|
| ବୋରିଗୁମା | କୁପିଆ | ୦ | ୪୬ | ୦ | ୧ | ୪୭ |
| ସମୁଦାୟ | | ୦ | ୪୬ | ୦ | ୧ | ୪୭ |

*ଉତ୍ସ: ସର୍ବେକ୍ଷଣ ତଥ୍ୟ*

ପରିବାରର ଦୁର୍ବଳତା ଏସ.ସି./ଏସ.ଟି./ ଭିନ୍ନକ୍ଷମ ଏବଂ ମହିଳା-ମୁଖ୍ୟ ଘରଗୁଡିକର ଆଧାରରେ ବର୍ଗୀକରଣ କରାଯାଇଛି । ଅଧ୍ୟୟନ ସୂଚାଇ ଦେଇଛି ଯେ ପ୍ରକଳ୍ପ ପ୍ରଭାବିତ ଗ୍ରାମଗୁଡିକରେ ୪୭ ଦୁର୍ବଳ ପରିବାର ଅଛନ୍ତି । ନିଜ ନାବାଳକ ପିଲାଙ୍କ ସହ ଏକୁଟିଆ ମହିଳା, ଏକମାତ୍ର ରୋଜଗାରକ୍ଷମ ମହିଳା ସଦସ୍ୟ ଓ ଏକାକୀ ପରିବାର ଯଥା ବିଧବା, ପରିତ୍ୟକ୍ତା, ବିବାହ-ବିଚ୍ଛେଦ ହୋଇଥିବା ମହିଳାଙ୍କ ଭିତ୍ତିରେ ମହିଳା-ମୁଖ୍ୟ ପରିବାର ବର୍ଗୀକରଣ କରାଯାଇଛି । କିନ୍ତୁ ଏହା ବୃଦ୍ଧ ମହିଳାମାନଙ୍କୁ ଗୃହରେ ଅନ୍ତର୍ଭୁକ୍ତ କରିନାହିଁ । ତଥାପି, ସାରଣୀ ସୂଚିତ କରେ ଯେ ପ୍ରଭାବିତ ଗ୍ରାମରେ ୪୬ ଅନୁସୂଚିତ ଜନଜାତି ଏବଂ ୧ ଜଣ ଭିନ୍ନକ୍ଷମ ଦୁର୍ବଳ ପରିବାର ଚିହ୍ନଟ ହୋଇଛନ୍ତି ଏବଂ ସେମାନଙ୍କର ଆୟ ସ୍ତର ମଧ୍ୟ ବହୁତ କମ୍ ଅଟେ । କୌଣସି ଅନୁସୂଚିତ ଜାତି କିମ୍ବା ମହିଳା-ମୁଖ୍ୟ ଦୁର୍ବଳ ପରିବାର ପ୍ରଭାବିତ ଗ୍ରାମରେ ଚିହ୍ନିତ ପରିବାରଗୁଡିକର ନେତୃତ୍ୱ ନେଇ ନାହାଁନ୍ତି । ଏହିପରି, ପ୍ରକଳ୍ପ ପ୍ରଭାବିତ ପରିବାର ଗୁଡ଼ିକର ସାମାଜିକ-ଅର୍ଥନୈତିକ ଦୁର୍ବଳତାକୁ ଧ୍ୟାନରେ ରଖି ଅତିରିକ୍ତ ସହାୟତା ଆକାରରେ ନିର୍ଦ୍ଦିଷ୍ଟ ବ୍ୟବସ୍ଥାଗୁଡ଼ିକୁ RAP ରେ ଅନ୍ତର୍ଭୂକ୍ତ କରାଯିବା ଆବଶ୍ୟକ ଯେ ସେମାନେ ବିକାଶ ପ୍ରକ୍ରିୟାରେ ବଞ୍ଚିତ ନ ହୁଅନ୍ତି ।

### ୫.୪ ନିର୍ଣ୍ଣୟ ନେବାରେ ଲିଙ୍ଗଭୀତିକ ସହଭାଗିତା

**ପରିବାର ସ୍ତର**

ପ୍ରଭାବିତ ଗ୍ରାମଗୁଡିକରେ ମହିଳା ସଶକ୍ତିକରଣର ସ୍ତର ଜାଣିବା ପାଇଁ ଲିଙ୍ଗ ଭିତ୍ତିକ ନିଷ୍ପତ୍ତି ନେବା ଏବଂ ଘରୋଇ ସ୍ତରର କାର୍ଯ୍ୟକଳାପରେ ଅଂଶଗ୍ରହଣକୁ ମୂଲ୍ୟାଙ୍କନ କରାଯାଇଛି । ଏହି ପରିପ୍ରେକ୍ଷୀରେ ନିଷ୍ପତ୍ତି ନେବାରେ ପୁରୁଷ ଏବଂ ମହିଳା ସଦସ୍ୟଙ୍କ ଭୂମିକା ଏବଂ ବିଭିନ୍ନ ଘରୋଇ କାର୍ଯ୍ୟରେ ସେମାନଙ୍କର ଅଂଶଗ୍ରହଣ ବିଷୟରେ ପଚରାଯାଇଥିଲା । ୭୦ ରୁ ଅଧିକ ପରିବାର କହିଥିଲେ ଯେ, ସମସ୍ତ ନିଷ୍ପତ୍ତି ଉଭୟ ପୁରୁଷ ଏବଂ ମହିଳାଙ୍କ ଦ୍ୱାରା ନିଆଯାଏ । ପୁରୁଷଙ୍କ ତୁଳନାରେ ମହିଳା ସଦସ୍ୟଙ୍କ ଭୂମିକା ବହୁତ କମ୍ ଅଟେ । ଏହା ହୃଦୟଙ୍ଗମ ହୋଇପାରେ ଯେ ଯଦିଓ ସାରଣୀରେ ସୂଚିତ ହୋଇଥିବା ଅଧିକାଂଶ ପ୍ରତିକ୍ରିୟା ଉଭୟ କିନ୍ତୁ ପ୍ରକୃତ ନିଷ୍ପତ୍ତି ପୁରୁଷ ସଦସ୍ୟଙ୍କ ଦ୍ୱାରା ନିଆଯାଇଥାଏ, ଯାହା ପୁରୁଷ ପ୍ରାଧାନ୍ୟ ସମାଜର ଏକ ସାଧାରଣ ଧାରା ।

| କ୍ର. ସଂ. | ବିଷୟ | ପୁରୁଷ % | ମହିଳା% | ଉଭୟ% |
|---|---|---|---|---|
| ୧ | ଅର୍ଥନୈତିକ ବିଷୟ | ୮.୩୩ | ୪.୧୭ | ୮୭.୫୦ |
| ୨ | ପିଲାଙ୍କ ପାଠପଢା | ୬.୨୫ | ୨.୦୮ | ୯୧.୬୭ |
| ୩ | ପିଲାଙ୍କ ସ୍ୱାସ୍ଥ୍ୟ | ୪.୧୭ | ୨.୦୮ | ୯୩.୭୫ |
| ୪ | ସମ୍ପତ୍ତି କ୍ରୟ | ୨୫.୦୦ | ୬.୨୫ | ୬୮.୭୫ |
| ୫ | ଦୈନନ୍ଦୀନ ଘରୋଇ କାର୍ଯ୍ୟ | ୧୨.୫୦ | ୨୦.୮୩ | ୬୬.୬୭ |
| ୬ | ବିବାହ ଓ ଅନ୍ୟାନ୍ୟ ସାମାଜିକ ଅନୁଷ୍ଠାନ | ୬.୨୫ | ୮.୩୩ | ୮୫.୪୨ |
| ୭ | ପରିବାର ପାଇଁ ମହିଳାଙ୍କ ରୋଜଗାର | ୨୦.୮୩ | ୧୨.୫୦ | ୬୬.୬୭ |
| ୮ | ଜମିଜମା ଓ ସମ୍ପତ୍ତି | ୧୦.୪୨ | ୨.୦୮ | ୮୫.୪୨ |
| ୯ | ଅନ୍ୟ | ୦.୦୦ | ୦.୦୦ | ୧୦୦.୦୦ |

*ଉତ୍ସ: ସର୍ବେକ୍ଷଣ ତଥ୍ୟ*

**ଗୋଷ୍ଠୀ ସ୍ତର**

ସମ୍ପ୍ରଦାୟ ସ୍ତରରେ ମହିଳାଙ୍କ ଅଂଶଗ୍ରହଣକୁ ପାଳନ କରିବା ପାଇଁ ପରିବାରକୁ ବିଭିନ୍ନ ପ୍ରଶ୍ନ ପଚରାଯାଇଥିଲା । ଚିତ୍ରରୁ ଜଣାଯାଏ ଯେ ପ୍ରଭାବିତ ଗ୍ରାମଗୁଡିକରେ ବିଭିନ୍ନ ପ୍ରସଙ୍ଗରେ ମହିଳାଙ୍କ ଅଂଶଗ୍ରହଣକୁ ଚିତ୍ରଣ କରିଥାଏ । ମୋଟ ପରିବାର ମଧ୍ୟରୁ ୩୭.୫୦% ସହମତ ହୋଇଛନ୍ତି ଯେ ସେମାନଙ୍କ ପରିବାରର ମହିଳାମାନେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରେ ସଭ୍ୟା ଅଛନ୍ତି । ୬୦.୪୨% ପରିବାର ସହମତ



*ଉତ୍ସ: ସର୍ବେକ୍ଷଣ ତଥ୍ୟ*

ହୋଇଛନ୍ତି ଯେ ମହିଳା ସେମାନଙ୍କର ଘରକୁ ସିଧାସଳଖ ଆର୍ଥିକ ସହାୟତା କରନ୍ତି ଏବଂ ୪.୧୭% ପରିବାର ସହମତ ଯେ ସେମାନଙ୍କ ପରିବାରର ମହିଳାମାନେ ସମ୍ପ୍ରଦାୟ ସ୍ତରରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଅଂଶଗ୍ରହଣ କରନ୍ତି ।

### ୫.୫ ସାମାଜିକ ଏବଂ ସାଂସ୍କୃତିକ ସଂଗଠନ

ସାମାଜିକ ପ୍ରଭାବ ମୁଲ୍ୟାଙ୍କନ ଅଧ୍ୟୟନ ଅନୁସାରେ ପ୍ରଭାବିତ ପରିବାରମାନଙ୍କ ସାମାଜିକ-ସାଂସ୍କୃତିକ ପ୍ରଥାଗୁଡିକ ଅକ୍ଷୁର୍ଣ୍ଣ ରହିବ କାରଣ ପ୍ରକଳ୍ପ ପ୍ରଭାବିତ ଗ୍ରାମରୁ କୌଣସି ସଂପ୍ରଦାୟର ଗୋଟିଏ ବି ପରିବାର ଏହି ପ୍ରକଳ୍ପ ଦ୍ୱାରା ସ୍ଥାନଚ୍ୟୁତ ହେବାକୁ ଯାଉ ନାହାଁନ୍ତି । ୧୨୩ ସଂଖ୍ୟକ ପ୍ରକଳ୍ପ ପ୍ରଭାବିତ ପରିବାରମାନଙ୍କୁ ଧାରା (୪୧)ର ଉପଧାରା (୬) ଅନୁସାରେ ପ୍ରଥମ କିସ୍ତିରେ କ୍ଷତିପୂରଣର ଏକ-ତୃତିୟାଂଶ ଦିଆଯିବ ଏବଂ ଅବଶିଷ୍ଟ ସଂପୂର୍ଣ୍ଣ ଜମି ଦଖଲ ପରେ ଦିଆଯିବ ।

### ୫.୬ ଧାର୍ମିକ ଏବଂ ପବିତ୍ର ସ୍ଥାନ ଗୁଡିକ

ଅଧ୍ୟୟନ ଗ୍ରାମଗୁଡିକର ଧାର୍ମିକ ଭିତ୍ତିଭୂମି ବର୍ଣ୍ଣନା କରେକି ୬ଟି ଚର୍ଚ୍ଚ ପ୍ରଭାବିତ ଗ୍ରାମମାନଙ୍କରେ ଅଛି ଯେଉଁଠାରେ ସାଧାରଣତଃ ଧାର୍ମିକ କାର୍ଯ୍ୟ ନିର୍ବାହ କରାଯାଏ । ନିମ୍ନ ସାରଣୀରେ ସର୍ବସାଧାରଣ ସମ୍ପତ୍ତି ସମ୍ବଳର ବିସ୍ତୀର୍ଣ୍ଣ ବିବରଣୀ ଦିଆଯାଇଛି ।

### ୫.୭ ପ୍ରଶାସନିକ ସଂଗଠନଗୁଡିକ

"ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳ ପ୍ରକଳ୍ପ" ନିମନ୍ତେ ଜମି ଅଧିକରଣ ପାଇଁ କୋରାପୁଟ ଜିଲ୍ଲାର ବୋରିଗୁମା ତହସିଲ ଅନ୍ତର୍ଗତ କୁପିଆ ଗ୍ରାମକୁ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ଅନ୍ତର୍ଭୁକ୍ତ କରାଯାଇଅଛି । ରାଜ୍ୟଟି ଉତ୍ତର ପୂର୍ବରେ ପଶ୍ଚିମବଙ୍ଗ, ଉତ୍ତରରେ ଝାଡଖଣ୍ଡ, ପଶ୍ଚିମରେ ଛତିଶଗଡ, ଦକ୍ଷିଣରେ ଆନ୍ଧ୍ର ପ୍ରଦେଶ ଓ ପୁର୍ବରେ ବଙ୍ଗୋପସାଗର ଦ୍ୱାରା ପରିବେଷ୍ଟିତ । ୨୦୧୧ ଜନଗଣନା ଅନୁଯାୟୀ ରାଜ୍ୟର ସମୁଦାୟ ଲୋକସଂଖ୍ୟା ୪,୧୯,୭୪,୨୧୮ । ରାଜ୍ୟରଭୌଗଳିକ କ୍ଷେତ୍ରଫଳ ୧,୫୫,୭୦୭ ବର୍ଗ କିଲୋମିଟର ଓ ଏଥିରେ ୩୦ ଜିଲ୍ଲା, ୫୮ ଉପ-ଖଣ୍ଡ, ୩୧୭ ତହସିଲ, ୩୧୪ ବ୍ଲକ, ୬୨୦୯ ଗ୍ରାମପଞ୍ଚାୟତ ଏବଂ ୫୧୩୧୩ ଗ୍ରାମ ଅବସ୍ଥିତ । ଏହାର ଜନସଂଖ୍ୟା ଦେଶର ଜନସଂଖ୍ୟାର ୩.୪୭ ଓ ଦେଶର ସମୁଦାୟ ଭୌଗଳିକ ବ୍ୟାପ୍ତିର ୪.୭୪ ଅଟେ । ଓଡିଶା ଶିକ୍ଷା କ୍ଷେତ୍ରରେ ୨୦୦୧ ଜନଗଣନା ତୁଳନାରେ ୨୦୧୧ରେ ୬୩.୦୮%ରୁ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇ ୭୨.୮୭% ହୋଇଛି । ଓଡିଶା ଏକ ଖଣିଜ ସମ୍ପଦ, ଜଙ୍ଗଲ, ଜଳ ସମ୍ପଦ, ସାମୁଦ୍ରିକ ସମ୍ପଦ ଭରା ସମୃଦ୍ଧ ରାଜ୍ୟ ଅଟେ । ନିକଟ ଅତୀତରେ ଓଡିଶା ସରକାର ଦାରିଦ୍ର୍ୟ ଦୂରୀକରଣ ପାଇଁ ଶିଳ୍ପାୟନକୁ ରାଜ୍ୟସମୃଦ୍ଧିର ମେରୁଦଣ୍ଡ ବୋଲି ଘୋଷଣା କରିଛନ୍ତି । ଭିତ୍ତିଭୂମି ବିକାଶ ନିମନ୍ତେ ଓଡିଶାରେ ଚାଲିଥିବା ବିଭିନ୍ନ ରେଳ ପ୍ରକଳ୍ପ ମଧ୍ୟରୁ "ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳ ପ୍ରକଳ୍ପ" ଅନ୍ୟତମ ଅଟେ । ପ୍ରକଳ୍ପଟି ସାମାଜିକ-ଅର୍ଥନୈତିକ ଦୃଷ୍ଟିକୋଣରୁ ଅଧିକ ଗୁରୁତ୍ୱ ବହନ କରେ । ରାଜ୍ୟ ସରକାର "ନ୍ୟାୟୋଚିତ କ୍ଷତିପୂରଣ ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଏବଂ ପୁନର୍ବାସ ନିୟମ, ୨୦୧୩" ଏବଂ "ଓଡିଶା ନ୍ୟାୟୋଚିତ କ୍ଷତିପୂରଣ ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଏବଂ ପୁନର୍ବାସନିୟମ, ୨୦୧୬" ଅନୁସାରେ ପ୍ରସ୍ତାବିତ ପ୍ରକଳ୍ପ ପାଇଁ ଦରକାରୀ କ୍ଷତିପୂରଣ ବ୍ୟବସ୍ଥାର ସହମତି ପ୍ରଦାନ କରିଛନ୍ତି ।

#### ୫.୭.୧ ଜିଲ୍ଲା ପାର୍ଶ୍ୱଚିତ୍ର

ଓଡ଼ିଶାର ମଧ୍ୟ ପୂର୍ବ ଜିଲ୍ଲାଗୁଡିକ ମଧ୍ୟରୁ କୋରାପୁଟ ଜିଲ୍ଲା ଅନ୍ୟତମ । ଏହା ଉତ୍ତରରେ ନବରଙ୍ଗପୁର ଜିଲ୍ଲା, ଦକ୍ଷିଣରେ ଆନ୍ଧ୍ରପ୍ରଦେଶର ବିଶାଖାପାଟନମ ଜିଲ୍ଲା, ପୂର୍ବରେ ରାୟଗଡା ଜିଲ୍ଲା ଏବଂ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲ୍ଲା ଏବଂ ପଶ୍ଚିମରେ ମାଲକାନଗିରି ଜିଲ୍ଲା ଏବଂ ଛତିଶଗଡର ବସ୍ତର ଜିଲ୍ଲା ଦ୍ୱାରା ସୀମାବଦ୍ଧ । ଜିଲ୍ଲାର ଭୌଗଳିକ କ୍ଷେତ୍ରଫଳ ୮୮୦୭ ବର୍ଗ କିଲୋମିଟର ଅଟେ । ଜିଲ୍ଲାଟି ୮୨° ୫' ରୁ ୮୦°୨୩' ପୂର୍ବ ଦ୍ରାଘିମା ଏବଂ ୧୮° ୧୩' ରୁ ୧୯°୧୦' ଉତ୍ତର ଅଂକ୍ଷାଶ ମଧ୍ୟରେ ଅବସ୍ଥିତ ।

ଜିଲ୍ଲାର ଜଳବାୟୁ ମୁଖ୍ୟତଃ ଉଷ୍ଣକଟିବନ୍ଧୀୟ ଅଟେ ଏବଂ ଏହା ଦକ୍ଷିଣ-ପଶ୍ଚିମ ମୌସୁମୀ ଏବଂ ଉତ୍ତର-ପୂର୍ବ ମୌସୁମୀକୁ ପ୍ରଭାବିତ କରିଥାଏ । ଏହି ଜିଲ୍ଲା ପୂର୍ବାଞ୍ଚଳ ଘାଟର ପଶ୍ଚିମ ସୀମାରେ ଅବସ୍ଥିତ, ଜିଲ୍ଲାର ଜଳବାୟୁ ଉପକୂଳ ସମତଳ ଅଞ୍ଚଳ ଅପେକ୍ଷା ମାଳଭୂମି ସହିତ ସମାନ । କୋରାପୁଟର ଜିଲ୍ଲାରେ ପ୍ରଚୁର ଜଙ୍ଗଲ କ୍ଷେତ୍ର ଅଛି ଯାହା ଜିଲ୍ଲାର ସମୁଦାୟ ଭୌଗୋଳିକ କ୍ଷେତ୍ରର ୨୧.୩୪% । କୋଲାବ ନଦୀ କୋରାପୁଟ ଜିଲ୍ଲାର ପ୍ରମୁଖ ନଦୀ ଏବଂ ଏହାର ଉତ୍ସ ପୂର୍ବ ଘାଟର ସିଙ୍କାରନ୍ ପାହାଡରେ । ଏହି ଜଳଭଣ୍ଡାରଟି କୋଲାବ ନଦୀ ଭାବରେ ଜଣାଶୁଣା । ଜଳସେଚନ ପ୍ରକଳ୍ପ ଏବଂ ବିଦ୍ୟୁତ୍ ଶକ୍ତି ଗୃହ ପାଇଁ ଏହା ଏକ ପ୍ରମୁଖ ଜଳଭଣ୍ଡାର । ଜିଲ୍ଲାର ଜଳବାୟୁ ଅବସ୍ଥା ସାଧାରଣତଃ ଏପ୍ରିଲ୍ ଏବଂ ମେ ମାସରେ ଅଧିକ ଆର୍ଦ୍ର ଏବଂ ଅକ୍ଟୋବରରୁ ଫେବୃଆରୀ ମଧ୍ୟରେ ଥଣ୍ଡା ।

ସାଧାରଣତଃ ଜୁନ୍ ମାସରେ ମୌସୁମୀ ଆସିଥାଏ । ଜିଲ୍ଲାର ହାରାହାରି ବାର୍ଷିକ ବୃଷ୍ଟିପାତ ୧୭୯୪.୦ ମିଲିମିଟର (୨୦୧୮ ସମୟରେ) ଯାହା ସାଧାରଣ ବୃଷ୍ଟିପାତ (୧୫୬୭.୨ ମିଲିମିଟର) ଠାରୁ ଅଧିକ ଅଟେ ।

ଜିଲ୍ଲାଟି ୧୪ ଟି ବ୍ଲକ, ୧୪ ଟି ତହସିଲ, ୨୨୬ ଗ୍ରାମପଞ୍ଚାୟତ ଏବଂ ୨୦୪୫ ଗ୍ରାମକୁ ନେଇ ଗଠିତ । ଏହି ଜିଲ୍ଲାରେ ୩ ଟି ମ୍ୟୁନିସିପାଲିଟି/ଏନ.ଏ.ସି. ଏବଂ ୨ଟି ସବଡିଭିଜନ ରହିଛି । ୨୦୧୧ ଜନଗଣନା ଅନୁଯାୟୀ ଜିଲ୍ଲାର ସମୁଦାୟ ଜନସଂଖ୍ୟା ୧୩.୭୯ ଲକ୍ଷ ମଧ୍ୟରୁ ୮୩.୬୧% ଗ୍ରାମାଞ୍ଚଳରେ ଓ ୧୬.୩୯% ସହରାଞ୍ଚଳରେ ରହନ୍ତି, ଯାହାକି ରାଜ୍ୟ ଜନସଂଖ୍ୟାର ୩.୨୯% ଅଟେ । ଜିଲ୍ଲାର ଅନୁସୂଚିତ ଜାତି ଲୋକ ସଂଖ୍ୟା ୧.୯୬ଲକ୍ଷ (୧୪.୦୬%) ଓ ଅନୁସୂଚିତ ଜନଜାତି ଲୋକ ସଂଖ୍ୟା ୬.୯୭ ଲକ୍ଷ (୫୦.୫୬%) । ମୁଖ୍ୟ ଆଦିବାସୀ ସମ୍ପ୍ରଦାୟ ହେଉଛି ଗଦବା(ମୁଣ୍ଡା), ଅମନାତ୍ୟ, ପରଜା, ସଉରା, ଭୋତ୍ତାଦା, ଭୂମିଆ ଏବଂ ଦୁରୁଆ । ବିଗତ ଦଶନ୍ଧି ମଧ୍ୟରେ ଜିଲ୍ଲାର ଜନସଂଖ୍ୟା ଅଭିବୃଦ୍ଧି ୧୬.୮୬% ସହିତ ଜନସଂଖ୍ୟା ସାନ୍ଦ୍ରତା ପ୍ରତି ବର୍ଗ କି. ମି.ରେ ୧୫୬ଜଣ ଅଟେ । ସାକ୍ଷରତା ହାର ରାଜ୍ୟର ୭୨.୮୭ % ତୁଳନାରେ ୪୯.୨୧% ଅଟେ ଏବଂ ପୁରୁଷ ଓ ମହିଳାଙ୍କ ଲିଙ୍ଗାନୁପାତ ୧୦୦୦ ପୁରୁଷରେ ୧୦୩୨ ମହିଳା । ନିମ୍ନଲିଖିତ ସାରଣୀରେ ଅଧ୍ୟୟନ ଜିଲ୍ଲା ବିଷୟରେ କିଛି ମୂଳସୂଚନା ଦିଆଯାଇଅଛି ।

| **ପରିମାପକ** | କୋରାପୁଟ | **ଓଡିଶା** |
|---|---|---|
| ଭୌଗଳିକ କ୍ଷେତ୍ରଫଳ | ୮୮୦୭ | ୧୫୫୭୦୭ |
| ସମୁଦାୟ ସବ ଡିଭିଜନ | ୨ | ୫୮ |
| ତହସିଲ | ୧୪ | ୩୧୭ |
| ବ୍ଲକ | ୧୪ | ୩୧୪ |
| ଏନଏସି / ମ୍ୟୁନସିପାଲଟି | ୩ | ୧୧୧ |
| ଗ୍ରାମ ପଞ୍ଚାଯତ | ୨୨୬ | ୬୨୦୯ |
| ଗ୍ରାମ | ୨୦୪୫ | ୫୧୩୧୧ |
| ସମୁଦାୟ ପରିବାର | ୩୩୭୬୭୭ | ୯୬୩୭୮୨୦ |
| ସମୁଦାୟ  ଜନସଂଖ୍ୟା | ୧୩୭୯୬୪୭ | ୪୧୯୭୪୨୧୮ |
| ଜନସଂଖ୍ୟା ହାରାହାରି ପ୍ରତି ବର୍ଗ  କିଲୋମିଟର ରେ | ୧୫୭ | ୨୭୦ |
| ଅନୁସୂଚିତ ଜାତି ହାରାହାରି | ୧୪.୨୫ | ୧୭.୧୩ |
| ଅନୁସୂଚିତ ଜନଜାତି ହାରାହାରି | ୫୦.୫୬ | ୨୨.୮୫ |
| ଲିଙ୍ଗ ଅନୁପାତ | ୧୦୩୨ | ୯୭୯ |
| ସ୍ଵାକ୍ଷରତା ହାର(%) | ୪୯.୨୧ | ୭୨.୮୭ |
| *ଉତ୍ସ: ଜନଗଣନା ୨୦୧୧* | | |

କାମକରୁଥିବା ଲୋକବର୍ଗ ଶ୍ରମିକ ଏବଂ ଅଣଶ୍ରମିକ ଭାବରେ ବିଭକ୍ତ ହୋଇଛନ୍ତି । ତାପରେ ଶ୍ରମିକମାନେ ମୁଖ୍ୟ ଶ୍ରମିକ ଓ ପ୍ରାନ୍ତୀୟ ଶ୍ରମିକ ଭାବରେ ବିଭକ୍ତ ହୋଇଛନ୍ତି । ଜନଗଣନା ସ୍ୱଷ୍ଟୀକରଣ ଅନୁସାରେ କର୍ମୀମାନେ ଚାଷୀ, କୃଷି- ଶ୍ରମିକ, ଘରୋଇ ଶିଳ୍ପ ଶ୍ରମିକ ଏବଂ ଅନ୍ୟାନ ଶ୍ରମିକ ଭାବରେ ବିଭକ୍ତ ହୋଇଛନ୍ତି । ୨୦୧୧ ଜନଗଣନା ଅନୁସାରେ ୫୦.୨୬% ଶ୍ରମିକ ଏବଂ ୪୯.୭୪% ଅଣ ଶ୍ରମିକ ଅଟନ୍ତି । ୨୦୦୧ ଓ ୨୦୧୧ ଜନଗଣନା ମଧ୍ୟରେ ୧.୯୪% ଶ୍ରମିକଙ୍କର ବୃଦ୍ଧିହୋଇଛି । ୨୦୧୧ ଜନଗଣନା ଅନୁସାରେ ସମୁଦାୟ ଶ୍ରମିକ ମଧ୍ୟରୁ ୫୭.୧୮% ମୁଖ୍ୟ ଶ୍ରମିକ ଏବଂ ୪୨.୮୨% ପ୍ରାନ୍ତୀୟ ଶ୍ରମିକ ଅଟନ୍ତି । ସମୁଦାୟ ମୁଖ୍ୟ ଶ୍ରମିକଙ୍କ ମଧ୍ୟରେ ୪୦.୫୫% ଚାଷୀ, ୨୨.୪୯% କୃଷି-ଶ୍ରମିକ, ୧.୯୬% ଘରୋଇ ଶିଳ୍ପ ଶ୍ରମିକ ଏବଂ ୩୫.୦୦% ଅନ୍ୟାନ୍ୟ ଶ୍ରମିକ ଅଟନ୍ତି । ସମୟ ଅନୁପାତରେ ମୁଖ୍ୟ ଶ୍ରମିକମାନଙ୍କ ସଂଖ୍ୟା କମୁଅଛି । ୨୦୦୧ରେ ମୁଖ୍ୟ ଶ୍ରମିକ ୬୧.୯୫% ମୁଖ୍ୟ ଶ୍ରମିକ ଥିଲେ, ଯାହା ୨୦୧୧ ଖସି ୫୭.୧୮%କୁ ହ୍ରାସ ପାଇଛି । ପ୍ରାନ୍ତୀୟ ଶ୍ରମିକଙ୍କର ଅନୁପାତ ୨୦୦୧ରେ ୩୮.୦୫%ରୁ ୨୦୧୧ରେ ୪୨.୮୨%କୁ ବୃଦ୍ଧି ହୋଇଛି । ମୁଖ୍ୟ ପୁରୁଷ ଶ୍ରମିକ ୨୦୦୧ରେ ୭୪.୪୯% ରୁ ୨୦୧୧ରେ ୭୨.୧୪% କୁ କମିଥିବା ବେଳେ ମହିଳା ମୁଖ୍ୟ ଶ୍ରମିକ ୨୫.୫୧% ରୁ ୨୦୧୧ରେ ୨୭.୮୬% କୁ ବୃଦ୍ଧି ହୋଇଛି । ପ୍ରାନ୍ତୀୟ ଶ୍ରମିକ ବର୍ଗରେ ଓଲଟା ପ୍ରବୃତ୍ତି ଲକ୍ଷ୍ୟ କରାଯାଇଛି ।

### ୫.୭.୨ ବୋରିଗୁମା ବ୍ଲକର ପାର୍ଶ୍ୱଚିତ୍ର

କୋରାପୁଟ ଜିଲ୍ଲାର ୧୪ ଟି ବ୍ଲକ ମଧ୍ୟରୁ ବୋରିଗୁମା ବ୍ଲକ ପ୍ରସ୍ତାବିତ ନୂତନ ଓସାରିଆ ରେଳପଥ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଯାଉଛି । ବୋରିଗୁମା ବ୍ଲକର ଭୌଗଳିକ କ୍ଷେତ୍ରଫଳ ୬୦୬.୪୮ବର୍ଗ କିଲୋମିଟର ଯେଉଁଥିରେ ୧୪୮ ଗ୍ରାମ ଅଛି । ୨୦୧୧ ଜନଗଣନା ଅନୁସାରେ ସମୁଦାୟ ୩୮୬୦୫ ପରିବାରରେ ୧୫୩୧୨୮ ଲୋକସଂଖ୍ୟା ହେଉଛି । ସମୁଦାୟ ୭୭୧୪୬ ଶ୍ରମିକ ମଧ୍ୟରୁ ୩୯୦୨୭ ମୁଖ୍ୟ ଶ୍ରମିକ ଏବଂ ୩୮୧୧୯ ପ୍ରାନ୍ତୀୟ ଶ୍ରମିକ ଅଟନ୍ତି । ଶସ୍ୟ ଜାତୀୟ ଫସଲ ଧାନ, ମକା, ମାଣ୍ଡିଆ ଏବଂ ଅନ୍ୟାନ୍ୟ,

ଡାଲିଜାତୀୟ ଯେପରି ମୁଗ, ବିରି, କୋଳଥ ଏବଂ ଅନ୍ୟାନ୍ୟ, ତୈଳବୀଜ ଗୁଡ଼ିକ ଚିନାବାଦାମ, ରାଶି, ସୋରିଷ ଏବଂ ଅନ୍ୟାନ୍ୟ ଫସଲ ଏହି ବ୍ଲକରେ ଚାଷ କରାଯାଏ । ଜଳସେଚିତ ଅଞ୍ଚଳରେ ଆଖୁ ମୁଖ୍ୟ ଅର୍ଥକାରୀ ଫସଲ ଅଟେ ।

### ୫.୭.୩ ପ୍ରକଳ୍ପ ପ୍ରଭାବିତ ଗ୍ରାମଗୁଡ଼ିକର ପାର୍ଶ୍ୱଚିତ୍ର

ଏହି ନୂତନ ଓସାରିଆ ରେଳପଥ ନିର୍ମାଣ ପ୍ରକଳ୍ପ ନିମନ୍ତେ ୧୭.୦୭୮ ଏକର ଘରୋଇ ଜମି ଅଧିଗ୍ରହଣ ପାଇଁ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ନିମନ୍ତେ ଓଡିଶା ରାଜ୍ୟର କୋରାପୁଟ ଜିଲ୍ଲାର ବୋରିଗୁମା ତହସିଲ ଅନ୍ତର୍ଗତ କୁପିଆ ଗ୍ରାମକୁ ନିଆଯାଇଅଛି । ୨୦୧୧ ଜନଗଣନା ଅନୁସାରେ,ଏହି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଜମି ଏବଂ ଜନସଂଖ୍ୟାକୁ ଆଧାର କରି ଜଣାଗଲା ଯେ, ୧୭୫ ଘରର ୭୨୦ ଲୋକ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ପ୍ରଭାବିତ ହେଉଛନ୍ତି । ସେହିପରି ୧୪୫ ଅନୁସୁଚିତ ଜାତି ଏବଂ ୫୧୬ ଅନୁସୁଚିତ ଜନଜାତି ଲୋକ ମଧ୍ୟ ପ୍ରଭାବିତ ହେଉଛନ୍ତି । ସମୁଦାୟ ଜନସଂଖ୍ୟାରୁ ୨୬୫ (୩୬.୮୧%) ଜଣ ସାକ୍ଷର ଯାହା ଜିଲ୍ଲା ସାକ୍ଷରତା ହାରଠାରୁ କମ ଏବଂ ବଳକା ୪୫୫ (୬୩.୧୯%) ଜଣ ନିରକ୍ଷର ଯେଉଁଥିରେ ୦-୬ ବର୍ଷ ବୟସର ଶିଶୁ ଅନ୍ତର୍ଭୁକ୍ତ ଅଛନ୍ତି । ନିମ୍ନ ସାରଣୀରୁ ଏହା ଜଣାଯାଏ କି ପ୍ରଭାବିତ ଗ୍ରାମରେ ସମୁଦାୟ ୦-୬ ବର୍ଷ ବୟସର ପିଲାସଂଖ୍ୟା ୧୨୬ ଅଟେ, ଯାହାମଧ୍ୟରୁ ୭୧ (୫୬.୩୫%) ବାଳକ ଏବଂ ୫୫ (୪୩.୬୫%) ବାଳିକା ଅଟନ୍ତି । କାମ କରୁଥିବା ଲୋକମାନଙ୍କ ଉପରେ ଏହି ପ୍ରକଳ୍ପର ପ୍ରଭାବ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଟେ । ସମୁଦାୟ ୩୮୭ ଶ୍ରମିକ ମଧ୍ୟରୁ ୧୭୬ (୪୫.୪୮%) ମୁଖ୍ୟ ଶ୍ରମିକ ଏବଂ ୨୧୧ (୫୪.୫୨%) ପ୍ରାନ୍ତୀୟ ଶ୍ରମିକ, ଯେଉଁମାନେ ପ୍ରଭାବିତ ଗ୍ରାମରେ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଯାଉଛନ୍ତି । ସମୁଦାୟ ମୁଖ୍ୟ ଶ୍ରମିକ ମଧ୍ୟରୁ ୫୮ (୩୨.୯୬%) ଚାଷୀ ଏବଂ ୧୦୨ (୫୭.୯୬%) କୃଷି-ଶ୍ରମିକ ଅଟନ୍ତି । ସମୁଦାୟ ପ୍ରାନ୍ତୀୟ ଶ୍ରମିକ ମଧ୍ୟରୁ, ୨ (୦.୯୫%) ଚାଷୀ ଏବଂ ୨୦୮ (୯୮.୫୮%) କୃଷି- ଶ୍ରମିକ ଅଟନ୍ତି ।

| ବ୍ୟାଖ୍ୟାନ | କୁପିଆ |
|---|---|
| ସମୁଦାୟ ପରିବାର ସଂଖ୍ୟା | ୧୭୫ |
| ସମୁଦାୟ ଜନସଂଖ୍ୟା | ୭୨୦ |
| ସମୁଦାୟ ପୁରୁଷ ଜନସଂଖ୍ୟା | ୩୬୧ |
| ସମୁଦାୟ ମହିଳା ଜନସଂଖ୍ୟା | ୩୫୯ |
| ୦-୬ ବର୍ଷ ବୟସ ଶିଶୁ ର ଜନସଂଖ୍ୟା | ୧୨୬ |
| ପୁରୁଷ ୦-୬ ବର୍ଷ ବୟସ ଶିଶୁର ଜନସଂଖ୍ୟା | ୭୧ |
| ମହିଳା ୦-୬ ବର୍ଷ ବୟସ ଶିଶୁର ଜନସଂଖ୍ୟା | ୫୫ |
| ସମୁଦାୟ ଅନୁସୂଚିତ ଜାତି ଜନସଂଖ୍ୟା | ୧୪୫ |
| ଅନୁସୂଚିତ ଜାତି ପୁରୁଷ | ୭୬ |
| ଅନୁସୂଚିତ ଜାତି ମହିଳା | ୬୯ |
| ସମୁଦାୟ ଅନୁସୂଚିତ ଜନଜାତି ଜନସଂଖ୍ୟା | ୫୧୬ |
| ଅନୁସୂଚିତ ଜନଜାତି ପୁରୁଷ | ୨୫୮ |
| ଅନୁସୂଚିତ ଜନଜାତି ମହିଳା | ୨୫୮ |
| ସମୁଦାୟ ସାକ୍ଷରତା | ୨୬୫ |
| ସମୁଦାୟ ପୁରୁଷ ସାକ୍ଷରତା | ୧୮୧ |
| ସମୁଦାୟ ମହିଳା ସାକ୍ଷରତା | ୮୪ |
| ସମୁଦାୟ ନିରକ୍ଷର | ୪୫୫ |
| ସମୁଦାୟ ପୁରୁଷ ନିରକ୍ଷର | ୧୮୦ |
| ସମୁଦାୟ ମହିଳା ନିରକ୍ଷର | ୨୭୫ |
| ସମୁଦାୟ ଶ୍ରମଜୀବୀ | ୩୮୭ |
| ସମୁଦାୟ ପୁରୁଷ ଶ୍ରମଜୀବୀ | ୧୯୪ |
| ସମୁଦାୟ ମହିଳା ଶ୍ରମଜୀବୀ | ୧୯୩ |
| ସମୁଦାୟ ମୁଖ୍ୟ ଶ୍ରମଜୀବୀ | ୧୭୬ |
| ମୁଖ୍ୟ ପୁରୁଷ ଶ୍ରମଜୀବୀ | ୧୬୧ |
| ମୁଖ୍ୟ ମହିଳା ଶ୍ରମଜୀବୀ | ୧୫ |
| ସମୁଦାୟ ଚାଷୀ | ୫୮ |
| ସମୁଦାୟ ପୁରୁଷ ଚାଷୀ | ୫୫ |
| ସମୁଦାୟମହିଳା ଚାଷୀ | ୩ |
| ସମୁଦାୟ ଚାଷ ସମନ୍ଧୀୟ ଶ୍ରମିକ | ୧୦୨ |

| ବ୍ୟାଖ୍ୟାନ | କୁପିଆ |
|---|---|
| ସମୁଦାୟ ପୁରୁଷ ଚାଷ ସମ୍ବନ୍ଧୀୟ ଶ୍ରମିକ | ୯୪ |
| ସମୁଦାୟ ମହିଳା ଚାଷ ସମ୍ବନ୍ଧୀୟ ଶ୍ରମିକ | ୮ |
| ସମୁଦାୟ ଧାରୀୟ ଶ୍ରମଜୀବୀ | ୨୧୧ |
| ପୁରୁଷ ଧାରୀୟ ଶ୍ରମଜୀବୀ | ୩୩ |
| ମହିଳା ଧାରୀୟ ଶ୍ରମଜୀବୀ | ୧୭୮ |
| ସମୁଦାୟ ଧାରୀୟ ଚାଷୀ | ୨ |
| ଧାରୀୟ ପୁରୁଷ ଚାଷୀ | ୧ |
| ଧାରୀୟ ମହିଳା ଚାଷୀ | ୧ |
| ସମୁଦାୟ ଧାରୀୟ ଚାଷ ସମ୍ବନ୍ଧୀୟ ଶ୍ରମଜୀବୀ | ୨୦୮ |
| ଧାରୀୟ ପୁରୁଷ ଚାଷ ସମ୍ବନ୍ଧୀୟ ଶ୍ରମଜୀବୀ | ୩୨ |
| ଧାରୀୟ ମହିଳା ଚାଷ ସମ୍ବନ୍ଧୀୟ ଶ୍ରମଜୀବୀ | ୧୭୬ |

*ଉତ୍ସ: ଜନଗଣନା ୨୦୧୧*

### ୫.୮ ରାଜନୈତିକ ସଂଗଠନଗୁଡିକ

ଏହି ପ୍ରକଳ୍ପ ପ୍ରଭାବିତ ଗ୍ରାମ ଯଥା କୁପିଆ, ବୋରିଗୁମ୍ମା ବ୍ଲକର ଅଞ୍ଚଳା ଗ୍ରାମପଞ୍ଚାୟତ ଅଧୀନରେ ଆସୁଛି ଏବଂ ଜୟପୁର ବିଧାନସଭା ନିର୍ବାଚନମଣ୍ଡଳୀ ଏବଂ କୋରାପୁଟ ଲୋକସଭା ନିର୍ବାଚନମଣ୍ଡଳୀ ଅଧୀନରେ ଅଛି ।

### ୫.୯ ସମ୍ପ୍ରଦାୟ-ଆଧାରିତ ଏବଂ ନାଗରିକ ସମାଜ ସଂଗଠନଗୁଡିକ

ନାଗରିକ ସମାଜ ସଂଗଠନ ଏବଂ ସାମାଜିକ ଗତିବିଧି ସମ୍ବନ୍ଧରେ କୌଣସି ତଥ୍ୟ ଉପଲବ୍ଧ ନାହିଁ ।

### ୫.୧୦ ଜମିର ବ୍ୟବହାର ଏବଂ ଜୀବିକା

#### ୫.୧୦.୧ ପ୍ରାଣୀସମ୍ପଦ ଥିବା ପରିବାର

ସାରଣୀରୁ ଜଣାପଡେଯେ ସର୍ବେକ୍ଷଣ ହୋଇଥିବା ୪୮ ଘର ମଧ୍ୟରୁ ୧୩ (୨୭.୦୮%) ଘରଲୋକଙ୍କର ନିଜର ଗାଈବଳଦ ରହିଛି, ୨୨ (୪୫.୮୩%) ଘରଲୋକଙ୍କ ପାଖରେ ଛେଳି ରହିଛି ଏବଂ ୩୪ (୭୦.୮୩%) ଘର କୁକୁଡା ପାଳନ କରିଥାନ୍ତି ।

| ପ୍ରାଣୀସମ୍ପଦର ପ୍ରକାର | ପରିବାର ସଂଖ୍ୟା | % |
|---|---|---|
| ଗାଈବଳଦ | ୧୩ | ୨୭.୦୮ |
| ଛେଳି | ୨୨ | ୪୫.୮୩ |
| କୁକୁଡା | ୩୪ | ୭୦.୮୩ |
| *ଉତ୍ସ: ସର୍ବେକ୍ଷଣ ତଥ୍ୟ* | | |

#### ୫.୧୦.୨ ପରିବାରର ଅସ୍ଥାବର ସମ୍ପତ୍ତି

ତଥ୍ୟ ସଂଗ୍ରହ ସମୟରେ ପ୍ରଭାବିତ ଘର ମାନଙ୍କର ଅସ୍ଥାବର ସମ୍ପତ୍ତିର ସର୍ବେକ୍ଷଣ ମଧ୍ୟ କରଯାଇଥିଲା । ସାରଣୀ ରୁ ଜଣାପଡେ ଯେ ପ୍ରଭାବିତ ୪୮ ଘର ମଧ୍ୟରୁ ୧୭ (୩୫.୪୨%) ଘର ମାନଙ୍କର ଟେଲିଭିଜନ, ୬ (୧୨.୫୦%) ଘର ମାନଙ୍କର ଫ୍ରିଜ, ୩୪ (୭୦.୮୩%) ଘର ମାନଙ୍କର ସାଇକେଲ, ୩ (୬.୨୫%) ଘର ମାନଙ୍କର ଦୁଇଚକିଆ ଯାନ ଏବଂ ୪୮ (୧୦୦.୦୦%) ଘର ମାନଙ୍କର ଟେଲିଫୋନ (ମୋବାଇଲ) ଥିବାର ଜଣାପଡେ ।

| ସମ୍ପତ୍ତିରପ୍ରକାର | ପରିବାର ସଂଖ୍ୟା | % |
|---|---|---|
| ଟେଲିଭିଜନ | ୧୭ | ୩୫.୪୨ |
| ଫ୍ରିଜ | ୬ | ୧୨.୫୦ |
| ସାଇକଲ | ୩୪ | ୭୦.୮୩ |
| ୨ ଚକିଆ ଯାନ | ୩ | ୬.୨୫ |
| ମୋବାଇଲ ଟେଲିଫୋନ | ୪୮ | ୧୦୦.୦୦ |
| *ଉତ୍ସ: ସର୍ବେକ୍ଷଣ ତଥ୍ୟ* | | |

### ୫.୧୦.୩ ପ୍ରଭାବିତ ଘରମାନଙ୍କର ବାର୍ଷିକ ରୋଜଗାର ସ୍ଥିତି

ବାର୍ଷିକ ରୋଜଗାର ଦୃଷ୍ଟିରୁ ପ୍ରଭାବିତ ଘରଗୁଡିକର ଆର୍ଥିକ ସ୍ଥିତିର ସମୀକ୍ଷାରୁ ଜଣାପଡେ ଯେ ୧୭ (୩୫.୪୨%) ଘରଗୁଡିକର ବାର୍ଷିକ ଆୟ ୫୦୦୦୦/- ଟଙ୍କା ପର୍ଯ୍ୟନ୍ତ, ୧୬ (୩୩.୩୩%) ଘରଗୁଡିକର ବାର୍ଷିକ ଆୟ ୫୦୦୦୧/- ଟଙ୍କାରୁ ୧୦୦୦୦୦/- ଟଙ୍କା ମଧ୍ୟରେ, ୮ (୧୬.୬୭%) ଘରଗୁଡିକର ବାର୍ଷିକ ଆୟ ୧୦୦୦୦୧/- ଟଙ୍କାରୁ ୧୫୦୦୦୦/- ଟଙ୍କା ମଧ୍ୟରେ, ୪ (୮.୩୩%) ଘରଗୁଡିକର ବାର୍ଷିକ ଆୟ ୧୫୦୦୦୧/- ଟଙ୍କାରୁ ୨୦୦୦୦୦/- ଟଙ୍କା ମଧ୍ୟରେ ଏବଂ ୩ (୬.୨୫%) ଘରଗୁଡିକର ବାର୍ଷିକ ଆୟ ୨୦୦୦୦୦/- ଟଙ୍କାରୁ ଉର୍ଦ୍ଧ ଥିବା ଜଣାପଡେ ।

| ତହସିଲ | ଗ୍ରାମ | ୫୦୦୦୦ ରୁ କମ | ୫୦୦୦୧-୧୦୦୦୦୦ | ୧୦୦୦୦୧-୧୫୦୦୦୦ | ୧୫୦୦୦୧ - ୨୦୦୦୦୦ | ୨୦୦୦୦୦ ରୁ ଉର୍ଦ୍ଧ | ସମୁଦାୟ |
|---|---|---|---|---|---|---|---|
| ବୋରିଗୁମା | କୁପିଆ | ୧୭ | ୧୬ | ୮ | ୪ | ୩ | ୪୮ |
| **ସମୁଦାୟ** | | **୧୭** | **୧୬** | **୮** | **୪** | **୩** | **୪୮** |
| **%** | | **୩୫.୪୨** | **୩୩.୩୩** | **୧୬.୬୭** | **୮.୩୩** | **୬.୨୫** | **୧୦୦.୦୦** |

*ଉତ୍ସ: ସର୍ବେକ୍ଷଣ ତଥ୍ୟ*

### ୫.୧୧ ଆଞ୍ଚଳିକ ଅର୍ଥନୈତିକ କାର୍ଯ୍ୟକଳାପ

ସ୍ଥାନୀୟ ଅର୍ଥନୀତି କାର୍ଯ୍ୟକଳାପ ଜଙ୍ଗଲ ଏବଂ କୃଷି ଉପରେ ଆଧାରିତ (ସ୍ଥାନାନ୍ତରିତ ଚାଷକୁ ଅନ୍ତର୍ଭୁକ୍ତ କରି), ଦୈନନ୍ଦିନ ବ୍ୟବହାର ପାଇଁ ଘରୋଇ ଭାବରେ ବ୍ୟବହୃତ ଦ୍ରବ୍ୟର ଅଧିକାଂଶ ହେଉଛି କୃଷି ଏବଂ ଜଙ୍ଗଲ ଉତ୍ପାଦ ଯେଉଁଥିରେ ଉଭୟ ପୁରୁଷ ଏବଂ ମହିଳା ଜଡିତ ।

### ୫.୧୨ ଆଞ୍ଚଳିକ ଜୀବନଶୈଳୀକୁ ପ୍ରଭାବିତ କରୁଥିବା କାରକଗୁଡିକ

### ୫.୧୨.୧ ପ୍ରଭାବିତ ଅଞ୍ଚଳରେ ପ୍ରଭାବିତ ହେବାକୁ ଥିବା ଗଛ ଓ ବଗିଚାର ମୂଲ୍ୟାଙ୍କନ

ଏହି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ପରିବାରଙ୍କ ମତାମତ ଅନୁଯାୟୀ ପ୍ରସ୍ତାବିତ ନୂତନ ଓସାରିଆ ରେଳ ପ୍ରକଳ୍ପ ପାଇଁ ପ୍ରକଳ୍ପ ପ୍ରଭାବିତ ଗ୍ରାମଗୁଡିକରୁ ଘରୋଇ ଜମି ଅଧିଗ୍ରହଣ ଦ୍ୱାରା କୌଣସି ଗଛ ପ୍ରଭାବିତ ହେବ ନାହିଁ ।

### ୫.୧୨.୨ ପ୍ରଭାବିତ ଗ୍ରାମ ଗୁଡିକର ବିଭିନ୍ନ ସାଧାରଣ ସମ୍ପତ୍ତିର ମୂଲ୍ୟାଙ୍କନ

ପ୍ରସ୍ତାବିତ ରାସ୍ତା ଉନ୍ନତିକରଣ ପ୍ରକଳ୍ପର ନିର୍ମାଣ କାର୍ଯ୍ୟରେ ପ୍ରଭାବିତ ଗ୍ରାମ ଗୁଡିକର ଅନ୍ୟ କୌଣସି ସର୍ବସାଧାରଣ ସମ୍ପତ୍ତି ପ୍ରଭାବିତ ହେବ ନାହିଁ ।

### ୫.୧୨.୩ ପ୍ରଭାବିତ ଅଞ୍ଚଳର ସାଧାରଣ ଏବଂ ସାମାଜିକ-ସାଂସ୍କୃତିକ ଭିତ୍ତିଭୂମି

ବସତିରେ ଜୀବନର ଗୁଣବତ୍ତା ନିର୍ଦ୍ଧାରଣ କରିବାରେ ମିଳୁଥିବା ବିଭିନ୍ନ ଭିତ୍ତିଭୂମି ସୁବିଧା ଗୁଡିକର ଉପଲବ୍ଧତାକୁ ଏକ ମୁଖ୍ୟ କାରକ ଭାବରେ ବିଚାରକୁ ନିଆଯାଏ । ଏହି ପ୍ରସଙ୍ଗରେ ଅଧ୍ୟୟନ ଗ୍ରାମରେ ମିଳୁଥିବା ଭିତ୍ତିଭୂମିର ସୁବିଧା ଚିହ୍ନଟ ଏବଂ ଲୋକମାନଙ୍କ ଜୀବନ ଉପରେ ଏହି ସୁବିଧାର ଧାରଣ ନିମନ୍ତେ ଅନୁସନ୍ଧାନ କରାଯାଇଥିଲା । ପ୍ରଭାବିତ ଗ୍ରାମଗୁଡିକ ସମସ୍ତ ଜଳବାୟୁ ବିଶିଷ୍ଟ ରାସ୍ତା ଦ୍ୱାରା ସଂଯୋଗ ହୋଇଛନ୍ତି । ପାନୀୟ ଜଳର ଆବଶ୍ୟକତା ପାଇଁ ୧୨ ଟି ନଳକୂପ ଏବଂ ଜଳ ଯୋଗାଣ ସୁବିଧା ଗୁଡିକ  କରାଯାଇଛି ।

ଶିକ୍ଷାଗତ ଭିତ୍ତିଭୂମି ସୁବିଧାକୁ ଦେଖିଲେ ଏହା ଜଣାଯାଏ ଯେ ଏହି ପ୍ରଭାବିତ ଗ୍ରାମଗୁଡିକରେ ୫ଟି ଅଙ୍ଗନୱାଡି କେନ୍ଦ୍ର, ୩ଟି ପ୍ରାଥମିକ ବିଦ୍ୟାଳୟ, ୧ଟି ମାଧ୍ୟମିକ ବିଦ୍ୟାଳୟ ଏବଂ ୧ଟି ଉଚ୍ଚ ବିଦ୍ୟାଳୟ ଅଛି । ପ୍ରଭାବିତ ଗ୍ରାମରେ କୌଣସି ବ୍ୟାଙ୍କ/ଆର୍ଥିକ ଭିତ୍ତିଭୂମି ନାହିଁ । ପ୍ରଭାବିତ ଗ୍ରାମର ଲୋକମାନେ ପାର୍ଶ୍ୱବର୍ତ୍ତୀ ଗ୍ରାମରେ ଥିବା ବ୍ୟାଙ୍କ/ଆର୍ଥିକ ପ୍ରତିଷ୍ଠାନ ଉପରେ ନିର୍ଭରଶୀଳ ଅଟନ୍ତି । ଅଧ୍ୟୟନ ଗ୍ରାମଗୁଡିକର ଧାର୍ମିକ ଭିତ୍ତିଭୂମି ବର୍ଣ୍ଣନା କରେକି ୬ଟି ଚର୍ଚ୍ଚ ପ୍ରଭାବିତ ଗ୍ରାମମାନଙ୍କରେ ଅଛି ଯେଉଁଠାରେ ସାଧାରଣତଃ ଧାର୍ମିକ କାର୍ଯ୍ୟ ନିର୍ବାହ କରାଯାଏ । ନିମ୍ନ ସାରଣୀରେ ସର୍ବସାଧାରଣ ସମ୍ପତ୍ତି ସମ୍ବଳର ବିସ୍ତୀର୍ଣ୍ଣ ବିବରଣୀ ଦିଆଯାଇଛି ।



**ଫଟୋ-୩.୧: ସମ୍ପତ୍ତି ସର୍ବେକ୍ଷଣ**

| ସର୍ବସାଧାରଣ ସମ୍ପତ୍ତି ସମ୍ବଳ | କୁପିଆ |
|---|---|
| **ରାସ୍ତା** | |
| ମାଟି ରାସ୍ତା | ୧ |
| କଂକ୍ରିଟ୍ ରାସ୍ତା | ୧ |
| ପିଚୁ ରାସ୍ତା | ୧ |
| **ଜଳ ଯୋଗାଣ** | |
| ପାଇପ ଲାଇନ | ୨ |
| ନଳକୂଅ | ୧୨ |
| ପୋଖରି | ୬ |
| ପାଣି ଟାଙ୍କି | ୧ |
| **ବିଦ୍ୟାଳୟ / ଶିକ୍ଷା କେନ୍ଦ୍ର** | |
| ଅଙ୍ଗନବାଡି କେନ୍ଦ୍ର | ୫ |
| ପ୍ରାଥମିକ ବିଦ୍ୟାଳୟ | ୩ |
| ମାଧ୍ୟମିକ ବିଦ୍ୟାଳୟ | ୧ |
| ଉଚ୍ଚ ବିଦ୍ୟାଳୟ | ୧ |
| **ସ୍ୱାସ୍ଥ୍ୟ କେନ୍ଦ୍ର** | |
| ଏ ଏନ ଏମ କେନ୍ଦ୍ର | ୩ |
| କେନ୍ଦ୍ରୀୟ ସ୍ୱାସ୍ଥ୍ୟ କେନ୍ଦ୍ର | ୨ |
| **ଦୋକାନ** | |
| ତେଜରାତି ଦୋକାନ | ୫ |
| କୁକୁଡା ବିକ୍ରୟ କେନ୍ଦ୍ର | ୨ |
| ଜଳଖିଆ କେନ୍ଦ୍ର | ୨ |
| ପାନ ଦୋକାନ | ୧୦ |
| **ସାଧାରଣ ସମ୍ପତ୍ତି** | |
| ବଜାର | ୧ |
| ଗୋଷ୍ଠି କେନ୍ଦ୍ର | ୪ |
| **ଭୁମି ସମ୍ପତ୍ତି** | |
| ଖେଳ ପଡିଆ | ୨ |
| ବସ ରହଣି ସ୍ଥାନ | ୧ |
| **ସାଂସ୍କୃତିକ ସମ୍ବଳ** | |
| ଚର୍ଚ୍ଚ | ୬ |

*ଉତ୍ସ: ସର୍ବେକ୍ଷଣ ତଥ୍ୟ*

## ୫.୧୩ ବାସକରୁଥିବା ପରିବେଶ

### ୫.୧୩.୧ ପ୍ରଭାବିତ ଘରମାନଙ୍କର ବାସଗୃହ ସଂରଚନା

ପ୍ରଭାବିତ ଘର ମାନଙ୍କ ବାସଗୃହ ଅନୁଧ୍ୟାନରୁ ଜଣାପଡେ ଯେ ୪୮ ଘର ମାନଙ୍କର ୩୨ ଟି ବାସଗୃହ ଅଛି । ଯେଉଁଥିରୁ ୨୫.୦୦% ପକ୍କା ଛାତ ଘର, ୧୫.୬୩% ଆଜବେଷ୍ଟସ ଛାତ ଏବଂ ୫୯.୩୭% ଚାଳ ଛପର ନିର୍ମିତ ଅଟେ । ୨୫.୦୦% ଇଟା ଓ ସିମେଣ୍ଟ କାନ୍ଥ, ୧୫.୬୩% ଇଟା ଓ ମାଟି କାନ୍ଥ ଏବଂ ୫୯.୩୭% ମାଟି କାନ୍ଥ ନିର୍ମିତ ଅଟେ । ସେହିପରି, ୨୫.୦୦% ସିମେଣ୍ଟ ପ୍ଲାଷ୍ଟର ଚଟାଣ ଏବଂ ୭୫.୦୦% ମାଟି ଚଟାଣ ନିର୍ମିତ ଅଟେ ।

| ଛାତ | | | କାନ୍ଥ | | | ଚଟାଣ | | |
|---|---|---|---|---|---|---|---|---|
| ପ୍ରକାର | ସଂଖ୍ୟା | % | ପ୍ରକାର | ସଂଖ୍ୟା | % | ପ୍ରକାର | ସଂଖ୍ୟା | % |
| ଚାଳ | ୧୯ | ୫୯.୩୭ | ମାଟି | ୧୯ | ୫୯.୩୭ | ମାଟି | ୨୪ | ୭୫.୦୦ |
| ଆଜବେଷ୍ଟସ | ୫ | ୧୫.୬୩ | ଇଟା ଓ ମାଟି | ୫ | ୧୫.୬୩ | ସିମେଣ୍ଟ | ୮ | ୨୫.୦୦ |
| ପକ୍କା ଛାତ | ୮ | ୨୫.୦୦ | ଇଟା ଓ ସିମେଣ୍ଟ | ୮ | ୨୫.୦୦ | | | |
| **ସମୁଦାୟ** | ୩୨ | ୧୦୦.୦୦ | **ସମୁଦାୟ** | ୩୨ | ୧୦୦.୦୦ | **ସମୁଦାୟ** | ୩୨ | ୧୦୦.୦୦ |

*ଉତ୍ସ: ସର୍ବେକ୍ଷଣ ତଥ୍ୟ*

### ୫.୧୩.୨ ପ୍ରଭାବିତ ଘରମାନଙ୍କ ଦ୍ଵାରା ପ୍ରାପ୍ତ ମୌଳିକ ସୁବିଧା

ଜଳ, ପରିମଳ, ବିଦ୍ୟୁତ, ଗୁହାଳ ଇତ୍ୟାଦି ପରି କେତକ ମୌଳିକ ସୁବିଧା ଗ୍ରାମୀଣ ଲୋକଙ୍କ ପାଇଁ ଅନେକ ମହତ୍ତ୍ୱ ରଖିଥାଏ । ଅର୍ଥନୈତିକ ଅଭିବୃଦ୍ଧି ସହ ଏହିପରି କେତେକ ସୁବିଧା ଗ୍ରାମବାସୀ ମାନେ ସେମାନଙ୍କ ଦୁଆର ମୁହଁରେ ପାଇବା ପାଇଁ ଇଚ୍ଛା କରନ୍ତି । ସାରଣୀ ରୁ ଜଣାଯାଏ ଯେ ୧୨ (୩୭.୫୦%) ଘରଲୋକଙ୍କ ଗୁହାଳ ଅଛି, ୭ (୨୧.୮୭%) ଘର ଭିତରେ ଗାଧୁଆ ଘର, ୧୧ (୩୪.୩୭%) ଘରକୁ ଲାଗି ପାଇଖାନା ଏବଂ ୭ (୨୧.୮୭%) ଘରଭିତରେ ସଫା କରିବା ଜାଗା ରହିଛି । ୧୦୦.୦୦% ଘରେ ବିଦ୍ୟୁତ ସଂଯୋଗ ଅଛି ।

| ବିବରଣୀ | ସଂଖ୍ୟା | % |
|---|---|---|
| ଗୁହାଳ | ୧୨ | ୩୭.୫୦ |
| ଗାଧୁଆଘର | ୭ | ୨୧.୮୭ |
| ପାଇଖାନା | ୧୧ | ୩୪.୩୭ |
| ସଫା କରିବା ଜାଗା | ୭ | ୨୧.୮୭ |
| ବିଦ୍ୟୁତ ସଂଯୋଗ | ୩୨ | ୧୦୦.୦୦ |
| *ଉତ୍ସ: ସର୍ବେକ୍ଷଣ ତଥ୍ୟ* | | |

### ୫.୧୩.୩ ଋଣର ଉଦ୍ଦେଶ୍ୟ

ସର୍ବେକ୍ଷଣରୁ ଜଣାପଡିଛି ଯେ ପ୍ରଭାବିତ ପରିବାରର ଋଣ ସ୍ଥିତି ଦର୍ଶାଉଛି ଯେ ସେମାନଙ୍କ ମଧ୍ୟରୁ ୧୮.୭୫% ବିଭିନ୍ନ ଆବଶ୍ୟକତା ପାଇଁ ବିଭିନ୍ନ ଉତ୍ସରୁ ଋଣ ନେଇଛନ୍ତି । ପରେ ଦେଖାଯାଇଥିବା ପରି ଆୟ ଏବଂ ବ୍ୟୟ ଢାଞ୍ଚାରୁ, ଲକ୍ଷ୍ୟ କରାଯାଇପାରେ ଯେ ପ୍ରଭାବିତ ଗ୍ରାମଗୁଡିକରେ ପରିବାରଗୁଡିକ ଉପଭୋକ୍ତା ଅଭାବ ପରିବାର ବର୍ଗରେ ନାହାଁନ୍ତି, ତଥାପି ସେମାନେ ଋଣଗ୍ରସ୍ତ ଅଟନ୍ତି । ଏହି ଘଟଣାକୁ ଏହା ପଛରେ କିଛି କାରଣ ମାଧ୍ୟମରେ ବର୍ଣ୍ଣନା କରାଯାଇପାରେ । ପ୍ରଥମେ, ସାକ୍ଷାତକାର ତାରିଖ ପୂର୍ବରୁ ଏକ ବର୍ଷ ପାଇଁ ଆୟ ଓ ବ୍ୟୟ ତଥ୍ୟ ନିଆଯାଇଥିଲା, କିନ୍ତୁ ଋଣ ବର୍ଷ ବର୍ଷ ଧରି ନିଆଯାଇଥିବାର ଜଣାପଡିଥିଲା । ଦ୍ଵିତୀୟତଃ, ଅଧିକ ଆୟ କରୁଥିବା ପରିବାରଗୁଡିକର ଅଧିକ ପରିଶୋଧ କରିବାର କ୍ଷମତା ଅଛି । ତେଣୁ, ଉଭୟ ଆନୁଷ୍ଠାନିକ ତଥା ଅଣଉପଚାରିକ ଉତ୍ସରୁ ଏହି ପରିବାରଗୁଡିକୁ ସହଜରେ ଋଣ ଉପଲବ୍ଧ ହୋଇଥାଏ ।

| ତହସିଲ | ଗ୍ରାମ | ଘର ସଂଖ୍ୟା | ଋଣ | % |
|---|---|---|---|---|
| ବୋରିଗୁମା | କୁପିଆ | ୪୮ | ୯ | ୧୮.୭୫ |
| **ସମୁଦାୟ** | | ୪୮ | ୯ | **୧୮.୭୫** |

*ଉତ୍ସ: ସର୍ବେକ୍ଷଣ ତଥ୍ୟ*

ସର୍ବେକ୍ଷଣରୁ ଏହା ଜଣାପଡିଛି ଯେ ଋଣ ନେଇଥିବା ପରିବାରମାନେ ଗୃହ ନିର୍ମାଣ, ଚାଷ ଉପରେ ବିନିଯୋଗ, ଶିକ୍ଷା, ବ୍ୟବସାୟ ଇତ୍ୟାଦି ବିଭିନ୍ନ ଉଦ୍ଦେଶ୍ୟରେ ଋଣ ନେଇଛନ୍ତି। ଏହା ସ୍ପଷ୍ଟ ହୋଇଛି ଯେ ୯ ଟି ପରିବାର ମଧ୍ୟରୁ ସର୍ବାଧିକ ୪ (୪୪.୪୫)% ମୁଖ୍ୟତଃ କୃଷି ତଥା ଉତ୍ପାଦନରେ ନିବେଶ ପାଇଁ ଋଣ (ଯଥା ଚାଷ, ବ୍ୟବସାୟ, ପଶୁପାଳନ ଇତ୍ୟାଦି ଉପରେ ବିନିଯୋଗ), ୩




*ଉତ୍ସ: ସର୍ବେକ୍ଷଣ ତଥ୍ୟ*

(୩୩.୩୩)% ସ୍ଥାୟୀ ସମ୍ପଦ କିଣିବା ପାଇଁ ଏବଂ ୨ (୨୨.୨୨)% ପିଲାମାନଙ୍କ ବିବାହ ପାଇଁ ଋଣ ନେଇଛନ୍ତି | ଏହା, ତଥାପି, ଅମୂଲ୍ୟ ଅଟେ ଯେ କୋଣସି ଉତ୍ପାଦନକାରୀ କିମ୍ବା ଅଣ-ଉତ୍ପାଦନ ଉଦ୍ଦେଶ୍ୟରେ ଖର୍ଚ୍ଚ ହୋଇଛି କାରଣ ଏକ ଗରିବ ପରିବାର ପାଇଁ ଦୈନଦିନ ଘରର ଆବଶ୍ୟକତା ପାଇଁ ଋଣ ମଧ୍ୟ ଫଳପ୍ରଦ ଅଟେ କାରଣ ଏହା ପରିବାରର କ୍ଷୁଧାକୁ ହ୍ରାସ କରିଥାଏ | କିନ୍ତୁ ଏହା ଧ୍ୟାନ ରଖିବା ମହତ୍ତ୍ୱପୂର୍ଣ୍ଣ ଯେ, ଯଦି ପ୍ରଭାବିତ ଘରମାନଙ୍କ ଦ୍ୱାରା ନିଆଯାଇଥିବା ଋଣର ରାଶି ଯଦି ବହୁତଅଧିକ ହୋଇଥାଏ, ତେବେ କ୍ଷତିପୂରଣ ରାଶିର ଅଧିକ ଭାଗ ନେଇଥିବା ଋଣ ପରିଶୋଧ କରିବାରେ ଖର୍ଚ୍ଚ ହୋଇଯାଇପାରେ । ଏମିତି ପରିସ୍ଥିତିରେ ଗରିବ ଶ୍ରେଣୀର ଲୋକମାନେ ଭୂମିହୀନ ହେବା ସହିତ କ୍ଷତିପୂରଣ ରାଶିର ହାନି ଋଣ ଜାଲରେ ଛନ୍ଦି ହୋଇ ଅତି ଗରିବ ଶ୍ରେଣୀକୁ ଖସି ଯାଇ ପାରନ୍ତି । ସେଥିପାଇଁ ଅଣକୃଷି ବ୍ୟବସାୟ ମାଧ୍ୟମରେ ସେମାନଙ୍କର ଜୀବନ ସ୍ଥିତିକୁ ସୁଧାରିବା ପାଇଁ ଆବଶ୍ୟକ ପଦକ୍ଷେପମାନ ଗ୍ରହଣ କରାଯିବ ଦରକାର ।

# ଅଧ୍ୟାୟ-୦୬: ସାମାଜିକ ପ୍ରଭାବ

## ୬.୧ ପ୍ରଭାବ ଗୁଡିକର ଚିହ୍ନଟ ପାଇଁ ଭିତ୍ତିଭୂମି ଏବଂ ପ୍ରବେଶ ପଥ

ଯେହେତୁ ପ୍ରସ୍ତାବିତ ପ୍ରକଳ୍ପଟି ଏକ ନୂତନ ଓସାରିଆ ରେଳପଥ ନିର୍ମାଣ ପ୍ରକଳ୍ପ ଅଟେ ତେଣୁ ଲୋକମାନେ ମାମୁଲି ଭାବରେ ପ୍ରଭାବିତ ହେବାକୁ ଯାଉଛନ୍ତି । ଲୋକମାନେ ଓ ସେମାନଙ୍କ ଗ୍ରାମ ମଧ୍ୟରେ ପ୍ରସ୍ତାବିତ ପ୍ରକଳ୍ପର ବିଭିନ୍ନ ପ୍ରଭାବ ଏବଂ ଏହାର ଫଳାଫଳ ଚିହ୍ନଟ କରିବାକୁ ବର୍ତ୍ତମାନର ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ଅଧ୍ୟୟନ ସଞ୍ଚାଳନ କରାଯାଇଥିଲା । ଏହି ପ୍ରସଙ୍ଗରେ ପ୍ରସ୍ତାବିତ ରେଳପଥ ନିର୍ମାଣ ପ୍ରକଳ୍ପର ପ୍ରଭାବ ଚିହ୍ନଟ କରାଯାଇଥିଲା । ପ୍ରଭାବିତ ପରିବାରର ଉପଲବ୍ଧି ପାଇଁ ବିଭିନ୍ନ ପ୍ରଣାଳୀ ଯଥା ଘରୋଇ ସାକ୍ଷାତକାର, ଦଳଗତ ଆଲୋଚନା, ପିଆରଏ ର କୌଶଳର ବ୍ୟବହାର କରାଯାଇଥିଲା ଏବଂ ସଂଗୃହିତ ସୂଚନା ପ୍ରକଳ୍ପର ପ୍ରଭାବ ଉପରେ ବିଶ୍ଳେଷଣ କରିଥିଲା । କ୍ଷେତ୍ର କାର୍ଯ୍ୟ ସମୟରେ ପ୍ରକଳ୍ପର ପ୍ରଭାବ ଜାଣିବା ପାଇଁ ବ୍ୟକ୍ତିଗତ ହିତାଧିକାରୀଙ୍କ ସହଯୋଗରେ ଗ୍ରାମୀଣ ସୂଚନା ସଂଗ୍ରହ କରାଯାଇଥିଲା । ଏହାଛଡା ପ୍ରତ୍ୟେକ ଗ୍ରାମରେ ପ୍ରରୋକ୍ଷ ଭାବରେ ପ୍ରଭାବିତ ଘର ଗୁଡିକ ଉପରେ ପ୍ରକଳ୍ପର ପ୍ରଭାବ ଜାଣିବା ପାଇଁ ବହୁତ କମ ଜମିହୀନ ଘରଲୋକଙ୍କୁ ସାକ୍ଷାତକାର ରେ ନିଆଯାଇଥିଲା । ଅଧ୍ୟାୟଟି ପ୍ରଭାବିତ ଘର/ପରିବାର ଉପରେ ପ୍ରସ୍ତାବିତ ପ୍ରକଳ୍ପର ଭିନ୍ନଭିନ୍ନ ପ୍ରଭାବର ବିଶ୍ଳେଷଣ କରେ ।

## ୬.୨ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP)

ଏହାର ହସ୍ତକ୍ଷେପ ଯୋଗୁ ପ୍ରସ୍ତାବିତ ପ୍ରକଳ୍ପ ଏବଂ ତାହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବାସକରୁଥିବା ଲୋକମାନଙ୍କ ଜୀବନ ଓ ଜୀବିକାକୁ ପ୍ରଭାବିତ କରିବାକୁ ଥିବା ସମ୍ଭାବନାକୁ ଚିହ୍ନଟ କରିବା ପାଇଁ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯାଇଥିଲା । ଏହି ଅଧ୍ୟୟନ ପ୍ରକଳ୍ପର ସକାରାତ୍ମକ ଏବଂ ନକାରାତ୍ମକ ପ୍ରଭାବ ଗୁଡିକୁ ଭଲଭାବରେ ବିଶ୍ଳେଷଣ କରେ । ପ୍ରଭାବିତ ପରିବାର, ଗୋଷ୍ଠୀ, ଏବଂ ସମାଜ ଉପରେ ପଡୁଥିବା ପ୍ରତିକୂଳ ପ୍ରଭାବକୁ ପ୍ରଶମନ କରିବା ନିମନ୍ତେ RFCTLARR ନିୟମ ୨୦୧୩ ଅନୁଯାୟୀ ଏକ ସାମାଜିକ ପ୍ରଭାବ ପରିଚାଳନା ଯୋଜନାର (SIMP) ପ୍ରସ୍ତୁତି ଅତ୍ୟାବଶ୍ୟକ ଅଟେ । ସାମାଜିକ ପ୍ରଭାବ ପରିଚାଳନା ଯୋଜନା ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ଅଧ୍ୟୟନର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଅଟେ ଯାହାକି ଉପଯୁକ୍ତ ସୁଧାରାତ୍ମକ ଉପାୟ ଓ ଏହାର ମୂଲ୍ୟ ସହିତ ସଂସ୍ଥାଗତ ବ୍ୟବସ୍ଥା ଦ୍ୱାରା ପ୍ରକଳ୍ପର ପ୍ରତିକୂଳ ପ୍ରଭାବ ଜାଣିବା ପାଇଁ ନିବାରକ ଉପାୟ ପ୍ରସ୍ତୁତ କରେ । ପ୍ରଦତ୍ତ ନିୟମ ଅନୁସାରେ କର୍ତ୍ତୃପକ୍ଷ ଏକ ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ପରିଚାଳନା କରୁଥିବା ସମୟରେ ବିଭିନ୍ନ ଦୃଷ୍ଟି କୋଣରୁ ହେବାକୁ ଥିବା ଅସୁବିଧାର ସୁପରିଚାଳନା ନିମନ୍ତେ ଏକ ସୁଧାରାତ୍ମକ ଉପାୟ ବାହାର କରି ଏକ ସାମାଜିକ ପ୍ରଭାବ ଆକଳନ ରିପୋର୍ଟ ପ୍ରସ୍ତୁତି କରିବେ । ଏହା ନିଶ୍ଚିନ୍ତ ଯେ ଯେତେବେଳେ କୌଣସି ପ୍ରକଳ୍ପ ଜନସାଧାରଣଙ୍କ ନିମନ୍ତେ ସ୍ପଷ୍ଟ କରାଯାଏ, ସେତେବେଳେ ସେଠାରେ କିଛି ସାମାଜିକ ଇଚ୍ଛାକୃତ ଓ ଅନିଚ୍ଛାକୃତ ପରିଣାମ ଉତ୍ପନ୍ନ ହୋଇପାରେ । ପ୍ରଭାବିତ ଅଞ୍ଚଳରେ ପ୍ରକଳ୍ପର ନକାରାତ୍ମକ ପ୍ରଭାବ ଏବଂ ତାହାର ଉପଶମ ନିମନ୍ତେ ସାମାଜିକ ପ୍ରଭାବ ପରିଚାଳନା ଯୋଜନାକୁ (SIMP) ଏପରି ପ୍ରସ୍ତୁତ କରାଯାଇଛି ଯାହା ପ୍ରଭାବିତ ପରିବାର, ଗୋଷ୍ଠୀ ଏବଂ ସମାଜ ଉପରେ ପଡିବାକୁ ଥିବା ନକାରାତ୍ମକ ପ୍ରଭାବକୁ ପ୍ରକଳ୍ପର ଫାଇଦା ପ୍ରସାର ମାଧ୍ୟମରେ କମ କରିପାରିବ । ଏହି ପ୍ରକଳ୍ପ ପାଇଁ ଉପ ମୁଖ୍ୟ ଯନ୍ତ୍ରୀ, ନିର୍ମାଣ (୧), ପୂର୍ବତଟ ରେଳପଥ, କୋରାପୁଟଙ୍କ ଦ୍ୱାରା ଅଧିଗୃହିତ ଜମି କେବଳ ସର୍ବସାଧାରଣଙ୍କ ଉଦ୍ଦେଶ୍ୟ ନିମନ୍ତେ କାର୍ଯ୍ୟକାରୀ ଅଟେ । ଯେହେତୁ ଏହା ରୈଖିୟ ପ୍ରକଳ୍ପ ତେଣୁ ଜମି ଅଧିଗ୍ରହଣ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସୀମିତ ଅଟେ ଯେଉଁଠାରେ ରେଳପଥ ନିର୍ମାଣ ଯୋଜନା କରାଯାଇଛି । ତେଣୁ ପ୍ରକଳ୍ପ ପାଇଁ ଆବଶ୍ୟକୀୟ ଜମି ଏକ ନ୍ୟୁନତମ ଆବଶ୍ୟକତା ଅଟେ ଯାହାକି ପ୍ରଭାବିତ ଗ୍ରାମରେ ମିଳୁଥିବା ସମସ୍ତ ଜମିର ଏକ କ୍ଷୁଦ୍ର ଅଂଶ ଅଟେ । ପ୍ରକଳ୍ପ ଅଞ୍ଚଳରେ ପ୍ରଭାବିତ ଗ୍ରାମର ସମୁଦାୟ ୯୫୯.୩୪୦ ଏକର ଜମିରୁ ମାତ୍ର ୧୭.୦୭୮ ଏକର ଘରୋଇ ଜମି ଅଧିଗ୍ରହଣ ହେବାର ଅଛି, ଯାହାକି ପ୍ରଭାବିତ ଗ୍ରାମର ସମୁଦାୟ ଜମିର ୧.୭୮% ଅଟେ । ଏହି ଅଧ୍ୟାୟ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (ଏସଆଇଏମପି)ର ପରିଚାଳନା, ପ୍ରକଳ୍ପ ପ୍ରଭାବିତ ପରିବାରଙ୍କର ଅଧିକାର ଜନିତ ଫାଇଦା, ୪୮ ପ୍ରଭାବିତ ଘରଗୁଡିକର କ୍ଷମତା ନିମନ୍ତେ ସାଂଗଠନିକ ଯୋଗାଡକୁ ସ୍ପଷ୍ଟ ଭାବରେ ବୁଝାଏ । ଏହି ଅଧ୍ୟାୟ ମଧ୍ୟ ପ୍ରଭାବିତ ଘରଗୁଡିକର ଥଇଥାନ ଏବଂ ପୁନଃବସତି ପାଇଁ ଅଗ୍ରାଧିକାର ଦେଇଥାଏ ।

### ୬.୨.୧ ଜମି ଉପରେ ପ୍ରଭାବ

ଏହା ଦେଖାଯାଏ କି ୧ ଟି ପ୍ରକଳ୍ପ ପ୍ରଭାବିତ ଗ୍ରାମରୁ ସମୁଦାୟ ୧୭.୦୭୮ ଏକର ଜମି ଅଧିଗ୍ରହଣରେ ଯାଉଛି, ତେଣୁ ଜମିର ଉପଯୁକ୍ତ କ୍ଷତି ପୂରଣ ସମ୍ପୃକ୍ତ ଦଳ ଦ୍ୱାରା ଦିଆଯାଇଥିବା ଆଇନ ଗତ ନିୟମ ଅନୁସାରେ ପ୍ରଭାବିତ ପରିବାରଙ୍କୁ ପ୍ରଦାନ କରାଯିବ ।

### ୬.୨.୨ ଆୟ ଏବଂ ଜୀବିକା ଉପରେ ପ୍ରକଳ୍ପର ପ୍ରଭାବ

ପ୍ରକଳ୍ପ ଦ୍ୱାରା ପ୍ରଭାବିତ ପରିବାର ମାନେମୁଖ୍ୟତଃ ବେସରକାରୀ ସଂସ୍ଥାରେ ଅର୍ଦ୍ଧ କୁଶଳୀ ଶ୍ରମିକ ଭାବରେ କାମ କରନ୍ତି । ଏହି କ୍ଷେତ୍ରରେ ଧାନ ହେଉଛି ପ୍ରଧାନ ଫସଲ ଯାହା ଶୁଦ୍ଧ ରୁପରେ ଉପଯୋଗୀ ଅଟେ । ଅଧିକାଂଶ କ୍ଷେତ୍ର ଅନୁର୍ବର ଭୂମି ଅଟେ । ବଳକା ଜମିକୁ ଚାଷ ଉପଯୋଗୀ କରିବା ପାଇଁ ସରକାର ଦ୍ୱାରା ପ୍ରୟାସ ରହିବା ଜରୁରୀ ଅଟେ ।

ଏକ ହିସାବରେ @୫ ଲକ୍ଷଟଙ୍କା ପ୍ରତିବର୍ଷ ଗ୍ରାମପିଛା X ୧ଗ୍ରାମ X ୨ବର୍ଷ = ୧୦ ଲକ୍ଷ ଟଙ୍କା ଉପ ମୁଖ୍ୟ ଯନ୍ତ୍ରୀ, ନିର୍ମାଣ (୧), ପୂର୍ବତଟ ରେଳପଥ, କୋରାପୁଟ କିମ୍ବା ସେମାନଙ୍କ ଜୀବିକାର ଉନ୍ନତି ପାଇଁ ଏନଜିଓ/ ସିବିଓ ମାନଙ୍କ ନିୟୋଜନ ଏବଂ ଲାଇନ ବିଭାଗ ଦ୍ୱାରା ଆୟୋଜନ କରାଯିବା ଦରକାର ଅଟେ ।

କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ଲାଇନ ବିଭାଗର ସୁଗ୍ରାହ୍ୟ ପାଇଁ ପ୍ରଶାସନିକ ମୂଲ୍ୟ ସଙ୍ଗେସଙ୍ଗେ ସମ୍ବେଦନୀକରଣ, ସଚେତନତା ସୃଷ୍ଟି ଓ ବିଜ୍ଞାନ ଭିତ୍ତିକ କୃଷି କାର୍ଯ୍ୟ ଅଭ୍ୟାସ ନିମନ୍ତେ କ୍ଷମତା ନିର୍ମାଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଭିତ୍ତି ଭୂମିର ପରିଚାଳନା ଏବଂ ପ୍ରଭାବିତ ଗ୍ରାମରେ ଦ୍ୱନ୍ଦ୍ୱ ନିର୍ଦ୍ଧାରଣ @୨ ଲକ୍ଷ ଟଙ୍କାବର୍ଷ ପିଛା X ୧ଗ୍ରାମ X ୨ବର୍ଷ = ୪ ଲକ୍ଷ ଟଙ୍କା ବିନିମୟରେ ହେବା ଉଚିତ ।

### ୬.୨.୩ ଖାଦ୍ୟ ସୁରକ୍ଷା

ସର୍ବେକ୍ଷଣରୁ ଏହା ପ୍ରତି ତ ହୁଏ କି ସମୁଦାୟ ୪୮ ପ୍ରଭାବିତ ଘର ଗୁଡିକରୁ ୪୫ (୯୩.୭୫%) ପରିବାରଙ୍କର ପଡିକାର୍ଡ ଅଛି ଏବଂ ଅଧିକାଂଶ ଲୋକ ଅର୍ଦ୍ଧକୁଶଳୀ ଶ୍ରମିକ ହିସାବରେ ବେସରକାରୀ ସଂସ୍ଥାରେ କାମ କରନ୍ତି । ପ୍ରସ୍ତାବିତ ପ୍ରକଳ୍ପ ପାଇଁ ୧୭.୦୭୮ ଏକର ଘରୋଇ ଜମି ଆବଶ୍ୟକ ହେବ, ସେଥିମଧ୍ୟରୁ ୧୪.୫୬୮ ଏକର କୃଷି ଜମି ଅଟେ । ଯଦି ଆମେ ପୁନର୍ବାର ଘଟଣାର ଅନୁସନ୍ଧାନ କରିବା ପ୍ରକୃତରେ ଘର ପିଛା ବାର୍ଷିକ ହାରାହାରି କ୍ଷତି ଅଧିକ ହେବ । ଏହାଛଡା ପ୍ରକୃତ କ୍ଷତି କୋରାପୁଟ ଜିଲ୍ଲାପାଳଙ୍କ ଦ୍ୱାରା ନିୟୋଜିତ ବିଶେଷଜ୍ଞଙ୍କ ଦ୍ୱାରା ହିସାବ କରାଯିବ ।

### ୬.୨.୪ ନିଜ ସମ୍ପତ୍ତି ଉପରେ ପଡୁଥିବା ପ୍ରଭାବ

**କ. ବାସଗୃହ**

ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ଅଧ୍ୟୟନରୁ ଏହା ମନ୍ତବ୍ୟ ମିଳିଛି ଯେ ମୋଟ ୧୭.୦୭୮ ଚାଷଜମି ଓ ଘରବାରି ଜମି ସହିତ ଘର (ଯେପରିକି ଘର, ଗୋଦାମ, କାର୍ଯ୍ୟାଳୟ, ଦୋକାନ ଇତ୍ୟାଦି) ଆଂଶିକ କିମ୍ବା ସଂପୂର୍ଣ୍ଣ ଭାବରେ ପ୍ରଭାବିତ ହୋଉଛି ଓ କୌଣସି ବି ଘର ଯାହାକି ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ କିମ୍ବା ସ୍ଥାନଚ୍ୟୁତ ହେବେ ନହିଁ ।

**ଖ. ଗଛଗୁଡିକ**

ଏହି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ପରିବାରଙ୍କ ମତାମତ ଅନୁଯାୟୀ ପ୍ରସ୍ତାବିତ ନୂତନ ଓସାରିଆ ରେଳ ପ୍ରକଳ୍ପ ପାଇଁ ପ୍ରକଳ୍ପ ପ୍ରଭାବିତ ଗ୍ରାମଗୁଡିକରୁ ଘରୋଇ ଜମି ଅଧିଗ୍ରହଣ ଦ୍ୱାରା କୌଣସି ଗଛ ପ୍ରଭାବିତ ହେବ ନାହିଁ ।

**ଗ. ଅନ୍ୟାନ୍ୟ**

ଘରୋଇ କୃଷିଜମି ଓ ଘରବାରି ଜମିକୁ ଛାଡିଦେଲେ ଆଉ କୌଣସି ଅସ୍ଥାୟୀ ସମ୍ପତ୍ତି ଏହି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଯାଉନାହିଁ ।

### ୬.୨.୫ ନିଷ୍କାସନ ଏବଂ ପରିମଳ ବ୍ୟବସ୍ଥାର ପରିମାଣ

ପ୍ରଭାବିତ ଗ୍ରାମ ସହିତ ସଡକର ଉଭୟ ପାର୍ଶ୍ୱରେ ଉପଯୁକ୍ତ ନିଷ୍କାସନ ବ୍ୟବସ୍ଥା କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା ଯାହା ଦ୍ୱାରା କି ପାଣି କୌଣସି ସ୍ଥାନରେ ଜମି ନ ରହେ । ଉପଯୁକ୍ତ ନିଷ୍କାସନ ସ୍ୱଚ୍ଛ ପରିବେଶ ପରିଚାଳନା ନିମନ୍ତେ ସାହାଯ୍ୟ କରିବ ।

ଖୋଲାରେ ଶୌଚ କରିବା ଏହି ଅଞ୍ଚଳର ସାଧାରଣ ଅଭ୍ୟାସ ଅଟେ । ଖୋଲାରେ ଶୌଚ ଜଳ ପ୍ରଦୂଷଣ କରିବା ସହ ଅନେକ ରୋଗ ମଧ୍ୟ ସୃଷ୍ଟି କରେ । ଆରମ୍ଭରେ ସ୍ୱାସ୍ଥ୍ୟକର ପାଇଖାନା ତିଆରି କରି ତାହାର ଉପଯୁକ୍ତ ଭାବରେ ବ୍ୟବହାର କରିବାକୁ ଲୋକମାନଙ୍କୁ ପ୍ରରୋଚିତ କରିବା ଉଚିତ । ସାମାଜିକ ପରିଚାଳନା ଦଳ ଏହାର ପ୍ରଚାର ଆରମ୍ଭ କରିବା ସହ ସ୍ୱଚ୍ଛଭାରତ ମିଶନ ଅଧିନରେ ପ୍ରତ୍ୟେକଙ୍କ ଘରେ ପାଇଖାନାର ସଂସ୍ଥାପନ ପାଇଁ ଚେଷ୍ଟା କରନ୍ତି ।

**୬.୨.୬ ପାନୀୟ ଜଳର ଉତ୍ସର ପରିମାଣ**

ଅନୁଧ୍ୟାନ ପରେ ଜଣାପଡିଲାଯେ ଗ୍ରାମର ଲୋକମାନେ ୧୨ଟି ନଳକୂପ ଏବଂ ପାଇପ ଦ୍ଵାରା ଜଳଯୋଗାଣରୁ ପାନୀୟ ଜଳ ପାଆନ୍ତି ।

**୬.୨.୭ ଗାଇଗୋରୁ ମାନଙ୍କ ନିମନ୍ତେ ଜଳ**

ଗାଇଗୋରୁମାନେ ଚରିବା ସମୟରେ ପାଣି ପାଇଁ ୬ ଟି ପୋଖରୀ ଉପରେ ନିର୍ଭର କରନ୍ତି ଏବଂ ଲୋକମାନେ ମଧ୍ୟ ଗୁହାଳରେ ସେମାନଙ୍କ ଗାଇଗୋରୁ ମାନଙ୍କ ପାଇଁ ଅନ୍ୟ ପାନୀୟ ଜଳକୁ ବ୍ୟବହାର କରନ୍ତି ।

**୬.୨.୮ ସର୍ବସାଧାରଣଙ୍କ ନିମନ୍ତେ ପୋଖରୀ**

ଏହା ମନ୍ତବ୍ୟକ୍ତ ହୋଇଥିଲା କି ପ୍ରଭାବିତ ଗ୍ରାମର ଲୋକମାନେ ଦୈନନ୍ଦିନ କାର୍ଯ୍ୟ ପାଇଁ ସିଧାସଳଖ ଭାବେ ୬ଟି ପୋଖରୀ ଉପରେ ନିର୍ଭର କରନ୍ତି, ସେଥିମଧ୍ୟରୁ କିଛି ଗ୍ରୀଷ୍ମ ଦିନରେ ଶୁଖିଯାଏ । ଏହି ସମସ୍ୟାର ପ୍ରତିକୂଳ ସ୍ଥିତିର ଦୂରୀକରଣ ପାଇଁ ଅତି କମରେ ୪ଗୋଟି ପୋଖରୀର ପୁନରୁଦ୍ଧାର ନିମନ୍ତେ @୧,୦୦,୦୦୦.୦୦ X ୪ = ୪,୦୦,୦୦୦.୦୦ ଟଙ୍କା ଆବଶ୍ୟକ ।

**୬.୨.୯ ଗୋଚର ଜମିର ପରିମାଣ**

ଏହା ଜଣା ପଡିଥିଲା କି ଗାଇଗୋରୁମାନେ ଉଭୟ ଗ୍ରାମ ଦ୍ଵାରା ପରିବେଷ୍ଟିତ ହୋଇଥିବା ଉଭୟ ଗୋଚର ଜମି ଏବଂ ଆରକ୍ଷଣ ଜଙ୍ଗଲ ଜମିକୁ ବ୍ୟବହାର କରନ୍ତି । ଏହାଛଡା ଉପଯୁକ୍ତ ଯୋଜନା ଅଧିନରେ କୃଷି ଜମି ସହ ଘରବାରି ଜମିରେ ଚାରା ଘାସ ବଢାଇବା ପାଇଁ ପ୍ରସ୍ତାବିତ ହୋଇଛି ।

**୬.୨.୧୦ ବନୀକରଣ**

ଏହା ଛଡା ପ୍ରଭାବିତ ଅଞ୍ଚଳରେ ବୃକ୍ଷ ରୋପଣ କରି ସବୁଜ ବଳୟ ବଢାଇବା ଏବଂ ପରିବେଶ ଉପରେ ପଡୁଥିବା ପ୍ରତିକୂଳ ପ୍ରଭାବକୁ ପ୍ରଶମନ କରିବାକୁ ନିମ୍ନରେ ଦିଆଯାଇଛି।

ବୃକ୍ଷରୋପଣ (୩ ବର୍ଷପାଇଁ ବାଡ ଦେବା ଏବଂ ରକ୍ଷଣାବେକ୍ଷଣ ସହିତ) @ ୧୫୦.୦୦ ଟଙ୍କା ପ୍ରତି ଗଛ X ୨୦୦୦ = ୩,୦୦,୦୦୦.୦୦ ଟଙ୍କା ।

**୬.୨.୧୧ ସର୍ବସାଧାରଣଙ୍କ ଅନ୍ୟାନ୍ୟ ଉପଯୋଗୀ ବସ୍ତୁ**

ଏହି ପ୍ରକଳ୍ପ ଦ୍ଵାରା ଗ୍ରାମର ଅନ୍ୟ କୌଣସି ସର୍ବସାଧାରଣଙ୍କ ଉପଯୋଗୀ ବସ୍ତୁ ପ୍ରସ୍ତାବିତ ହେଉ ନାହିଁ ।

**୬.୨.୧୨ ପ୍ରକଳ୍ପର ବିଭିନ୍ନ ପର୍ଯ୍ୟାୟ ସମୟରେ ତାହାର ପ୍ରଭାବ ଗୁଡିକ**

**୬.୨.୧୨.୧ ନିର୍ମାଣ ପର୍ଯ୍ୟାୟ ପୂର୍ବରୁ ପ୍ରକଳ୍ପର ପ୍ରଭାବ ଗୁଡିକ**

ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ଅଧ୍ୟୟନରେ ନିଆଯାଇଥିବା ଲୋକମତ ଅନୁସାରେ ପ୍ରସ୍ତାବିତ ପ୍ରକଳ୍ପର ନିର୍ମାଣ ପୂର୍ବରୁ ପ୍ରକଳ୍ପ ପ୍ରଭାବିତ ଲୋକଙ୍କୁ କେବଳ ସେମାନଙ୍କ ଜମି ସହିତ ଥିବା ତାଙ୍କର ଆବେଗ ହିଁ ବିକ୍ଷୁବ୍ଧ କରେ ନଚେତ ଆଉ କୌଣସି ପ୍ରଭାବ ସେମାନଙ୍କୁ ବ୍ୟାଘାତ କରିବ ନାହିଁ ଏବଂ ପ୍ରସ୍ତାବିତ ପ୍ରକଳ୍ପ ପାଇଁ ସେମାନଙ୍କର ଭାବନା ସକାରାତ୍ମକ ବୋଲି ପ୍ରାଥମିକ ସ୍ତରରୁ ଜଣାପଡିଥିଲା ।

**୬.୨.୧୨.୨ ପ୍ରକଳ୍ପ ନିର୍ମାଣ ସମୟରେ ପ୍ରଭାବ ଗୁଡିକ**

ପ୍ରକଳ୍ପର ନିର୍ମାଣ ସମୟରେ ଏହା ସହ ସଂଯୁକ୍ତ ରାସ୍ତାର ପରିସ୍ଥିତିରେ ସାମାନ୍ୟ ପ୍ରଭାବ ପଡିପାରେ, ଯେପରିକି ଖଣିଜ ପଦାର୍ଥ ପରିବହନ କରୁଥିବା ଯାନ ଦ୍ଵାରା ଟ୍ରାଫିକ ଭିଡ ଓ ଗହଳି, ଏବଂ ଖନନକାରି ଯାନ ଓ ଟ୍ରାକ୍ଟରର ଚଳାଚଳ ପାଇଁ ଏବଂ ଧୂଳି ସମସ୍ୟା ।

**୬.୨.୧୨.୩ ନିର୍ମାଣ ଶ୍ରମିକମାନଙ୍କ ସମାଗମ ଉପରେ ପ୍ରଭାବ**

ଯେହେତୁ ପ୍ରସ୍ତାବିତ ପ୍ରକଳ୍ପଟି କ୍ଷୁଦ୍ର ଶ୍ରେଣୀର ଅଟେ ତେଣୁ ବିଶେଷଭାବରେ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମୟରେ ପ୍ରବାସୀ ଶ୍ରମିକମାନଙ୍କ ଏବଂ ଅନ୍ୟାନ୍ୟ ବ୍ୟବସାୟୀମାନଙ୍କର ସମାଗମ ହେବାର ସମ୍ଭାବନା ଅଛି ।

**୬.୨.୧୨.୪ ପ୍ରକଳ୍ପର କାର୍ଯ୍ୟକାରୀ ବେଳେ ପ୍ରଭାବ**

ଥରେ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ହେଲେ ଯିବାଆସିବା ଏବଂ ବ୍ୟବସାୟକୁ ସରଳ କରିବାକୁ ଯୋଗାଯୋଗ ଓ ପରିବହନ ପାଇଁ ଦୁର୍ଘଟଣାକୁ ଏଡେଇବା ପାଇଁ ସଡକ ସୁରକ୍ଷା ଉପାୟ ଉପରେ କଟକଣା ଲଗାଯାଇଥାଏ ।

| କ୍ର. ସଂ. | ପ୍ରଭାବ ଗୁଡିକ | ସୂଚନାତ୍ମକ ଉପଶମ ଉପାୟ ଗୁଡିକ |
|---|---|---|
| ୧ | ଘରୋଇ ଜମି ଉପରେ ପ୍ରଭାବ | ଜମି ଅଧିଗ୍ରହଣ ୨୦୧୩ ନିୟମ ଏବଂ ଓ.ଆର.ଏଫ.ସି.ଟି.ଏଲ.ଏ ଆର ଆଣ୍ଡ ଆର ୨୦୧୬ ନିୟମ ଏବଂ ହିତାଧିକାରୀ ଆଧାରରେ ହେବା ଉଚିତ । |
| ୨ | ଆୟ ଓ ଜୀବିକା ଉପରେ ପ୍ରଭାବ | ଦକ୍ଷତା ପାହ୍ୟା ବୃଦ୍ଧି ଦ୍ୱାରା ଅନ୍ୟାନ୍ୟ ଆତ୍ମନିଯୁକ୍ତି ସୁଯୋଗ ଯୋଗାଡ କରାଯାଇପାରେ । |
| ୩ | ସାଧାରଣ ସମ୍ପତ୍ତିର କ୍ଷତି | ପ୍ରକଳ୍ପ ହେତୁ ପ୍ରଭାବିତ ହେଉଥିବା ସମସ୍ତ ସର୍ବସାଧାରଣ ସମ୍ପତ୍ତି ନିର୍ମାଣ କାର୍ଯ୍ୟ ପୂର୍ବରୁ ସମ୍ପୃକ୍ତ ଗୋଷ୍ଠିର ପୂର୍ବ ଅନୁମୋଦନ ଅନ୍ୟସ୍ଥାନରେ ହେବା ଉଚିତ । |
| ୪ | ଦୁର୍ବଳ ଗୋଷ୍ଠି ଉପରେ ପ୍ରଭାବ | ବିଚାର ଯୋଗ୍ୟ କ୍ଷତି ପୂରଣ ବ୍ୟତିତ ସେମାନେ କାର୍ଯ୍ୟ ଏବଂ ଦକ୍ଷତା ଗଠନର ସୁଯୋଗ ଦିଅନ୍ତି ଅଧିକ ରୋଜଗାର ନିମନ୍ତେ ଏଥିପାଇଁ ନିମ୍ନରେ କିଛି ପ୍ରସ୍ତାବ ଦିଆଯାଇଛି;<br>(କ) ଦୁର୍ବଳ ଗୋଷ୍ଠି ବିଶେଷ କରି ୩୦ ବର୍ଷରୁ ଉର୍ଦ୍ଧ ଅବିବାହିତ ଝିଅ, ବିଧବା ଏବଂ ଶାରୀରିକ ଅକ୍ଷମ ବ୍ୟକ୍ତିମାନଙ୍କୁ ସଘନ ଚାଷ ଉପରେ ତାଲିମ ଦେବା ଉଚିତ ଯାହାକି ଜମିହରାଇବାର ଦାବିକୁ ଦୂର କରିପାରିବ ।<br>(ଖ) ଆର୍ଥିକ ଦୃଷ୍ଟିରୁ ଅସୁବିଧାରେ ଥିବା ସାମାଜିକ ଦଳ ଯଥା ଏସ.ସି ଏବଂ ଏସ.ଟି ପରିବାରଙ୍କୁ ପ୍ରକଳ୍ପ ନିର୍ମାଣ ସମୟରେ କାମର ସୁଯୋଗ ଦେବାକୁ ଅଗ୍ରାଧିକାର ଦିଆଯାଇପାରେ । |
| ୫ | ଜଳଜମି ରହୁଥିବା ଅଞ୍ଚଳ | ବର୍ଷା ସମୟରେ ରାସ୍ତା ସହିତ ଗ୍ରାମଗୁଡିକରୁ ବର୍ଷାଜଳ ନିଷ୍କାସନ ପାଇଁ ଉପଯୁକ୍ତ ବ୍ୟବସ୍ଥାମାନ ଗ୍ରହଣ କରାଯିବ । |
| ୬ | ଗଛ ଗୁଡିକର କ୍ଷତି | ପରିବେଶ ଉପରେ ନକାରାତ୍ମକ ପ୍ରଭାବକୁ କମାଇବା ପାଇଁ ସ୍ଥାନୀୟ ଅଞ୍ଚଳରେ ଥିବା ଅବ୍ୟବହୃତ ସରକାରୀ ଜମିରେ ସାମାଜିକ ବନୀକରଣ ଏବଂ କ୍ଷତିପୂରକ ବନୀକରଣର ଦାୟିତ୍ୱ ନିଆଯାଇପାରେ । ଉପଯୁକ୍ତ କ୍ଷତିପୂରଣ ବ୍ୟତିତ ଗଛ ହରାଇଥିବା ପରିବାର ମାନଙ୍କୁ ସବସିଡାଇଜ ମୂଲ୍ୟ ସଙ୍ଗେସଙ୍ଗେ ଭରଣ ପୋଷଣ ମୂଲ୍ୟ କିଛି ପ୍ରାରମ୍ଭିକ ବର୍ଷ ପାଇଁ ପ୍ରଦାନ କରାଯାଇପାରେ । |

*ଉତ୍ସ: ସର୍ବେକ୍ଷଣ ତଥ୍ୟ*

## ୬.୩ ଅନୁଷ୍ଠାନିକ ଯୋଗାଡ

ପ୍ରଶାସକ ଉନ୍ନତି ମୂଳକ ପ୍ରକଳ୍ପର ଥଇଥାନ ଏବଂ ପୁନର୍ବାସ ନିୟମର ଦେଖାଶୁଣା ନିମନ୍ତେ ପ୍ରତ୍ୟେକ ଜିଲ୍ଲାରେ ଥଇଥାନ ଏବଂ ପୁନର୍ବାସ ନିୟମକୁ ନିୟୋଜିତ କରିଛନ୍ତି । ଆର ଆଣ୍ଡ ଡି ଏମ ବିଭାଗ ଅନୁସାରେ ଅଧିସୂଚନା RDM-LAB-KPT-0011-2023-31169/R&DM, ତା୨୯/୦୮/୨୦୨୩ରିଖ, ଜିଲ୍ଲାରେ କାର୍ଯ୍ୟରତ ଉପଜିଲ୍ଲାପାଳ ପ୍ରଶାସକଙ୍କୁ କର୍ତ୍ତବ୍ୟ ନ୍ୟସ୍ତ କରନ୍ତି, ପ୍ରକଳ୍ପର ସମସ୍ତ ଥଇଥାନ ଏବଂ ପୁନର୍ବାସ ନିୟମ ସେମାନଙ୍କ ଆଇନଗତ ଅଧିକାରିତା ଅଞ୍ଚଳରେ ଦେଖାଯାଏ ।

ଅଧିକନ୍ତୁ, ସାମାଜିକ ପ୍ରଭାବ ପରିଚାଳନା ଯୋଜନାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଅତିକମରେ ୪ ବର୍ଷ ପାଇଁ ଏକ ସାମାଜିକ ପରିଚାଳନା ଦଳକୁ ନିୟୋଜିତ କରିବାକୁ ଯୋଜନା ପ୍ରସ୍ତୁତ କରାଯାଇଛି । ସାମାଜିକ ପରିଚାଳନା ଦଳର ଦରମା ଏବଂ ଅପ୍ରତ୍ୟାଶିତ ଖର୍ଚ୍ଚସାମାଜିକ ପ୍ରଭାବ ପରିଚାଳନା ଯୋଜନା ବଜେଟରେ ଅନ୍ତର୍ଭୁକ୍ତ ଅଟେ ।

ଯେତେବେଳେ ପ୍ରଶାସକ ଥଇଥାନ ଏବଂ ପୁନର୍ବାସ ଯୋଜନାର ପ୍ରସ୍ତୁତି ଏବଂ ସାମାଜିକ ପ୍ରଭାବ ପରିଚାଳନା ଯୋଜନାର ତଦାରଖ ଓ ସମସ୍ତ ନିୟନ୍ତ୍ରଣର ଦାୟିତ୍ୱ ନିଅନ୍ତି ସେତେବେଳେ ପ୍ରକୃତ କାର୍ଯ୍ୟକାରିତା ସାମାଜିକ ପରିଚାଳନା ଦଳ ଦ୍ୱାରା ନିଆଯାଇଥାଏ । ଦଳର କର୍ମଚାରୀ ଗଢଣ ନିମ୍ନରେ ଦିଆଯାଇଛି ।

| ପଦବୀ | ନଂ | ଶିକ୍ଷା | ଅଭିଜ୍ଞତା | ଦରମାସଂରଚନା |
|---|---|---|---|---|
| କାର୍ଯ୍ୟକ୍ରମ ପରିଚାଳକ | ୧ | ଏମ.ଏସ. ଡବ୍ଲ୍ୟୁ | ଗ୍ରାମସ୍ତରରେ ବିକାଶ ମୂଳକ କାର୍ଯ୍ୟର ପରିଚାଳନାରେ ୧୦ବର୍ଷ | ୩୦,୦୦୦/ଟଙ୍କା ମାସକୁ |
| କୃଷି ବିଶେଷଜ୍ଞ | ୧ | ସ୍ନାତକ ବିଜ୍ଞାନ କୃଷିବିଭାଗ | ଗ୍ରାମରେ କୃଷି ସମ୍ବନ୍ଧିତ ବିକାଶ କାର୍ଯ୍ୟକ୍ରମର ପରିଚାଳନା ରେ୨ବର୍ଷ | ୩୦,୦୦୦/ଟଙ୍କାମାସକୁ |

| | | | | |
|---|---|---|---|---|
| କାର୍ଯ୍ୟାଳୟ ପରିଚାଳକ ତଥା ହିସାବ ରକ୍ଷକ | ୧ | ସ୍ନାତକ ବାଣିଜ୍ୟ, କମ୍ପ୍ୟୁଟର ଚାଳନାରେ ଦକ୍ଷତା , ଟାଲି | କାର୍ଯ୍ୟାଳୟ ପରିଚାଳନା, ସ୍ଥାନୀୟ ଯୁବକଙ୍କୁ ଅଗ୍ରାଧିକାର କ୍ଷେତ୍ରରେ ୫ ବର୍ଷ | ୧୫,୦୦୦/ଟଙ୍କାମାସକୁ |
| ଗୋଷ୍ଠି ସଂଗଠକ | ୩ | ମାଟ୍ରିକୁଲେସନ | ସ୍ଥାନୀୟଯୁବକ | ୧୦,୦୦୦/ଟଙ୍କାମାସକୁ |

| **ସମ୍ପୃକ୍ତ ଅଧିକାରୀ ଏବଂ ପ୍ରତିନିଧିଙ୍କର କାର୍ଯ୍ୟ ଏବଂ ଦାୟିତ୍ୱ ଗୁଡିକ** | |
|---|---|
| **କାର୍ଯ୍ୟକଳାପ** | **ଅଧିକାରୀ / ପ୍ରତିନିଧି** |
| ସାମାଜିକ ପ୍ରଭାବ ମୁଲ୍ୟାଙ୍କନ ଅଧ୍ୟୟନ ଏବଂ ଡ୍ରାଫ୍ଟ ରିପୋଟ ପ୍ରସ୍ତୁତି | ପରିଚାଳକ ପ୍ରତିନିଧି : ଜି.ଆର.ସି.ଏସ. ପ୍ରାଇଭେଟ. ଲିମିଟେଡ<br>ଯୋଗାଯୋଗ କେନ୍ଦ୍ର : ଏ.ଡି.ଏମ, କୋରାପୁଟ<br>ସମନ୍ୱୟ ଅଧିକାରୀ :ଏନ.ସି.ଡି.ଏସ, ଭୁବନେଶ୍ୱର |
| ଜନଶୁଣାଣୀ | ଜିଲ୍ଲା ପ୍ରଶାସନ (ଏଲ.ଏ.ଓ ଏବଂ ଆର ଆଣ୍ଡ ଆର ପ୍ରଶାସକ) |
| ସାମାଜିକ ପ୍ରଭାବ ମୁଲ୍ୟାଙ୍କନ ରିପୋର୍ଟର ସମାପ୍ତି | ଜି.ଆର.ସି.ଏସ. ପ୍ରାଇଭେଟ ଲିମିଟେଡ ଏବଂ ଏନ.ସି.ଡି.ଏସ |
| ଗୋଟିଏ ବିଶେଷଜ୍ଞ ଦଳ ଦ୍ୱାରା ସାମାଜିକ ପ୍ରଭାବ ମୁଲ୍ୟାଙ୍କନ ରିପୋର୍ଟର ମୂଲ୍ୟ ନିରୂପଣ | ଜିଲ୍ଲା ପ୍ରଶାସନ ଦ୍ୱାରା ଗଠିତ ବିଶେଷଜ୍ଞ ଦଳ |
| ଜମି ରେକର୍ଡର ଅଦ୍ୟତନ, ହକର ପୁନଃ ପ୍ରତିଷ୍ଠା ଏବଂ ଉପଯୁକ୍ତ ବ୍ୟବସ୍ଥା | ଜିଲ୍ଲା ପ୍ରଶାସନ (ତହସିଲଦାର ଏବଂ ଉପନିବନ୍ଧକ) |
| ଗ୍ରାମସଭା ସହିତ ପରାମର୍ଶ କରି ସମ୍ମତି ହାସଲ | ଜିଲ୍ଲା ପ୍ରଶାସନ (ତହସିଲଦାର ଏବଂ ଏଲ.ଏ.ଓ) |
| ଧାରା ୧୧ ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାଥମିକ ସୂଚନାର ପ୍ରସାରଣ | ଆର ଆଣ୍ଡ ଡି.ଏମ ବିଭାଗ, ରାଜ୍ୟ ସରକାର |
| ଜମି ଅଧିଗ୍ରହଣର ପ୍ରସ୍ତୁତି | ଜିଲ୍ଲା ପ୍ରଶାସନ (ଏଲ.ଏ.ଓ) |
| ଆର ଆଣ୍ଡ ଆର ଯୋଜନାର ଖସଡା ପ୍ରସ୍ତୁତି | ଜିଲ୍ଲା ପ୍ରଶାସନ (ଆର ଆଣ୍ଡ ଆର ପ୍ରଶାସକ) |
| ଆର ଆଣ୍ଡ ଆର ଯୋଜନାର ଖସଡା ଉପରେ ଜନ ଶୁଣାଣୀ | ଜିଲ୍ଲା ପ୍ରଶାସନ (ଆର ଆଣ୍ଡ ଆର ପ୍ରଶାସକ) |
| ଆର ଆଣ୍ଡ ଆର ଯୋଜନାର ପରି ସମାପ୍ତି | ଜିଲ୍ଲା ପ୍ରଶାସନ (ଆର ଆଣ୍ଡ ଆର ପ୍ରଶାସକ) |
| ଧାରା ୧୯ ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ହୋଇଥିବା ଘୋଷଣାର ପ୍ରସାରଣ | ଆର ଆଣ୍ଡ ଡି.ଏମ ବିଭାଗ, ରାଜ୍ୟ ସରକାର |
| ଆର ଆଣ୍ଡ ଆର ପୁରସ୍କାର ରାଶି ଗୃହିତ ହେବା ଏବଂ ଆର ଆଣ୍ଡ ଆର ହିତାଧିକାରିଙ୍କୁ ଅର୍ଥ ରାଶି ପ୍ରଦାନକରିବା | ଜିଲ୍ଲାପାଳ ଏବଂ ଏଲ.ଏ.ଓ |
| ଜମି ଅଧିଗ୍ରହଣ ପୁରସ୍କାର ରାଶି ଗୃହିତ ହେବା ଏବଂ କ୍ଷତିପୂରଣ ଅର୍ଥରାଶି ପ୍ରଦାନ କରିବା | ଜିଲ୍ଲା ପ୍ରଶାସକ ଏବଂ ଜିଲ୍ଲାପାଳ, ଆର ଆଣ୍ଡ ଆର |
| ଧାରା ୩୮ ଅନୁଯାୟୀ ଦଖଲ ଜମିର ଅଧିଗ୍ରହଣ | ଜିଲ୍ଲାପାଳ ଏବଂ ଏଲ.ଏ.ଓ |
| ସାମାଜିକ ପରିଚାଳନା ଦଳର ନିଯୁକ୍ତି | ଉପ ମୁଖ୍ୟ ଯନ୍ତ୍ରୀ, ନିର୍ମାଣ (1), ପୂର୍ବତଟ ରେଳପଥ, କୋରାପୁଟ |
| ସାମାଜିକ ପ୍ରଭାବ ପରିଚାଳନା ଯୋଜନାର କାର୍ଯ୍ୟକାରିତା | ସାମାଜିକ ପରିଚାଳନା ଦଳ ଓ କର୍ତ୍ତୃପକ୍ଷ |

### ୬.୪ ପ୍ରକଳ୍ପ ପ୍ରଭାବିତ ପରିବାରଙ୍କ ହକଦାର ଜନିତ ଫାଇଦା (କ୍ଷତିପୂରଣ, ଥଇଥାନ ଏବଂ ପୁନର୍ବାସ )

"ନ୍ୟାୟୋଚିତ କ୍ଷତିପୂରଣ ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଏବଂ ପୁନର୍ବାସ ନିୟମ,୨୦୧୩" (RFCTLARR Act, 2013) ଅନୁଯାୟୀ ଏସ.ଆଇ.ଏ ଅଧ୍ୟୟନର ଏକ ଅଂଶ ଭାବରେ ହିତାଧିକାରୀ କ୍ଷମତା ବିକାଶ କରାଯାଇଛି । ହିତାଧିକାରୀ କ୍ଷମତା ହିତାଧିକାରୀଙ୍କ ପରିସର, ଅନୁରୂପ ପ୍ରକୃତି ଏବଂ କ୍ଷତିର ପ୍ରକାରର ବିବରଣୀ ପ୍ରଦାନ କରେ । ପ୍ରକଳ୍ପ ପ୍ରଭାବିତ ଲୋକମାନେ ଯିଏକି ଆଇନ ଅନୁଯାୟୀ ଘର ଓ ଜମିର ହକଦାର ନୁହଁନ୍ତି ଯଦି ସେମାନେ ଜନଗଣନା ଅନୁସାରେ ଗଣିତ ହୋଇଥିବେ ତେବେ ସେମାନେ ଥଇଥାନ ଏବଂ ପୁନର୍ବାସ ନିମନ୍ତେ ମଧ୍ୟ ଯୋଗ୍ୟ ହୋଇପାରିବେ । ତେଣୁ ଜନଗଣନାର ଶେଷଦିନ ଶେଷ ତାରିଖ ହେବା ଉଚିତ, ଏହି ଦିନ ପ୍ରଭାବିତ ସମସ୍ତ ଲୋକ ଚିହ୍ନଟ ହୁଅନ୍ତି ଏବଂ ପ୍ରଭାବର ପ୍ରକୃତି ପ୍ରକାଶ କରାଯାଏ । ପ୍ରକଳ୍ପ ପ୍ରଭାବିତ ଅଞ୍ଚଳରେ ବସବାସ କରୁଥିବା

ପ୍ରଭାବିତ ଲୋକମାନେ ଗଣନାର ଶେଷ ତାରିଖ ପରେ କ୍ଷତିପୂରଣ ଏବଂ ଅନ୍ୟ ସହାୟତା ପାଇଁ ଯୋଗ୍ୟ ବିବେଚିତ ହୁଅନ୍ତି ନାହିଁ। ନିମ୍ନରେ ଦିଆଯାଇଥିବା ସାରଣୀରେ ପ୍ରଭାବିତ ପରିବାରଙ୍କ ଅଧିକାର ଭୁକ୍ତ ଫାଇଦା ଦିଆଯାଇଛି ଏବଂ ପ୍ରକଳ୍ପ ପ୍ରଭାବିତ ଲୋକଙ୍କ ତାଲିକା ହୋଇଛି ।

**ଉପ-ଧାରା ୩(ଗ) ଅନୁଯାୟୀ ପ୍ରଭାବିତ ପରିବାରର ସଜ୍ଞା:**
୧) ପ୍ରଭାବିତ ଗ୍ରାମରୁ ୪୮ ସଂଖ୍ୟକ ପରିବାରଙ୍କ ଜମି ଏବଂ ଅସ୍ଥାୟୀ ସମ୍ପତ୍ତିକୁ ଅଧିଗ୍ରହଣ ରେ ନିଆଯାଇଛି ;

**ଜମି କ୍ଷତି (ଚାଷ/ ଘରବାରି/ବ୍ୟବସାୟିକ କିମ୍ବା ଅନ୍ୟ) ପାଇଁ କ୍ଷତିପୂରଣ ନିର୍ଦ୍ଧାରଣ**

**(କ) ଜମିର ବଜାର ଦର**

**ବଜାର ଦର ଆକଳନ -** (I) - ଅଧିନିୟମର ଧାରା ୨୬(୧) ଅନୁଯାୟୀ ଇଣ୍ଡିଆନ ଷ୍ଟାମ୍ପ ଆକ୍ଟ ଅନ୍ତର୍ଗତ ହୋଇଥିବା କବଲାରେ ଅଫିସିଆଲ ସିଲ ଷ୍ଟାଟିଷ୍ଟିକ୍ସରେ ଉଲ୍ଲିଖିତ ସେହି ଅଞ୍ଚଳରେ କିମ୍ବା ନିକଟସ୍ଥ ଗ୍ରାମରେ ବିକ୍ରି ହୋଇଥିବା ଜମି ଦାମ ଅଥବା ଅନୁମୋଦିତ ମୂଲ୍ୟବିନ୍ଦୁ ମୂଲ୍ୟ (BVM) ଅନୁଯାୟୀ ବଜାର ଦର; ଦୁଇଟି ମଧ୍ଯରୁ ଯେଉଟି ଅଧିକ । (II) ଗତ ୩ ବର୍ଷ ମଧ୍ୟରେ ସେଠାରେ ବିକ୍ରି ହୋଇଥିବା ୫୦% ସମରୂପ ଜମିର ସର୍ବାଧିକ ବିକ୍ରି ମୂଲ୍ୟର ହାରାହାରି । (ଏହି ଦୁଇଟି ପ୍ରକ୍ରିୟା ମଧ୍ଯରୁ ଯେଉଟି ଅଧିକ ତାହାକୁ ବିଚାରକୁ ନିଆଯିବ) ।

**ବଜାର ଦର ଆକଳନ ନିମନ୍ତେ ତାରିଖ-** ବଜାର ଦର ନିର୍ଧାରଣ ତାରିଖ: ଅଧିନିୟମ ଅନୁଯାୟୀ ଯେଉଁଦିନ ବିଭାଗ ୧୧ (୧) ଅନ୍ତର୍ଗତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶିତ ହେବ, ସେହି ତାରିଖକୁ ବଜାର ଦର ନିର୍ଦ୍ଧାରଣ ତାରିଖ ଭାବେ ଗ୍ରହଣ କରାଯିବ ।

**(ଖ) ବଜାର ଦର ଗୁଣନୀୟକ:**

ସହରାଞ୍ଚଳ ପାଇଁ ଏହା ୧ ଏବଂ ଗ୍ରାମାଞ୍ଚଳ ପାଇଁ ଏହା ସହରଠାରୁ ଦୁରତ୍ୱକୁ ବିଚାରକୁ ନେଇ ଏହା ୧.୦୦ ରୁ ୨.୦୦ କୁ ବୃଦ୍ଧି ପାଇବ ।

**ଦ୍ରଷ୍ଟବ୍ୟ ସାରଣୀ: ସହରଠାରୁ ଦୁରତ୍ୱ ଯେତେ ଅଧିକ ହେବ କ୍ଷତିପୂରଣ ସେତେ ପରିମାଣରେ ଗୁଣିତ ହେବ ।**

| କ୍ର. ସଂ. | ସହର ଠାରୁ ଅର୍ଦ୍ଧବ୍ୟାସ ଦୁରତ୍ୱ (କି. ମି.) | ଗୁଣନୀୟକ |
|---|---|---|
| ୧ | ୦-୧୦ | ୧.୦୦ |
| ୨ | ୧୧-୨୦ | ୧.୨୦ |
| ୩ | ୨୧-୩୦ | ୧.୪୦ |
| ୪ | ୩୧-୪୦ | ୧.୮୦ |
| ୫ | ୪୦ ରୁ ଅଧିକ | ୨.୦୦ |
| *ଉତ୍ସ: RFCTLARR ଆକ୍ଟ ୨୦୧୩* | | |

**(ଗ) ଜମି କିମ୍ବା କୋଠା ସହ ସଂଲଗ୍ନ ସମ୍ପତ୍ତିର ମୂଲ୍ୟ**

ଧାରା ୨୯ ଅନୁଯାୟୀ ଜିଲ୍ଲାପାଳ ଜମି କିମ୍ବା କୋଠା ସଂଲଗ୍ନ ସମ୍ପତ୍ତିର ମୂଲ୍ୟ ଆକଳନ ପାଇଁ (ଏହି ସବୁ କାର୍ଯ୍ୟପାଇଁ) ଜଣେ ଉପଯୁକ୍ତ ଯନ୍ତ୍ରୀ କିମ୍ବା ଅନ୍ୟ କୌଣସି ଉପଦେଷ୍ଟାଙ୍କ ସହାୟତା ନେଇପାରନ୍ତି । ବୃକ୍ଷ ଓ ଉଦ୍ଭିଦମାନଙ୍କ ପାଇଁ କୃଷି, ଜଙ୍ଗଲ, ଉଦ୍ୟାନ, ଉଦ୍ୟାନ କୃଷି କିମ୍ବା ଅନ୍ୟ କୌଣସି କ୍ଷେତ୍ରର ଅଭିଜ୍ଞତା ସେ ଆବଶ୍ୟକ ବୋଲି ବିବେଚନା କରନ୍ତି ।

**(ଘ) ୧୦୦% କ୍ଷତିପୂର୍ତ୍ତୀ: (ସୋଲାସିୟମ)**

ଧାରା ୩୦ ଅନୁଯାୟୀ ଜିଲ୍ଲାପାଳ ସହରାଞ୍ଚଳଠାରୁ ୧ରୁ ୨ ସ୍କେଲ ସ୍ଲାବରେ ପ୍ରକଳ୍ପର ଦୂରତା ଆଧାରରେ କାରକଦ୍ୱାରା ଗୁଣିତ ବଜାର ଦର ଅନୁସାରେ ଜମିର ଧାର୍ଯ୍ୟ ମୂଲ୍ୟର ୧୦୦% ସୋଲାସିୟମ ହିସାବରେ କ୍ଷତିପୂରଣ ପ୍ରଦାନ କରିବେ ।

**(ଙ) ଅତିରିକ୍ତ ୧୨% ସୁଧ:**

ଧାରା ୩୦(୩) ଅନୁଯାୟୀ ଜିଲ୍ଲାପାଳ ଜମିର ଧାର୍ଯ୍ୟ ମୂଲ୍ୟ ଉପରେ ବାର୍ଷିକ ୧୨% ଅତିରିକ୍ତ ମୂଲ୍ୟ ହିସାବ କରି ଦେବେ ।

**(ଚ) ଅତିରିକ୍ତ ୧୨% ସୁଧ ହିସାବର ତାରିଖ**

ଧାରା ୪ର ଉପ-ଧାରା(୨) ଅନୁଯାୟୀ ସାମାଜିକ ପ୍ରଭାବ ଅଧ୍ୟୟନ ପାଇଁ ଅଧିସୂଚନା ପ୍ରକାଶନ ତାରିଖ ଠାରୁ ଅଧିନିର୍ଣ୍ଣୟ ତାରିଖ ପର୍ଯ୍ୟନ୍ତ କିମ୍ବା ଦାଖଲ ନେବା ତାରିଖ ପର୍ଯ୍ୟନ୍ତ; ଯେଉଁଟି ବି ପ୍ରଥମେ ପଡିବ, ସେ ପର୍ଯ୍ୟନ୍ତ ଅତିରିକ୍ତ ୧୨% ସୁଧ ହିସାବ ହେବ ।

**ଅଧିନିର୍ଣ୍ଣୟ ନିର୍ଦ୍ଧାରଣ ପାଇଁ ପ୍ରାଚଳ (ପାରାମିଟର)**

ପ୍ରଥମ: ଧାରା ୨୬ ଅନୁଯାୟୀ ସ୍ଥିରୀକୃତ ବଜାର ଦର

